CMYK

- Vol.- 46, Issue No. 178
- Sunday, 27 September 2026
- ରବିବାର,୨୭ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବେଦାନ୍ତ ଅଧକ୍ଷ



- ★ ୧ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ, ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ
- ★ ଢେଙ୍କାନାଳରେ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟ
- ★ ରାୟଗଡ଼ାରେ ଆଲୁମିନା ରିଫାଇନାରୀ, ଝାରସୁଗୁଡ଼ାରେ ସଂପ୍ରସାରଣ
- ★ ପଶ୍ଚିମ ଓଡ଼ିଶାରେ ବଡ଼ ହସପିଟାଲ
- ★ ପୁଞ୍ଜିନିବେଶକୁ ମିଳିବ ସହଯୋଗ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୯: ବେଦାନ୍ତ ଗ୍ରୁପର ଅଧକ୍ଷ ଅନିଲ ଅଗ୍ରୱାଲ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଓଡ଼ିଶାରେ ବେଦାନ୍ତର ପ୍ରସ୍ତାବିତ ୧ ଲକ୍ଷ କୋଟି ଟଙ୍କାର ଆଲୁମିନିୟମ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି । ଓଡ଼ିଶାରେ ବେଦାନ୍ତର ବିଭିନ୍ନ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ, ସ୍ଥାନୀୟ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ଓ ଶିଳ୍ପ ସଂସ୍ଥା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉପରେ ବୈଠକର ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଛି । ବେଦାନ୍ତର ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ଢେଙ୍କାନାଳ ଜିଲ୍ଲାରେ ବାର୍ଷିକ ୩୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟ । ସେହିପରି ରାୟଗଡ଼ା ଜିଲ୍ଲାରେ ବାର୍ଷିକ ୬୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନା ରିଫାଇନାରୀ । ଆଲୋଚନା ସମୟରେ ଅନିଲ ଅଗ୍ରୱାଲ ଝାରସୁଗୁଡ଼ାରେ ସ୍ଥିତ ଗୋଟିଏ ୧ ଏମଟିପିଏ ବିଶିଷ୍ଟ ଆଲୁମିନିୟମ ସ୍ମେଲ୍ଟର ପ୍ଲାଣ୍ଟର ସଂପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି । ନିଯୁକ୍ତି ସୃଷ୍ଟି ଏବଂ ସ୍ଥାନୀୟ ବିକାଶରେ ଏହି ପ୍ରକଳ୍ପଗୁଡ଼ିକର ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଲୁମିନିୟମ କ୍ଷେତ୍ରରେ ଏହି ପୁଞ୍ଜିନିବେଶକୁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବେଦାନ୍ତ ଗ୍ରୁପର ଅଧକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି, 'ଆମର ପ୍ରସ୍ତାବିତ ପୁଞ୍ଜିନିବେଶ ଗୁଡ଼ିକର ଲକ୍ଷ୍ୟ ହେଉଛି ଏକ ବିଶ୍ୱସ୍ତରୀୟ ଶିଳ୍ପ ପରିବେଶ ପ୍ରତିଷ୍ଠା କରିବା । ବେଦାନ୍ତ ପଶ୍ଚିମ ଓଡ଼ିଶାରେ ଏକ ୧୦୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା କରିବ । ବୈଠକରେ ଅନୀଲ ଅଗ୍ରୱାଲ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଛନ୍ତି । ଆଗାମୀ ପ୍ରକଳ୍ପ ଦ୍ୱାରା ୨ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

### ଏସ୍‌ଆଇଆରକୁ ନେଇ ନୂଆ ମୋଡ଼ : ନିର୍ବାଚନ କମିଶନଙ୍କ ନିଷ୍ପତ୍ତି

# ଘରକୁ ଯାଇ ଦସ୍ତାବିଜ ସଂଗ୍ରହ କରିବେ ବିଏଲ୍‌ଓ

## ଗରିବ ଓ ବାସହୀନଙ୍କୁ ସହାୟତା ପାଇଁ ହେବ ଡେସ୍କ ସ୍ଥାପନ



ନୂଆଦିଲ୍ଲୀ,୨୬।୯:ଏସଆଇଆର(ସ୍ୱତନ୍ତ୍ର ସଘନ ସଂଶୋଧନ)କୁ ନେଇ ଉପୁଜିଥିବା ବିବାଦ ମଧ୍ୟରେ ଶନିବାର ନିର୍ବାଚନ କମିଶନଙ୍କ ପକ୍ଷରୁ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନେକ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହ ନିର୍ବାଚନ କମିଶନର ଡ. ସୁଖବୀର ସିଂହ ସାନ୍ଧୁ ଓ ଡ. ବିବେକ ଜୋଶୀ ବୈଠକରେ ଉପସ୍ଥିତ ଥିଲେ । କମିଶନଙ୍କ ନିଷ୍ପତ୍ତି ଅନୁସାରେ, ଏସଆଇଆରରେ ନୋଟିସ୍ ପାଇଥିବା ଲୋକଙ୍କ ଘରକୁ ବିଏଲଓମାନେ ଯାଇ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରିବେ । ସାଧାରଣତଃ ଏଥିପାଇଁ ଅଲଗା ଶୁଣାଣିର ଆବଶ୍ୟକତା ରହିବ ନାହିଁ । ଏହାସହ ଶ୍ରମିକ, ଗରିବ ଓ ବାସହୀନ ଲୋକଙ୍କ ସହାୟତା ପାଇଁ ଆବଶ୍ୟକ ସ୍ଥାନରେ ରାତ୍ରି ଆଶ୍ରୟସ୍ଥଳ ଓ ସହାୟତା ଡେସ୍କ ସ୍ଥାପନ କରିବାକୁ ଡିଇଓମାନଙ୍କୁ କୁହାଯାଇଛି । ଫର୍ମ-୬ ସହ ଘୋଷଣା ଫର୍ମ ସମ୍ପର୍କରେ କମିଶନ କହିଛି ଯେ ଏସଆଇଆର ପ୍ରକ୍ରିୟାରେ ଏହାର ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି । ସେହିପରି ଇସିନେଟ୍‌ର ସମୀକ୍ଷା ପାଇଁ ଜଣେ ବରିଷ୍ଠ ଡିଇସି ଓ ଜଣେ ସ୍ୱାଧୀନ ଆଇଆଇଟି/ଆଇଆଇଏମ୍ ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରାଯିବ । ଦିଲ୍ଲୀରେ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ଅକ୍ଟୋବର ୩୦ ଏବଂ ମହାରାଷ୍ଟ୍ରରେ ଅକ୍ଟୋବର ୧୨ ରଖାଯାଇଛି । ଏଣିକି କମିଶନର ସମସ୍ତ ବୈଠକର ଏଜେଣ୍ଡା ପୂର୍ବରୁ ପଠାଯିବା ସହ ବୈଠକର ବିବରଣୀ ପ୍ରକାଶ କରାଯିବ ବୋଲି କୁହାଯାଇଛି ।ଅନ୍ୟପକ୍ଷରେ, ବିହାର ଓ ପଶ୍ଚିମବଙ୍ଗ ସମେତ ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଶେଷ ହୋଇଥିବା କମିଶନ କହିଛି । ଏସଆଇଆର ସମୟରେ କିମ୍ବା ପରେ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିଥିବା ବ୍ୟକ୍ତି, ଯୁବ ଭୋଟର ଓ ପ୍ରଥମ ଥର ଭୋଟରମାନେ ନିରନ୍ତର ସଦ୍ୟତନ(ଅପଡେଟ୍)ପ୍ରକ୍ରିୟାରେ ସମ୍ପୃକ୍ତ ଇଆରଓଙ୍କ ନିକଟରେ ଆବେଦନ କରି ନାମ ସାମିଲ କରିପାରିବେ ।

### ୧,୧୦୧ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ

# ଦୁର୍ନୀତିକୁ ବିଷ ମଣନ୍ତୁ: ପଦବୀର ମର୍ଯ୍ୟାଦା ରକ୍ଷା କରନ୍ତୁ




- ୧୭ ମେଳା ମାଧ୍ୟମରେ ଦିଆଗଲାଣି ୪୬,୫୭୫ନିଯୁକ୍ତି
- 'ବୟସ-ଭିତ୍ତିକ ମାନସିକ ସ୍ୱାସ୍ଥ୍ୟ ନିର୍ଦ୍ଦେଶାବଳୀ' ପୁସ୍ତିକା ଉନ୍ମୋଚିତ

ଭୁବନେଶ୍ୱର, ୨୬।୯: ସରକାରୀ ଚାକିରି କେବଳ ଦରମା ପାଇବା କିମ୍ବା ଏକ ସୁରକ୍ଷିତ କାର୍ଯ୍ୟସ୍ଥଳୀ ପାଇବା ନୁହେଁ; ଏହା ରାଜ୍ୟ ଓ ସମାଜର ସେବା କରିବାର ଏକ ପବିତ୍ର ସୁଯୋଗ । ଶନିବାର ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କୃଷି ଶିକ୍ଷା ସଦନରେ ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ୧,୧୦୧ ଜଣ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବାର୍ତ୍ତା ଦେଇଛନ୍ତି ।ବର୍ତ୍ତମାନର ସରକାର ଦାୟିତ୍ୱ ଗ୍ରହଣ କରିବାର ଦୁଇ ବର୍ଷ ତିନି ମାସ ମଧ୍ୟରେ, ଏଭଳି ୧୭ଟି ମେଳା ମାଧ୍ୟମରେ ମୋଟ ୪୬,୫୭୫ ଜଣ ଯୁବକ-ଯୁବତୀଙ୍କୁ ସରକାରୀ ଚାକିରି ପ୍ରଦାନ କରାଯାଇଛି । ଯୁବବର୍ଗଙ୍କ ଆଶା-ଆକାଂକ୍ଷାକୁ ଜନସେବାରେ ପରିଣତ କରିବା ଦିଗରେ ରାଜ୍ୟ ସରକାର କେତେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି, ତାହାର ପ୍ରମାଣ ଭାବେ ମୁଖ୍ୟମନ୍ତ୍ରୀ ଏହି ସଂଖ୍ୟାକୁ ଉଲ୍ଲେଖ କରିଥିଲେ । ନିଯୁକ୍ତି ପାଇଥିବା ଅଧିକାରୀଙ୍କ ମଧ୍ୟରେ ସର୍ବାଧିକ ସଂଖ୍ୟକ ଅଧିକାରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଯୋଗ ଦେଇଛନ୍ତି: ୮୧୪ ଜଣ ମେଡିକାଲ୍ ଅଫିସର ଏବଂ ୯୨ ଜଣ ସହକାରୀ ପ୍ରଫେସର । ନୂତନ ଡାକ୍ତରମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ଯେ ପ୍ରଥମତଃ, ନିଜକୁ ଶାସକ ବୋଲି ଭାବନ୍ତୁ ନାହିଁ । ନିଜକୁ 'ଜନସେବକ' ଭାବରେ ବିଚାର କରନ୍ତୁ । ସେ କହିଲେ ଯେ, ଜନସେବା ହିଁ ମାଧବଙ୍କ ସେବା । ଦ୍ୱିତୀୟତଃ, ଦୁର୍ନୀତିକୁ ନିଜ କ୍ୟାରିୟର ବା ବୃତ୍ତି ପାଇଁ ବିଷ ସଦୃଶ ମନେକରନ୍ତୁ । ତୃତୀୟତଃ, ନିଜ ପଦବୀର ମର୍ଯ୍ୟାଦା ରକ୍ଷା କରନ୍ତୁ । ଚତୁର୍ଥତଃ, 'ଜନ ଶୁଣାଣି' (ଲୋକଙ୍କ ଅଭିଯୋଗ ଶୁଣିବା ଓ ସମାଧାନ କରିବା) କାର୍ଯ୍ୟକ୍ରମକୁ ସର୍ବାଧିକ ଗୁରୁତ୍ୱ ଦିଅନ୍ତୁ । ପଞ୍ଚମତଃ, ତୃଣମୂଳ ସ୍ତରରେ ସରକାରଙ୍କ ଭାବମୂର୍ତ୍ତିକୁ ସ୍ୱଚ୍ଛ ରଖନ୍ତୁ ।ଏହି ଅବସରରେ ସରକାର ଦେଶର ପ୍ରଥମ 'ବୟସ-ଭିତ୍ତିକ ମାନସିକ ସ୍ୱାସ୍ଥ୍ୟ ନିର୍ଦ୍ଦେଶାବଳୀ' ପୁସ୍ତିକା ଉନ୍ମୋଚନ କରିଥିଲେ ।

### ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା

# ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ କେନ୍ଦ୍ରର ପ୍ରତ୍ୟାଖ୍ୟାନ

ବଲାଙ୍ଗିର,୨୬।୯: ଗତ ୨ ବର୍ଷ ତଳେ ତଥା ୨୦୨୪ ମସିହା ସେପ୍ଟେମ୍ବର ୮ରେ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟର ଦ୍ୱିତୀୟ ଏମ୍ସ ସମ୍ବଲପୁରରେ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ । ସମଗ୍ର ଓଡ଼ିଶାରେ ଏହାକୁ ନେଇ ଆନନ୍ଦ ପ୍ରକାଶ ପାଇଥିଲା । ଦୀର୍ଘ ୨ ବର୍ଷ ପରେ ଏହାର ବର୍ତ୍ତମାନ ସ୍ଥିତି ଓ ଅଗ୍ରଗତିକୁ ନେଇ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାରୀ କର୍ମୀ ହେମନ୍ତ କୁମାର ପଣ୍ଡା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସବିଶେଷ ତଥ୍ୟ ମାଗିଥିଲେ । ରାଜ୍ୟ ସରକାରଙ୍କ ବିଭାଗୀୟ ଜନ ସୂଚନା ଅଧିକାରୀ ତଥା ସରକାରଙ୍କ ଉପସଚିବ ଗତ ୨୫ ସେପ୍ଟେମ୍ବର ଦିନ ଶ୍ରୀ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପତ୍ରର ନକଲ ଓ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରର ନକଲ ଶ୍ରୀ ପଣ୍ଡାଙ୍କ ହସ୍ତଗତ ହୋଇଛି । ତଥ୍ୟରୁ ଜଣାପଡିଛି ଯେ, ୨୦୨୪ ମସିହା ଅଗଷ୍ଟ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ସାର ରସାୟନ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ପତ୍ର ମାଧ୍ୟମରେ ରାଜ୍ୟର ଦ୍ୱିତୀୟ ଏମ୍ସ ସମ୍ବଲପୁରରେ ପ୍ରତିଷ୍ଠା କରିବା ପାଇଁ ନିବେଦନ କରିଥିଲେ । କିନ୍ତୁ ୨୦୨୪ ଅକ୍ଟୋବର ୨୩ରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଜେ. ପି. ନଡ୍ଡା ମୁଖ୍ୟମନ୍ତ୍ରୀ ମାଝିଙ୍କୁ ଉତ୍ତର ଦେଇଥିଲେ ଯେ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷାଯୋଜନାରେ ଓଡିଶାର ଭୁବନେଶ୍ୱର ଠାରେ ଏକ ଏମ୍ସ ନିର୍ମାଣ କରାଯାଇଛି ଏବଂ ବାଲେଶ୍ୱରଠାରେ ଏହାର ଏକ ସାଟେଲାଇଟ ସେଣ୍ଟର ମଧ୍ୟ ସ୍ଥାପନ କରାଯାଇଛି । ରାଜ୍ୟର ତିନୋଟି ମେଡିକାଲ କଲେଜ ଯଥା- ବ୍ରହ୍ମପୁର, କଟକ ଓ ବୁର୍ଲାରେ ସୁପର ସ୍ପେଶାଲିଟି ବ୍ଲକ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ପ୍ରତିଷ୍ଠା କରିବା ପାଇଁ ମଞ୍ଜୁର କରାଯାଇଛି । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କର ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ କାର୍ଯ୍ୟ କରାଯାଉଛି । ଯଦି ରାଜ୍ୟ ସରକାର ଏସମ୍ପର୍କରେ କିଛି ପ୍ରସ୍ତାବ ଦେବେ ତାହେଲେ ଆନନ୍ଦର ସହ କେନ୍ଦ୍ର ସହାୟତା ଯୋଗାଇ ଦେବ ବୋଲି ଉଲ୍ଲେଖ କରାଯାଇଛି ବୋଲି ସୂଚନା କର୍ମୀ ଶ୍ରୀ ପଣ୍ଡା କହିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ପତ୍ରରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିବା ସମ୍ବଲପୁର ଏମ୍ସ ସମ୍ପର୍କରେ ପଦଟିଏ ମଧ୍ୟ ଉଲ୍ଲେଖ କରି ନଥିବା ଶ୍ରୀ ପଣ୍ଡା କହିଛନ୍ତି । ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ତଥା ପତ୍ରର ମୁଖ୍ୟ ବିଷୟବସ୍ତୁ ଏମ୍ସ ପ୍ରତିଷ୍ଠାକୁ ପ୍ରତ୍ୟାଖ୍ୟାନ କରାଯାଇଛି । ତୁରନ୍ତ କେନ୍ଦ୍ର ସରକାର ଏଦିଗରେ ବିଚାର କରିବାକୁ ଶ୍ରୀ ପଣ୍ଡା ଦାବି କରିଛନ୍ତି ।

### ଓଡ଼ିଶା ସମ୍ପୂର୍ଣ୍ଣ ମାଓମୁକ୍ତ: ଡିଜିପି

# ସାଇବର ଅପରାଧ ନିୟନ୍ତ୍ରଣ ଉପରେ ପ୍ରାଥମିକତା

ସମ୍ବଲପୁର,୨୬।୯: ଓଡ଼ିଶା ଏବେ ସମ୍ପୂର୍ଣ୍ଣ ମାଓମୁକ୍ତ । ସମ୍ବଲପୁର ଠାରେ ଉତ୍ତରାଞ୍ଚଳ ରେଞ୍ଜସ୍ତରୀୟ ସମୀକ୍ଷା ବୈଠକ ପରେ ଏପରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ପୋଲିସ ଡିଜି ବିନୟତୋଷ ମିଶ୍ର । ସେ କହିଛନ୍ତି, ରାଜ୍ୟର କୌଣସି ସ୍ଥାନରେ ଏବେ ମାଓ କାର୍ଯ୍ୟକଳାପ ନାହିଁ ।ମାଓବାଦୀ କାର୍ଯ୍ୟକଳାପ ନଥିବାରୁ ରାଜ୍ୟରେ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିଛି । ଏବେ ପୁଲିସର ପ୍ରାଥମିକତା ମଧ୍ୟରେ ସାଇବର ଅପରାଧ ନିୟନ୍ତ୍ରଣ ରହିଛି । ସାଇବର ଅପରାଧ ରୋକିବା ପାଇଁ ଅଧିକ ସଂଖ୍ୟକ ସାଇବର ଥାନା ଖୋଲାଯାଉଥିବା ବେଳେ ପୁଲିସକୁ ଅତ୍ୟାଧୁନିକ ଉପକରଣ ଯୋଗାଇ ଦିଆଯାଉଛି । ପୁଲିସ ବାହିନୀର ସାମର୍ଥ୍ୟ ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଆଧୁନିକ ଉପକରଣ ସହିତ ପୋଲିସକୁ ସୁସଜ୍ଜିତ କରିବା ଏବଂ ନୂଆ ପ୍ରଯୁକ୍ତିର ବ୍ୟବହାର ବଢ଼ାଇବା ଦିଗରେ ପଦକ୍ଷେପ ନିଆଯାଉଛି । ସେହିପରି ପଶ୍ଚିମ ଓଡ଼ିଶାରେ କଫ୍ ସିରପ୍ ଓ ଗଞ୍ଜେଇ କାରବାର ରୋକିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ନିଶା ମାଫିଆଙ୍କ ବିରୋଧରେ ମାମଲାର ଦଣ୍ଡବିଧାନ ହାର ବଢ଼ାଇବାକୁ ପୋଲିସ ପ୍ରୟାସ କରୁଛି ବୋଲି ସେ କହିଛନ୍ତି ।ପୁଲିସ ବାହିନୀରେ ଥିବା ଶୂନ୍ୟସ୍ଥାନ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ନିରନ୍ତର ଜାରି ରହିଛି । ନୂଆ ନିଯୁକ୍ତି ସହ ପୋଲିସ ବାହିନୀକୁ ଅଧିକ ସଶକ୍ତ କରାଯାଉଛି ବୋଲି ଡିଜିପି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି ।

# ୩୦ରୁ ଖୋଲିବ ଗୁଣ୍ଡିଚା ମନ୍ଦିର: ପ୍ରଥମ ୩ ଦିନ ମାଗଣା



ପୁରୀ,୨୬।୯(ନିପ୍ର): ଆଗାମୀ ୩୦ ତାରିଖରୁ ଗୁଣ୍ଡିଚା ମନ୍ଦିର ଖୋଲିବ । ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହେବା ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଏ ସଂପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀକହିଛନ୍ତି, ସକାଳ ୬ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲା ରହିବ ଗୁଣ୍ଡିଚା ମନ୍ଦିର । ପ୍ରଥମ ୩ ଦିନ ମାଗଣାରେ ଶ୍ରଦ୍ଧାଳୁମାନେ ମନ୍ଦିରକୁ ପ୍ରବେଶ କରିପାରିବେ । ପରେ ଶ୍ରଦ୍ଧାଳୁଙ୍କ ପାଖରୁ ୧୦ ଟଙ୍କା ଲେଖାଏ ଶୁଳ୍କ ଆଦାୟ କରାଯିବ । ବରିଷ୍ଠ ନାଗରିକ ଓ ଶିଶୁଙ୍କ ପାଇଁ କୌଣସି ଦେୟ ପଡ଼ିବନି । ଶ୍ରଦ୍ଧାଳୁଙ୍କ ପାଇଁ ଜୋତା ଓ ମୋବାଇଲ୍ ଷ୍ଟାଣ୍ଡର ବ୍ୟବସ୍ଥା କରାଯିବ, ଯାହା ଦେୟମୁକ୍ତ ରହିବ ।ସେହିପର ଶ୍ରୀମନ୍ଦିରରେ ପ୍ରବେଶ ନିମନ୍ତେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ଲଟ୍ ବୁକିଂ କିଛି ସମୟ ପାଇଁ ହେବ । ପୁରୀବାସୀଙ୍କ ପାଇଁ ମଧ୍ୟ ସ୍ଲଟ୍ ବୁକିଂ ଓ ସମୟ ଦିଆଯିବ । ଜିଲ୍ଲାପାଳ ଓ ଏସପି ସମୟ ନିର୍ଦ୍ଧାରଣ କରିବେ ।ସେ ଆହୁରି କହିଛନ୍ତି ଯେ ଶ୍ରୀଜିଉଙ୍କ ସୁନାବେଶ ପାଇଁ ନୂଆ ଅଳଙ୍କାର ସେଟ୍ ତିଆରି ହେବ । ଶ୍ରୀମନ୍ଦିର ପ୍ରଶାସନର ନିଜସ୍ୱ ଅର୍ଥରେ ଏହାକୁ ପ୍ରସ୍ତୁତ କରାଯିବ । ଭକ୍ତମାନେ ଯଦି ସ୍ୱଇଚ୍ଛାରେ ଦାନ ଦେବାକୁ ଚାହିଁବେ, ତାହାଲେ ସେମାନେ ତାହା କରିପାରିବେ ।

### ୯.୨୪ କୋଟିରୁ ଅଧିକ ସରକାରୀ ଅର୍ଥ ହେରଫେର !

# ୨ ଜଣଙ୍କୁ ଧରିଲା ଭିଜିଲାନ୍ସ

## ନକଲି ମଞ୍ଜୁରି ନିର୍ଦ୍ଦେଶ ଓ ବିଲ୍ କରିଥିଲେ ପ୍ରସ୍ତୁତ

ଭୁବନେଶ୍ୱର,୨୬।୯: ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ଟଙ୍କା ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଭୁବନେଶ୍ୱରର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ଏସଇ), ରୋଡ୍ସ ଏଣ୍ଡ ବିଲ୍ଡିଂସ୍ (ଆର ଆଣ୍ଡ ବି) ଡିଭିଜନ-୧ଙ୍କ କାର୍ଯ୍ୟାଳୟର ଦୁଇ ଜଣ କର୍ମଚାରୀଙ୍କୁ ଶନିବାର ଭିଜିଲାନସ ଧରିଛି । ସେମାନେ ହେଉଛନ୍ତି ସେକ୍ସନ ଅଫିସର ବନଲତା ମହାନ୍ତି ଓ ଜୁନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ନାୟକ ।ଉଭୟ ଭୁବନେଶ୍ୱରର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର (ଏସଇ), ରୋଡ୍ସ ଏଣ୍ଡ ବିଲ୍ଡିଂସ୍ (ଆର ଆଣ୍ଡ ବି) ଡିଭିଜନ-୧ଙ୍କ କାର୍ଯ୍ୟାଳୟର ଏଷ୍ଟାବ୍ଲିଶମେଣ୍ଟ ସେକ୍ସନରେ କାର୍ଯ୍ୟ କରନ୍ତି । ତଦନ୍ତ ସମୟରେ ଭିଜିଲାନ୍ସ ଜାଣିବାକୁ ପାଇଥିଲେ ଯେ ସେମାନେ ୨୦୨୨-୨୩ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଅର୍ଥ ଆତ୍ମସାତ୍ ହୋଇଛି । ଦୁଇ ଅଭିଯୁକ୍ତ କିଛି ଅଜଣା ସହଯୋଗୀଙ୍କ ସହିତ ମିଶି ଷଡ଼ଯନ୍ତ୍ର କରି ନକଲି ମଞ୍ଜୁର ନିର୍ଦ୍ଦେଶ ଓ ବିଲ୍ ପ୍ରସ୍ତୁତ କରିଥିଲେ ।

# ବର୍ଷା ଓ ବନ୍ୟା ସ୍ଥିତି: ୭୩ ହଜାରରୁ ଅଧିକ ପ୍ରଭାବିତ

- ଆଜି ୬ ଜିଲ୍ଲା ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ
- ୧,୦୭୧ ଗାଁ କ୍ଷତିଗ୍ରସ୍ତ: ପ୍ରଭାବିତ ୪,୪୮୦ ହେକ୍ଟର ଫସଲ ଜମି
- ଦକ୍ଷିଣ ଓଡ଼ିଶାରେ ଦୁର୍ଦ୍ଦଶା ଅଧିକ
- ଛତିଶଗଡ଼ରେ ପ୍ରବଳ ବର୍ଷାରୁ ମହାନଦୀ ଉଚ୍ଛୁଳିଛି
- ଝାଡ଼ଖଣ୍ଡ ବର୍ଷାରୁ ମୟୂରଭଞ୍ଜ ପ୍ରଭାବିତ
- ୨୭ ମଧ୍ୟରାତ୍ରିରେ ମୁଣ୍ଡଳି ଦେଇ ଯିବ ୬ ଲକ୍ଷ କ୍ୟୁସେକ ଜଳ



ଭୁବନେଶ୍ୱର,୨୬।୯: ଗଭୀର ଅବପାତ ଏବଂ ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ୧୦ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଛି । କଟକ ଜିଲ୍ଲାର ବଡ଼ମ୍ବାରେ ସର୍ବାଧିକ ୧୨୦.୦ ମିମି ବର୍ଷା ରେକର୍ଡ ହୋଇଛି । ୩ଟି ସ୍ଥାନରେ ୧୦୦ ମିମିରୁ ଅଧିକ ଏବଂ ୪୨ଟି ସ୍ଥାନରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି । ବର୍ଷା ଓ ବନ୍ୟା ସ୍ଥିତି ଯୋଗୁଁ ରାଜ୍ୟର ୭୩,୦୮୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ୪୦,୩୨୯ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେହିପରି ରାଜ୍ୟର ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟର ୮୦ଟି ବ୍ଲକ୍, ୩୨୫ଟି ଗ୍ରାମପଞ୍ଚାୟତ, ୧,୦୭୧ଟି ଗାଁ ଏବଂ ୧୦ଟି ପୌରାଞ୍ଚଳର ୪୯ଟି ୱାର୍ଡ ପ୍ରଭାବିତ ହୋଇଛି । ୧୬ଟି ଗାଁ ଜଳବନ୍ଦୀ ରହିଥିବା ବେଳେ ୭୨୧ଟି ଘର ଆଂଶିକ ବା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ୪,୪୮୦ ହେକ୍ଟର ଫସଲ ଜମି ପ୍ରଭାବିତ ହୋଇଛି । ମଣିଷ କିମ୍ବା ଗୃହପାଳିତ ପଶୁଙ୍କ ଜୀବନହାନି ହୋଇନଥିବା ବେଳେ ନୂଆପଡ଼ା, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରୁ ଶୂନ୍ୟ କ୍ଷୟକ୍ଷତି ରିପୋର୍ଟ ଆସିଛି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦକ୍ଷିଣ ଓଡ଼ିଶା ଅଧିକ ପ୍ରଭାବିତ ହୋଇଛି । କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି ଜିଲ୍ଲାରେ ବ୍ୟାପକ ପ୍ରଭାବିତ ହୋଇଛି । ଛତିଶଗଡ଼ର ଉପର ମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ମହାନଦୀରେ ପ୍ରବଳ ପାଣି ହୋଇଛି । ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ପାଇଁ ବାଲେଶ୍ୱରରେ ପାଣି ପହଞ୍ଚିବ । ଭଦ୍ରକ ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ପ୍ରଭାବିତ ହେବ । ଝାରଖଣ୍ଡରୁ ପାଣି ଆସିବାରୁ ମୟୂରଭଞ୍ଜ ପ୍ରଭାବିତ ହୋଇଛି । ଏକ ସୂତ୍ରରୁ ପ୍ରକାଶ ଯେ ୨୭ ମଧ୍ୟରାତ୍ରିରେ ମୁଣ୍ଡଳି ଦେଇ ୬ ଲକ୍ଷ କ୍ୟୁସେକ ଜଳ ଅତିକ୍ରମ କରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ବନ୍ୟା ପ୍ରଭାବିତ ଗଜପତି, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ଗଂଜାମ ଓ କୋରାପୁଟ ଆକାଶମାର୍ଗରୁ ଅନୁଧ୍ୟାନ କରିବେ ।

CMYK

# ଦୂବର ଆଧ୍ୟାତ୍ମିକ ଓ ଔଷଧୀୟ ଶକ୍ତି

## ବିଷ୍ଣୁଙ୍କ ଅଂଶରୁ ସଦା ପବିତ୍ର



ହିନ୍ଦୁ ଧର୍ମରେ ଏକ ପ୍ରକାରର ଲଟା ଜାତୀୟ ଉଦ୍ଭିଦ ଯାହାକୁ ଓଡ଼ିଆରେ ଦୂବ କୁହାଯାଏ, ତାହାର ଆମ ସନାତନ ଧର୍ମରେ ଅତ୍ୟନ୍ତ ମହତ୍ତ୍ୱ ରହିଛି। ଦୂବ ବିନା କୌଣସି ଶୁଭ ମାଙ୍ଗଳିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ। ଲୋକମାନେ ପ୍ରାୟତଃ ଦୂବକୁ ଘାସ ବୋଲି ଭାବନ୍ତି କିନ୍ତୁ ଏହା ସତ୍ୟ ନୁହେଁ, ଏହା ଏକ ପବିତ୍ର ଗୁଳ୍ମ । ଦୂବ ସବୁଜ ରଙ୍ଗର ଏବଂ ପୃଥିବୀରେ ସବୁଠି ସବୁଆଡ଼େ ବ୍ୟାପିଥାଏ ଓ ଏହା ଉପରକୁ ନ ଉଠି ଭୂମିରେ ମାଡି ଥାଏ । ପୁରାଣ ଅନୁସାରେ, ଦୂବ ସମୁଦ୍ର ମନ୍ଥନରୁ ଉତ୍ପନ୍ନ ହୋଇଥିଲା। ଏହାକୁ ସମୁଦ୍ର ମନ୍ଥନ ସମୟରେ ଉତ୍ପାଦିତ ଅନ୍ୟ ୮୪ ରତ୍ନ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଆମ ଶାସ୍ତ୍ରୀୟ ମାନ୍ୟତା ଓ ଏକ କାହାଣୀ ଅନୁସାରେ, ଯେତେବେଳେ ଦେବତା ଏବଂ ରାକ୍ଷସମାନେ ସମୁଦ୍ର ମନ୍ଥନ ସମୟରେ କ୍ଳାନ୍ତ ହୋଇଗଲେ, ଭଗବାନ ବିଷ୍ଣୁ ମନ୍ଦର ପର୍ବତକୁ ତାଙ୍କ ଜଙ୍ଘରେ ରଖି ନିଜେ ସମୁଦ୍ର ମନ୍ଥନ କରିବାକୁ ଲାଗିଲେ। ମନ୍ଦାର ପର୍ବତ ସହିତ ଘର୍ଷଣ ଯୋଗୁଁ ଭଗବାନ ବିଷ୍ଣୁଙ୍କ ଜଙ୍ଘର ଏକ କେଶ ଭାଙ୍ଗିଗଲା, ଯାହା ଦୂବକୁ ଜନ୍ମ ଦେଲା। ନାରାୟଣଙ୍କ ଶରୀରର ଏକ ଅଂଶ ହୋଇଥିବାରୁ, ଏହାକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଅମୃତ ଗ୍ରହଣ କରିବା ପରେ ଯେତେବେଳେ ସମୁଦ୍ର ମନ୍ଥନ ଶେଷ ହେଲା, ନାରାୟଣ ମୋହିନୀ ରୂପ ନେଇ କିଛି ସମୟ ପାଇଁ ଏହି ଦୂବ ଅମୃତ ରଖିଥିଲେ। ଅମୃତର ସ୍ପର୍ଶ ଯୋଗୁଁ ଏହାର ପବିତ୍ରତା ଆହୁରି ବୃଦ୍ଧି ପାଇଲା ଏବଂ ଏହି ଗଛ ଅମର ହୋଇଗଲା। ସେଥିପାଇଁ ଦୂବ ଏକମାତ୍ର ଗଛ ଯାହା ଯେକୌଣସି ପରିସ୍ଥିତିରେ କାହାର ସାହାଯ୍ୟ ବିନା ନିଜେ ବଢ଼ିପାରେ। ଏହା ଦୂର୍ବା, ଅମୃତ, ଅନନ୍ତ, ଗୌରୀ, ମହୌଷଧି, ଶତପର୍ବ, ଭାର୍ଗବୀ ଇତ୍ୟାଦି ନାମରେ ମଧ୍ୟ ଜଣାଶୁଣା। ସମୁଦ୍ର ମନ୍ଥନ ପରିପ୍ରେକ୍ଷୀରେ, ଆମର ଧାର୍ମିକ ଗ୍ରନ୍ଥଗୁଡ଼ିକରେ ଦୂବ ପାଇଁ ଏକ ଶ୍ଳୋକ ଅଛି। ଦୂବ ସର୍ବଦା ଭୂମିରେ ବଢ଼େ ଏବଂ ଉପରକୁ ଉଠି ନ ଥାଏ। ଏହାର ଅର୍ଥ ଯେ ଯେଉଁମାନେ ମୁଣ୍ଡ ନଇଁ କରି ଚାଲିଥାନ୍ତି ସେମାନଙ୍କର କୌଣସି କ୍ଷତି ହୋଇପାରେ ନାହିଁ, ଯେପରି ବନ୍ୟା ଆସିଲେ ଘାସ ପଡ଼ିଯାଏ ଏବଂ ବନ୍ୟା ତା ଉପରେ ଚାଲିଯାଏ। ଏହା ଘାସକୁ ଆହୁରି ବଢ଼ିବାକୁ ଦିଏ, କିନ୍ତୁ ବଡ଼ ବଡ଼ ଗଛ ଯାହା ବଙ୍କା ହୁଏ ନାହିଁ ତାହା ବନ୍ୟା ଦ୍ୱାରା ଭାସିଯାଏ। ଦୂବ କେବଳ ପୂଜାରେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ବିନା କୌଣସି ଯଜ୍ଞ ସମ୍ପୂର୍ଣ୍ଣ ହୁଏ ନାହିଁ। ଏହା ବିଶ୍ୱାସ କରାଯାଏ ଯେ ଦୂବ ଯଜ୍ଞର ତିନୋଟି ପ୍ରମୁଖ ଦୋଷକୁ ନଷ୍ଟ କରେ, ଯଥା ପରମାଣୁ, କର୍ମ ଏବଂ ଭୌତିକ। ହିନ୍ଦୁ ରୀତିନୀତି ଏବଂ ସମସ୍ତ ୧୬ ଧର୍ମ କାର୍ଯ୍ୟରେ ଦୂବ ବ୍ୟବହାର କରାଯାଏ। ଦୂବ ବିନା ଯେକୌଣସି ଶୁଭ ଅବସରକୁ ଅପୂର୍ଣ୍ଣ ବୋଲି ବିବେଚନା କରାଯାଏ।

### ଦୂବ ସହିତ ପୂଜାରେ ସ୍ୱାମୀଙ୍କ ବାସସ୍ଥାନ ପ୍ରାପ୍ତି

ମହିଳାମାନଙ୍କୁ ଦୂବ ପୂଜା କରିବାକୁ ବିଶେଷ ଭାବରେ ଉତ୍ସାହିତ କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ସେମାନଙ୍କର ବୈବାହିକ ସୁଖ ନିଶ୍ଚିତ ହୁଏ। ଆମେ ସୀତା ଏବଂ ଦମୟନ୍ତୀ ପରି ମହାପତ୍ନୀମାନଙ୍କ ଦ୍ୱାରା ଦୂବ ପୂଜା ବିଷୟରେ ବିଭିନ୍ନ ଶାସ୍ତ୍ରରେ ମଧ୍ୟ ଦେଖାଯାଏ । ଏହା ବିଶ୍ୱାସ କରାଯାଏ ଯେ ଦୂବ ସହିତ ପୂଜା କରୁଥିବା ଯେକୌଣସି ମହିଳା ତାଙ୍କ ସ୍ୱାମୀଙ୍କ ସହିତ ତାଙ୍କ ସ୍ୱାମୀଙ୍କ ବାସସ୍ଥାନ ପ୍ରାପ୍ତ କରନ୍ତି। ଯଦିଓ ଏହା ସମସ୍ତ ଦେବତାଙ୍କ ପ୍ରିୟ, କିନ୍ତୁ ବିଶେଷ କରି ଏହା ଭଗବାନ ଗଣେଶଙ୍କ ପାଇଁ ଅଧିକ ପ୍ରିୟ। ଏହି ସମ୍ବନ୍ଧୀୟ ଏକ କାହାଣୀ ପୁରାଣରେ ଉଲ୍ଲେଖ ଅଛି। ଜଣେ ଅସୁର ଯାହାର ନାମ ଅନଳାସୁର, ଯିଏ ଅଗ୍ନିକୁ ନିୟନ୍ତ୍ରଣ କରିଥିଲେ। ଏହାର ଶକ୍ତି ଦ୍ୱାରା ସେ ସମଗ୍ର ବ୍ରହ୍ମାଣ୍ଡକୁ ଯନ୍ତ୍ରଣା ଦେଇଥିଲେ। ସ୍ୱୟଂ ଭଗବାନ ଇନ୍ଦ୍ର ମଧ୍ୟ ତାଙ୍କୁ ପରାସ୍ତ କରିପାରିଲେ ନାହିଁ। ତା'ପରେ, ସମସ୍ତ ଦେବତା ଭଗବାନ ଶିବଙ୍କ ଆଶ୍ରୟ ନେଇଥିଲେ, ଭଗବାନ ମହାଦେବ ତାଙ୍କ ପୁତ୍ର ଭଗବାନ ଗଣେଶଙ୍କୁ ପୃଥିବୀର କଲ୍ୟାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିତାଙ୍କ ଆଜ୍ଞା ପାଳନ କରି, ଭଗବାନ ଗଣେଶ ଅନଳାସୁର ସହିତ ଯୁଦ୍ଧ କରିଥିଲେ ଏବଂ ତାଙ୍କୁ ଜୀବନ୍ତ ଗିଳି ଦେଇଥିଲେ, ଦେବତାମାନଙ୍କୁ ତାହାର ଭୟରୁ ମୁକ୍ତ କରିଥିଲେ। ଯେତେବେଳେ ଭଗବାନ ଗଣେଶ ଅନଳାସୁରକୁ ଗିଳି ଦେଇଥିଲେ, ତାପରେ ତାଙ୍କ ପେଟରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ତା'ପରେ ମହର୍ଷି କଶ୍ୟପ ତାଙ୍କୁ ଖାଇବାକୁ ୨୧ ଗୋଟି ଦୂବ ଦେଇଥିଲେ, ଯାହାକୁ ଖାଇବା ପରେ ସେ ସେହି ଉତ୍ତାପରୁ ମୁକ୍ତି ପାଇଥିଲେ। ସେବେଠାରୁ ଭଗବାନ ଗଣେଶଙ୍କୁ ଦୂବ ଅର୍ପଣ କରିବାର ଏକ ବିଶେଷ ପରମ୍ପରା ଅଛି।



### ବାତ, ପିତ୍ତ ଏବଂ କଫ ଦୋଷ ଦୂର କରିପାରେ

ସାଧାରଣତଃ ଭଗବାନ ଗଣେଶଙ୍କୁ ୧୧ଟି ଦୂବ ଅର୍ପଣ କରାଯାଏ ଏବଂ ପ୍ରତ୍ୟେକ ମନ୍ତ୍ର ସହିତ ତାଙ୍କର ଗୋଟିଏ ମନ୍ତ୍ର ଜପ କରାଯାଏ। ଭଗବାନ ଗଣେଶଙ୍କ ଏହି ୧୧ଟି ମନ୍ତ୍ର ହେଉଛି - ଓମ୍ ଗଣ ଗଣପତାୟ ନମଃ, ଓମ୍ ଗଣାଧିପାୟ ନମଃ, ଓମ୍ ଉମାପୁତ୍ରାୟ ନମଃ, ଓମ୍ ବିଘ୍ନନାଶନାୟ ନମଃ, ଓମ୍ ବିନାୟକାୟ ନମଃ, ଓମ୍ ଇଶୁତ୍ରାୟ ନମଃ, ଓମ୍ ସର୍ବସିଦ୍ଧିପ୍ରଦାୟ ନମଃ, ଓମ୍ ଏକାଦନ୍ତୟ ନମଃ, ଓମ୍ ଇଭାବକ୍ତ୍ରାୟ ନମଃ, ଓମ୍ ମୁଷ୍ଣବାହନୟ । ନମଃ ଏବଂ ଓମ୍ କୁମାରଗୁରଭେ ନମଃ। ଶ୍ରୀ ଗଣେଶଙ୍କ ପାଇଁ ଔଷଧ ବ୍ୟବହାର କରିଥିବା ଦୂବକୁ ଆୟୁର୍ବେଦରେ ଗୁରୁତ୍ୱ ଦିଆଯାଏ।ଏହାକୁ ଔଷଧୀୟ ଗୁଣରେ ପରିପୂର୍ଣ୍ଣ ବୋଲି ବିବେଚନା କରାଯାଏ। କୁହାଯାଏ ଯେ, ତ୍ରିଫଳା ବ୍ୟତୀତ, ଦୁବ ହେଉଛି ଏକମାତ୍ର ଔଷଧି ଯାହା ତିନୋଟି ମୁଖ୍ୟ ରୋଗକୁ ଦୂର କରିପାରେ, ତାହା ହେଲା ବାତ, ପିତ୍ତ ଏବଂ କଫ। ଏହାକୁ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଭାବରେ ବିବେଚନା କରାଯାଏ, ଏବଂ ଏହାର ସେବନ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ଏହା ବ୍ୟତୀତ, ଦୂବ ଅନିଦ୍ରା ଏବଂ ଚର୍ମ ରୋଗ ସହିତ ଲଢ଼ିବାରେ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ରକ୍ତକୁ ଶୁଦ୍ଧ କରେ ଏବଂ ଗଳା ସମ୍ବନ୍ଧୀୟ ରୋଗ ପାଇଁ ମଧ୍ୟ ବ୍ୟବହୃତ ହୁଏ। ଦୂବର ସବୁଠାରୁ ପ୍ରସିଦ୍ଧ ଗୁଣ ହେଉଛି ଦୃଷ୍ଟିଶକ୍ତି ଉନ୍ନତ କରିବା। କୁହାଯାଏ ଯେ ସକାଳୁ ସକାଳୁ ଦୂବରେ ଖାଲି ପାଦରେ ଚାଲିବା ଦ୍ୱାରା ଦୁର୍ବଳ ଦୃଷ୍ଟିଶକ୍ତି ମଧ୍ୟ ପୁନରୁଦ୍ଧାର ହୁଏ। ଏହା ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ଅଭ୍ୟାସ କରାଯାଉଥିବା ଏକ ପରୀକ୍ଷିତ ଏବଂ ପରୀକ୍ଷିତ ଉପଚାର। ସାମଗ୍ରିକ ଭାବରେ, ଦୂବ ହିନ୍ଦୁ ଧର୍ମର ସବୁଠାରୁ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ଔଷଧି ମଧ୍ୟରୁ ଗୋଟିଏ, ଯାହା କେବଳ ପୂଜା ଏବଂ ରୀତିନୀତିରେ ନୁହେଁ ବରଂ ଚିକିତ୍ସା ବିଜ୍ଞାନରେ ମଧ୍ୟ ବ୍ୟବହୃତ ହୁଏ। ଏହା ଏହି ଜଗତରେ ପ୍ରକୃତିରୁ ଏକ ବରଦାନ ପରି।

-ଡ. ଅମୂଲ୍ୟ କୁମାର ପଣ୍ଡା,
ଯାଜପୁର, ମୋ- ୮୨୪୯୫୦୨୭୭୬

## ଦୃଷ୍ଟିଶକ୍ତି ବଢ଼ାଇବା ପାଇଁ

# ଜୁସ୍

ଆଜିର ବ୍ୟସ୍ତବହୁଳ ଜୀବନରେ ଆମେ ନିଜର ଆଖିର ଯତ୍ନ କଥାକୁ ପ୍ରାୟତଃ ଭୁଲିଯାଉଛେ । ଖରାପ ଜୀବନଶୈଳୀ, ସନ୍ତୁଳିତ ଆହାର ନଖାଇବା ଏବଂ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର ମୋବାଇଲରେ କାମ କରିବା ଫଳରେ ଆଖିକୁ କଷ୍ଟ ହେବା ସାଧାରଣ କଥା । ଅଧିକ ସମୟ ଧରି ସ୍କ୍ରିନକୁ ଦେଖିବା ଦ୍ୱାରା ଆମ ଆଖି ଉପରେ ଏହାର କୁପ୍ରଭାବ ପଡୁଛି ଫଳରେ ଆମକୁ ବାଧହୋଇ ଚଷମା ବ୍ୟବହାର କରିବାକୁ ପଡୁଛି । ସେହିଭଳି ଆଜିକାଲି ପିଲାମାନେ ମଧ୍ୟ ଅଧିକ ସମୟ ଧରି ମୋବାଇଲରେ ଭିଡିଓ ଗେମ ଆଦି ଖେଳୁଛନ୍ତି ଫଳରେ କମ ବୟସରେ ବି ପିଲାଙ୍କ ଦୃଷ୍ଟି ଶକ୍ତି କମିଯାଉଛି । ଏମିତିରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏଥିପାଇଁ ଆପଣ ସବୁଜ ପନିପରିବା, ଶାଗ ଆଦିର ଖାଇପାରିବେ । ଏହାଛଡ଼ା ଆପଣ ଅନେକ ପ୍ରକାରର ଜୁସ୍ ମଧ୍ୟ ସେବନ କରିପାରିବେ । ଏଥିରେ କ୍ୟାରେଟେନଏଡ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ ଯାହା ମ୍ୟାକୁଲାକୁ ସୁସ୍ଥ ରଖିଥାଏ । ତେବେ ଆସନ୍ତୁ ଜାଣିବା ଦୃଷ୍ଟି ଶକ୍ତି ପାଇଁ କେଉଁ ଜୁସ୍ ସେବନ କରିପାରିବେ । **ଗାଜର ଜୁସ୍-** ଆଖିର ଦୃଷ୍ଟି ଶକ୍ତି ବଢ଼ାଇବା ପାଇଁ ଗାଜରର ଜୁସ୍ ପିଇପାରିବେ । ଗାଜରରେ ଭିଟାମିନ ଏ ରହିଛି ଯାହା ଦୃଷ୍ଟି ଶକ୍ତି ପାଇଁ ବହୁତ ଜରୁରୀ । ଗାଜର ଜୁସ ବ୍ୟବହାର ପିଇବା ଦ୍ୱାରା ଦୃଷ୍ଟି ଶକ୍ତି ବଢ଼ିଥାଏ । **ପାଳଙ୍ଗ ଜୁସ-** ସବୁଜ ପତ୍ର ଯେପରିକି ଶାଗ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବଢ଼ିବା କଥା ଆପଣ ନିଶ୍ଚୟ ଜାଣିଥିବେ । ଶାଗ କେବଳ ଦୃଷ୍ଟି ଶକ୍ତି ନୁହେଁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ହୋଇଥାଏ । ବିଶେଷକରି ପାଳଙ୍ଗ ଶାଗର ଜୁସ ଅନେକ ଫାଇଦା ଦେଇଥାଏ ।



ଯଦି ଆପଣ ପ୍ରତିଦିନ ଏକ ଗ୍ଲାସ ପାଳଙ୍ଗ ଜୁସ ପିଉଛନ୍ତି ତେବେ ଦୃଷ୍ଟି ଶକ୍ତି ଧୀରେ ଧୀରେ ଭଲ ହେବାକୁ ଲାଗିବ । ପାଳଙ୍ଗରେ ଭିଟାମିନ ଏ, ଭିଟାମିନ ସି, ଭିଟାମିନ କେ, ମ୍ୟାଗ୍ନେସିୟମ, ଆଇରନ ପ୍ରଚୁର ମାତ୍ରାରେ ରହିଥାଏ । **ଅଁଳା ଜୁସ-** ଦୃଷ୍ଟି ଶକ୍ତି ବଢ଼ାଇବାକୁ ଅଁଳା ଜୁସ ବହୁତ ସାହାଯ୍ୟକାରୀ । ଅଁଳାରେ ଭିଟାମିନ ସି ରହିଛି ଯାହା ଆଖି ପାଇଁ ଉପକାରୀ । ଅଁଳାକୁ ଆପଣ କଞ୍ଚା ବି ଖାଇପାରିବେ ।

# ତୃଣାବର୍ତ୍ତର ବିନାଶ





ଦିନେ ଯଶୋଦା ମାତା ବାଳ କୃଷ୍ଣଙ୍କୁ କୋଳରେ ବସାଇ ଝୁଲାଉଥିଲେ। ଏହିପରି ଦୀର୍ଘ ସମୟ ଝୁଲାଇବା ପରେ ଗୋଡ଼ କାଟିବାରୁ ସେ କୃଷ୍ଣଙ୍କୁ ନିଜ ପାଖରେ ତଳେ ବାରଣ୍ଡାରେ ଶୁଆଇ ଦେଲେ। କୃଷ୍ଣ ଗୋଡ଼ହାତ ହଲାଇ ବେଶ୍ ଖେଳୁଥାନ୍ତି। ଏହା ଦେଖି ଯଶୋଦା ରାଣୀ ବି ଆନନ୍ଦିତ ହେଉଥାନ୍ତି। କିଛି ସମୟ ବିତିବା ପରେ କୌଣସି କାମରେ ଯଶୋଦା ହଠାତ୍ ଉଠି ଘର ଭିତରକୁ ପଳାଇଛନ୍ତି। କୃଷ୍ଣଙ୍କ ପାଖରେ ଆଉ କେହି ନାହାନ୍ତି। ଏହି ସମୟରେ ତୃଣାବର୍ତ୍ତ ନାମକ ଏକ ଅସୁର ଗୋକୁଳ ଆସି କୃଷ୍ଣଙ୍କୁ ଏକୁଟିଆ ଦେଖିଛି। ତେଣୁ ସେ ଖଣ୍ଡିଆଭୂତ ରୂପ ନେଇ ଖୁବ୍ ଜୋର୍‌ରେ ଘୂର୍ଣ୍ଣିଝଡ଼ କରାଇଛି। ଏତିକି ନୁହେଁ ଖଣ୍ଡିଆ ଭୂତ ହୋଇ ସେ କୃଷ୍ଣଙ୍କୁ ଉଠାଇ ଆଣି ଆକାଶକୁ ଫିଙ୍ଗି ଦେବାକୁ ପ୍ରୟାସ କରିଛି। କୃଷ୍ଣ ବି ଲୀଳା ରଚିଛନ୍ତି। ସେ ଚଟାପଟ୍ ଖଣ୍ଡିଆ ଭୂତର କାନ୍ଧ ଉପରେ ଯାଇ ବସି ତାର ତଣ୍ଟି ଚିପି ଧଇଲେ। ତଣ୍ଟି ଚିପି ହୋଇଯିବାରୁ ରାକ୍ଷସ ଅଣନିଶ୍ୱାସୀ ହୋଇ ତଳେ ପଡ଼ିଗଲା। ତାର ମୁଣ୍ଡ ତଳେ ପିଟି ହୋଇଗଲା। ତେଣୁ ସେ ଚିତ୍କାର କରି ସେହିଠାରେ ଟଳି ପଡ଼ିଲା। ମଲା ବେଳକୁ ତାର ଅସଲି ରୂପରେ ଆସିଗଲା। ଏ ସବୁ ଘଟଣା ମାତ୍ର କିଛି ସମୟ ଭିତରେ ଘଟିଗଲା ଯେ କେହି ବିଶ୍ୱାସ କରିପାରିଲେ ନାହିଁ। ସେପଟେ ଯଶୋଦା କୃଷ୍ଣଙ୍କ ପାଇଁ ବହୁତ କାନ୍ଦୁଥିଲେ। କିନ୍ତୁ ତାଙ୍କର କିଛି ହୋଇ ନଥିବାରୁ ଆଶ୍ୱସ୍ତ ହେଲେ।

# ହସ୍ତୀନା ବଳରାମ





ବଡ଼ଠାକୁର ତଥା ସ୍ୱୟଂ ବଳରାମ ଏକ ପାଗଳ ହାତୀକୁ ଦ୍ୱାପର ଯୁଗର ଲୀଳାକ୍ରମରେ ମାରିଥିଲେ । ଯାହାକି ରାକ୍ଷସ ରାଜା କଂସ ଦ୍ୱାରା ପଠାଯାଇଥିଲା । ଠାକୁରଙ୍କ ଶ୍ରୀଅଙ୍ଗରେ ହାତୀ ଠାରୁ ମଧ୍ୟ ଆହୁରି ଅଧିକ ଗୁଣ ବଳ । କୌଣସି ଦେବତା ହାତୀଙ୍କୁ ଟେକି ଧରିବା କେହି କେବେ ଦେଖି ନ ଥିବେ । ଦୁଇ ହାତରେ ହାତୀକୁ ଟେକିଧରି ବଳରାମ (କେହି କୁହନ୍ତି ହସ୍ତୀନା ବଳରାମ) ବିଜେ ହୋଇଛନ୍ତି ତାଳଧ୍ୱଜ ରଥରେ । ବଳରାମ ଅଷ୍ଟ ଭୁଜରେ ଅଙ୍କୁଶ, ମୂଷଳ, ହଳ, ଫାର୍ସା, ଅଭୟ ଓ ବରଦାୟକ ମୁଦ୍ରାରେ ରହିଛନ୍ତି ।

# ଗୃହସ୍ଥ



ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟ ପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା ତାଙ୍କ ପକ୍ଷେ ଉଚିତ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ୍ୟ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ୍ୟ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ୍ୟ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜିହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା । ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ ।

## ବିନମ୍ରତାର ପ୍ରତୀକ

# ପ୍ରାର୍ଥନା



ପ୍ରାର୍ଥନା ମନୁଷ୍ୟକୁ ଈଶ୍ୱରଙ୍କ ନିକଟତର କରାଏ । ଏହା ଆମକୁ ଆନ୍ତରିକ ବଳ ପ୍ରଦାନ କରିବାର କାର୍ଯ୍ୟ କରିଥାଏ । ହୃଦୟରେ ପୂର୍ଣ୍ଣ ବିଶ୍ୱାସ ସହିତ ପ୍ରାର୍ଥନା କରାଗଲେ ପରମେଶ୍ୱର ନିଶ୍ଚିତଭାବେ ଭକ୍ତର ଡାକ ଶୁଣିଥାନ୍ତି । ହେଲେ ପୂର୍ଣ୍ଣ ବିଶ୍ୱାସ ଏବଂ ନିଷ୍ଠା ନଥିଲେ ପ୍ରାର୍ଥନା ନିଷ୍ଫଳ ହୋଇଥାଏ । ଆମ ଜୀବନରେ ବାରମ୍ବାର ଏପରି ଘଟଣା ଘଟିଥାଏ । ପ୍ରାର୍ଥନାରେ ଭାଷାର କୌଣସି ମହତ୍ତ୍ୱ ନାହିଁ । ଭାବ ଜରୁରୀ ହୋଇଥାଏ । ପ୍ରାର୍ଥନା ସହିତ ଉତ୍ତମ କର୍ମ କରିବା ଜରୁରୀ । ତା'ହେଲେ ଯାଇ ମନୁଷ୍ୟ ଈଶ୍ୱରଙ୍କ କୃପା ପ୍ରାପ୍ତ ହୋଇଥାଏ । ପ୍ରାର୍ଥନାରେ ମନ-ମସ୍ତିଷ୍କରେ ଏକାଗ୍ରତା ସହିତ ସମର୍ପଣ ବିଶେଷ ଜରୁରୀ । କେବଳ ସେହିମାନଙ୍କ ଦ୍ୱାରା ହିଁ ସଫଳ ପ୍ରାର୍ଥନା ସମ୍ଭବ, ଯାହାଙ୍କ ହୃଦୟ ନିର୍ମଳ ଥିବ । କାରଣ ନିର୍ମଳ ମନରେ ହିଁ ପରମାତ୍ମାଙ୍କ ନିବାସ ରହିଥାଏ । ପ୍ରାର୍ଥନା ବିନମ୍ରତାର ପ୍ରତୀକ । ବେଦରେ ଅନେକ ପ୍ରକାରର ପ୍ରାର୍ଥନା ବିଷୟରେ କୁହାଯାଇଛି । ଯେତେବେଳେ ବି ଈଶ୍ୱରଙ୍କ ଚରଣରେ ଶରଣ ନେଉଛନ୍ତି, ତାଙ୍କୁ ଅଭୟ ମାଗନ୍ତୁ । କେବଳ ଶବ୍ଦରେ ନୁହେଁ, ମନରୁ ଖରାପ ଭାବନା ଦୂର କରି ପ୍ରାର୍ଥନା କରନ୍ତୁ । ପ୍ରାର୍ଥନା ଅନ୍ୟ କିଛି ନୁହେଁ, ପ୍ରେମପୂର୍ବକ ଉପାସନାର ସର୍ବୋତ୍ତମ ବିଧି । ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ପ୍ରାର୍ଥନା ଶୁଣି ବସ୍ତ୍ରହରଣ ସମୟରେ ତାଙ୍କର ଲଜ୍ଜା ନିବାରଣ କରିଥିଲେ । ଈଶ୍ୱର ଭକ୍ତର ଡାକ ଶୁଣି ଚାଲିଆସନ୍ତି । ଯିଏ ପ୍ରକୃତ ଭକ୍ତ, ସିଏ ସବୁବେଳେ ଈଶ୍ୱରଙ୍କ ଚରଣରେ ନିଜକୁ ସମର୍ପି ଦେଇଥାଏ । ସବୁବେଳେ ଈଶ୍ୱରଙ୍କ ଶରଣରେ ରହିବାକୁ ସେ ଅନୁରୋଧ କରିଥାଏ । ନିସ୍ୱାର୍ଥ ପ୍ରାର୍ଥନା ଈଶ୍ୱର ସବୁବେଳେ ଶୁଣିଥାନ୍ତି । ବ୍ରହ୍ମଙ୍କ ପ୍ରତି ଭାବ ରହିଲେ ସବୁକିଛି ମିଳିଥାଏ । ପ୍ରାର୍ଥନା କରିବା ସମୟରେ ମନକୁ ଖରାପ ବିଚାର ଆସିବା ଅନୁଚିତ୍ । ଉତ୍ତମ ବିଚାର ଦ୍ୱାରା ପ୍ରାର୍ଥନା କରାଗଲେ ଉଚିତ୍ ଫଳ ମିଳିଥାଏ । ଏହି ନଶ୍ୱର ସଂସାରରେ ଧର୍ମ ମାର୍ଗରେ ଯାଇ ଯେଉଁ ମନୁଷ୍ୟ ସର୍ବଦା ଈଶ୍ୱରଙ୍କ ଭଜିଥାଏ ସେ ପ୍ରକୃତ ସୁଖ ଅନୁଭବ କରିଥାଏ । ପ୍ରାର୍ଥନା ହେଉଛି ଅର୍ନ୍ତମନର ଡାକ । ପରମେଶ୍ୱରଙ୍କୁ ମନରେ ବସାଇ ଶ୍ରଦ୍ଧାଳୁ ପ୍ରାର୍ଥନା କରିଥାଏ । ପ୍ରାର୍ଥନା ଦ୍ୱାରା ଜୀବନ ପବିତ୍ର ହୋଇଥାଏ । ଈଶ୍ୱରଙ୍କ କୃପାରୁ ପାପ, ଦୁଷ୍ଟପ୍ରବୃତ୍ତି ନଷ୍ଟ ହୋଇଥାଏ ।

ଦିନଲିପି

୨୭ .୦୯. ୨୦୨୬ ରବିବାର

# ୫ ହଜାର ବାସିନ୍ଦା ଅସୁବିଧାର ସମ୍ମୁଖୀନ

## କୁଶଭଦ୍ରା ଡାହାଣ ପାର୍ଶ୍ୱ ନଦୀବନ୍ଧ ମରାମତି ନିମନ୍ତେ ଦାବିପତ୍ର

ନିମାପଡ଼ା,(ନିପ୍ର): ଗତ ୪ ବର୍ଷ ହେଲା ନିମାପଡ଼ା ବଜାର ଠାରୁ କୁଶଭଦ୍ରା ନଦୀ ଡ଼ାହାଣ ପାର୍ଶ୍ୱ ବନ୍ଧ ମରାମତି ଦାବିରେ ଜାଗ୍ରତ ଯୁବଶକ୍ତି ସଂଗଠନ ପକ୍ଷରୁ ନିମାପଡ଼ା ଜଳ ସଂପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅଧୀକ୍ଷଣ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ବିଭାଗୀୟ ଅଧିକାରୀ ଦାବିପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କୁଶଭଦ୍ରା ନଦୀ ବନ୍ଧର ଅରିଷଣ୍ଡ, ବାମଝାଟିପାଟଣା, ବାମଦେଇପୁର, ମୁରାରୀପୁର, ତରଡ଼ାପଡ଼ା, ବେଣିପୁର ଗ୍ରାମ ଠାରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ି ଥିବାରୁ ପ୍ରାୟ ୫ହଜାର ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।




ବିଶେଷକରି, ଛାତ୍ରଛାତ୍ରୀମାନେ ନିମାପଡ଼ା କଲେଜକୁ ଯିବା ଆସିବା କରୁଥିବା ବେଳେ ଖାଲଖମାରେ ପଡ଼ି ଖଣ୍ଡିଆ ଖାବରା ହୋଇଥିବାର ଦୃଷ୍ଟାନ୍ତ ରହିଛି । ଅନେକ ଛୋଟ ବଡ଼ ଚାଷୀ/ବ୍ୟବସାୟୀ ଉକ୍ତ ରାସ୍ତା ଦେଇ ଦୈନିକ ସାପ୍ତାହିକ ହାଟକୁ ଆସୁଥିବା ସହିତ ନିମାପଡ଼ାରୁ ଅନେକ ଜନସାଧାରଣ ଉକ୍ତ ରାସ୍ତା ଦେଇ ଗୋପ, ପୁରୀ ଯାଇଥାନ୍ତି । କିନ୍ତୁ ଗତ ୪ ବର୍ଷ ହେଲା ରାସ୍ତାର ଶୋଚନୀୟ ଅବସ୍ଥା ପ୍ରତି ଜଳ ସଂପଦ ବିଭାଗ ଧ୍ୟାନ ଦେଇ ନାହାନ୍ତି ବୋଲି ସଂଗଠନ ଆବାହକ ଆଦର୍ଶ ଦାଶ ଅଭିଯୋଗ କରି ରାସ୍ତା ମରାମତି ଦିଗରେ ଜିଲ୍ଲା ପ୍ରଶାସନର ସହଯୋଗ ଲୋଡ଼ି ଥିଲେ । ରାସ୍ତାର ବିଭିନ୍ନ ସ୍ଥାନରେ ୨-୩ ଫୁଟ ଗର୍ତ୍ତ ସୃଷ୍ଟି ହୋଇଥିବା ନେଇ ସଂଗଠନ କର୍ମକର୍ତ୍ତାମାନେ ଗୁରୁବାର ଦିନ ଅଂଚଳ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଶୁକ୍ରବାର ଦିନ ଗ୍ରାମବାସୀଙ୍କ ସହ ନିମାପଡ଼ା ଜଳ ସଂପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ ସହ ତୁରନ୍ତ ମରାମତି କାର୍ଯ୍ୟ ହାତକୁ ନେବା ପାଇଁ ଦାବି କରିଥିଲେ । ଅବହେଳା ହେଲେ ଗ୍ରାମବାସୀଙ୍କ ମିଳିତ ବୈଠକ ଡ଼କାଯାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଗଠନ କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ । ସଂଯୋଜକ ସମୀର ରାଉତରାୟ, ଉପଦେଷ୍ଟା ଅଜୟ ମିଶ୍ର, ଅଜୟ ପଣ୍ଡା, ଅଂଚଳର ଜନ ପ୍ରତିନିଧି ବୃନ୍ଦ, ଜଳ ସଂପଦ ବିଭାଗ ଅଧିକାରୀଙ୍କୁ ରାସ୍ତାର ସାଂପ୍ରତିକ ସ୍ଥିତି ସଂପର୍କରେ ଅବଗତ କରିବା ସାଙ୍ଗକୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ସୀତାପୁର ପଞ୍ଚାୟତ: ପକ୍କା ରାସ୍ତା ନିର୍ମାଣ ପାଇଁ ଫିଟିଲା ବାଟ

କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ସମିତିର କେ.ସୀତାପୁର ପଞ୍ଚାୟତ ଅଧୀନରେ ଥିବା ମିଲାଗାମଗୁଡ଼ା, ଇପ୍ପାଗୁଡ଼ା,ଭୋନିଲି ଜଗନ୍ନାଥପୁର ଏବଂ ଏସ. ବୁରିଡି ଗ୍ରାମର ବାସିନ୍ଦାମାନେ ଦୀର୍ଘ ଦିନ ହେବ ଏକ କାଦୁଅ ରାସ୍ତା ଯୋଗୁଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସୁବିଧା ପାଇବାରୁ ବଂଚିତ ହେଉଥିଲେ । ପ୍ରାୟ ତିନି ବର୍ଷ ଧରି, କେ. ସୀତାପୁର ସରପଞ୍ଚ କେ. ତେଜେଶ୍ୱର ରାଓ ନିରନ୍ତର ଏହି ରାସ୍ତାଗୁଡ଼ିକର ସମସ୍ୟାର ସମାଧାନ କରିବା ପାଇଁ



ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ଜଣେଇ ଥିଲେ । ବର୍ତ୍ତମାନ ସେହି ଗ୍ରାମଗୁଡିକ ମଧ୍ୟରେ ରହିଥିବା ଗ୍ରାମବାସୀମାନଙ୍କ ରାସ୍ତାଜନିତ ସମସ୍ୟା ଦୂରୀଭୂତ କରିବା ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ କରିବା ପାଇଁ ଗଜପତି ଜିଲ୍ଲା ବିଭାଗୀୟ ଅଧିକାରୀମାନେ ତିନୋଟି ଗ୍ରାମ ଗସ୍ତ କରି ସର୍ଭେ କରି ରାସ୍ତା ତିଆରି ପାଇଁ ମଂଜୁର ହୋଇଥିବା ସରପଞ୍ଚ ଶ୍ରୀ ରାଓ ସୂଚନା ଦେଇଛନ୍ତି ।

## ବର୍ଷା ଓ କୋହଲା ପାଗ : ଧାନ ଗଛରେ ପୋକ ଲାଗିଲା

ନିମାପଡ଼ା,(ନି.ପ୍ର.): ଏହି ବ୍ଲକ୍ ଅଧୀନସ୍ଥ ବାମନାଳ ଓ ନିକଟବର୍ତ୍ତୀ ଗ୍ରାମରେ ଗୁଣ୍ଡି ପୋକ ଲାଗି ହଜାର ହଜାର ହେକ୍ଟର ଧାନ ଜମିରେ ଫସଲ ନଷ୍ଟ ହେବାର ଆଶଙ୍କା ଦେଖା ଦେଇଛି । ଲଗାଣ ବର୍ଷା ଓ କୋହଲା ପାଗ ଯୋଗୁଁ ଗୁଣ୍ଡି, ସୁତା ଓ ନଳି ପୋକ ପ୍ରାର୍ଦୁଭାବ ଯୋଗୁ ଚାଷୀକୁଳ ଆଶଙ୍କା ଦେଇ ଗତି କରୁଥିବା ବେଳେ କୃଷି ବିଭାଗ ନିକଟରେ ରୋଗ ପୋକ ସଂକ୍ରାନ୍ତରେ କୌଣସି ଖବର ନାହିଁ ବୋଲି ବ୍ଲକ୍ କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି ସୂଚନା ଦେଇଥିଲେ । ବର୍ଷା, ପବନ ଛାଡ଼ିବା ପରେ ବିଭାଗ ପକ୍ଷରୁ କୃଷି କ୍ଷୟକ୍ଷତି କାର୍ଯ୍ୟ ସଂପର୍କରେ ସର୍ଭେ କରାଯିବ ବୋଲି ଶ୍ରୀ ପୃଷ୍ଟି ଗଣମାଧ୍ୟମ ନିକଟରେ ପ୍ରକାଶ କରି ବାମନାଳ ଅଂଚଳରେ ପୋକ ପ୍ରାର୍ଦୁଭାବ ନେଇ ସ୍ୱତନ୍ତ୍ର ଦଳ ପଠାଯାଇ ସର୍ବେକ୍ଷଣ କରାଯିବ ବୋଲି କହିଥିଲେ । ପାତି, ପାଇକସାହି, ବଡ଼ନିନିଗାଁ, ଓହଳ ଆଦି ଗ୍ରାମରେ ପୋକ ଲାଗିବା ଦ୍ୱାରା ଧାନପତ୍ର ବାନ୍ଧି ହୋଇପଡୁଥିବା ଲକ୍ଷ୍ୟ କରାଯାଇଛି । ପତ୍ର ହଳଦିଆ ପଡ଼ି ଯାଉଥିବାରୁ ଚାଷୀମାନେ



ବିଭାଗୀୟ ବିଶେଷଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି । ଗତ ୧ ମାସ ତଳେ ତଳି ପଡ଼ିଥିଲା ଏବଂ ଧାନଗଛ ବଡ଼ ହୋଇଯାଇଥିବା ବେଳେ ପୋକ ଲାଗିବା ଦେଖି ଚାଷୀକୁଳ ହତୋତ୍ସାହିତ ହୋଇପଡ଼ିଛନ୍ତି ।

## ଡାବୁଗାଁ ରେଞ୍ଜ ଗିରଲିଗୁଡା ଗ୍ରାମରେ ଭାଲୁ ସୁରକ୍ଷା

ଡାବୁଗାଁ,(ନିପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନାଞ୍ଚଳ ଅନ୍ତର୍ଗତ ଗିରଲିଗୁଡା ଗ୍ରାମରେ ବନ ବିଭାଗ ପକ୍ଷରୁ ଭାଲୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଡ୍ୟୁଟି ଲଗାଯାଇଛି । ଗତ କିଛି ଦିନ ହେବ ଡାବୁଗାଁ ଅଞ୍ଚଳରେ ଭାଲୁ ଚଳପ୍ରଚଳ ଦେଖାଯାଉଥିବାରୁ ଗ୍ରାମବାସୀ ଭୟଭୀତ ଅଛନ୍ତି । ରାତି ସମୟରେ ଭାଲୁ ଗାଁ ମୁହାଁ ହେଉଥିବା



ସୂଚନା ପରେ ବନ ବିଭାଗ ସତର୍କ ହୋଇଛି । ଗ୍ରାମବାସୀ ଓ ପଶୁ ଉଭୟଙ୍କ ସୁରକ୍ଷା ପାଇଁ ବନ କର୍ମଚାରୀ ଦିନରାତି ପାଟ୍ରୋଲିଂ କରୁଛନ୍ତି । ଲୋକଙ୍କୁ ଏକାକୀ ଜଙ୍ଗଲକୁ ନ ଯିବା ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।ଡାବୁଗାଁ ରେଞ୍ଜରର କହିଛନ୍ତି, ଭାଲୁକୁ ଘଉଡାଇବା ନୁହେଁ, ବରଂ ମଣିଷ-ଭାଲୁ ସଂଘର୍ଷ ରୋକିବା ଆମର ଲକ୍ଷ୍ୟ ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ

ବୁଗୁଡ଼ା,(ନିପ୍ର): ଭାରତୀୟ ଜନତା ଯୁବମୋର୍ଚ୍ଚା, ଘୁମୁସର ସାଂଗଠାନିକ ଜିଲ୍ଲାର ବୁଗୁଡ଼ା ନଗର ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ବୁଗୁଡ଼ା ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ବିଜେପି ବୁଗୁଡ଼ା ନଗର ସଭାପତି କେଦାରନାଥ



ମହାରଣା, ବୁଗୁଡ଼ା ନଗର ବିଧାୟକ ପ୍ରତିନିଧି ୟୁ. ଯଜ୍ଞ ନାରାୟଣ ପାତ୍ର ଙ୍କ ସମେତ ଯୁବମୋର୍ଚ୍ଚାର ଜିଲ୍ଲା ଆଇଟି ଓ ସାମାଜିକ ଗଣମାଧ୍ୟମ ସମ୍ପାଦକ ସୋରେନ କୁମାର ପ୍ରଧାନ ଏବଂ ବିଜେପି ଓ ଯୁବମୋର୍ଚ୍ଚାର ବହୁ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।ଉପସ୍ଥିତ ନେତୃବୃନ୍ଦ ପଣ୍ଡିତଜୀଙ୍କ ପ୍ରଣୀତ 'ଏକାତ୍ମ ମାନବବାଦ' ଓ 'ଅନ୍ତ୍ୟୋଦୟ' ବିଚାରଧାରା ଉପରେ ଆଲୋକପାତ କରିଥିଲେ ।

## ଗଜପତି : ସମବାୟ ସଦସ୍ୟତା 'ସମ୍ବନ୍ଧ'

ପାରଳାଖେମୁଣ୍ଡି,(ନିପ୍ର): ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ଅନ୍ତର୍ଗତ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସମବାୟ ବିଭାଗ ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି ଭାଗବତ ସାମଲ କଲ୍ୟାଣ ରାଓ, ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ରାମ ପ୍ରସାଦ ରକମ,




ପାରଳାଖେମୁଣ୍ଡି ବିଧାୟକଙ୍କ ପ୍ରତିନିଧି ଏସ. ବାଲାରାଜୁ, ଜିଲ୍ଲା କୃଷକ ସଂଘ ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ, ଜିଲ୍ଲା ସମବାୟ ସମିତି ନିବନ୍ଧକ ହରିହର ସେଠ୍, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ.ପ୍ରକାଶ ରାଓ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତୁଷାରେନ୍ଦୁ ନାୟକ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଦୁଷ୍ମନ୍ତ ବେହେରା, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ ଏବଂ ଜିଲ୍ଲା ଶିଳ୍ପ ପରିଚାଳକ ବିଭୁ ରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ ।

ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହ ସମବାୟ ସମିତିଗୁଡ଼ିକରେ ଅଧିକରୁ ଅଧିକ ଲୋକଙ୍କୁ ସଦସ୍ୟ ଭାବେ ସାମିଲ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରା, ସଦସ୍ୟତାର ଗୁରୁତ୍ୱ ଏବଂ ସମବାୟ ମାଧ୍ୟମରେ ମିଳୁଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା । ବିଶେଷକରି କୃଷକ, ମହିଳା, ଯୁବବର୍ଗ ଓ ଗ୍ରାମାଞ୍ଚଳର ଲୋକମାନଙ୍କୁ ସମବାୟ ସମିତିର ସଦସ୍ୟ ହେବା ପାଇଁ ପ୍ରୋତ୍ସାହିତ କରାଯିବ । ସମବାୟ ମାଧ୍ୟମରେ କୃଷି ଋଣ, କୃଷି ସମ୍ବନ୍ଧୀୟ ସେବା, ବିପଣନ ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ପାଇବାର ସୁଯୋଗ ସଦସ୍ୟମାନେ ପାଇପାରିବେ ବୋଲି ଅତିଥିମାନେ କହିଥିଲେ । ଜିଲ୍ଲାର ବିଭିନ୍ନ ସମବାୟ ସଂସ୍ଥା ଓ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ନୂତନ ସଦସ୍ୟ ସଂଗ୍ରହ କରାଯିବା ସହ ସମବାୟର ଲାଭ ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବ । ସମବାୟ କ୍ଷେତ୍ରରେ ଅଧିକ ଜନସମ୍ପୃକ୍ତି ସୃଷ୍ଟି କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଏହି ଅଭିଯାନର ଅନ୍ୟତମ ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ ।

## ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ପରିଷଦ ବୈଠକ

ବାଙ୍କୀ,(ନିପ୍ର): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.ର ୧୦୯ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ବ୍ୟାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ୟାଙ୍କର ବାର୍ଷିକ ଅଗ୍ରଗତି, ଆର୍ଥିକ ସ୍ଥିତି ଓ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା ।

ସଭାପତି ଶ୍ରୀ ପାଢ଼ୀ କହିଥିଲେ ଯେ, ବିଗତ ବର୍ଷରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିବା ବାଙ୍କୀ ପାଇଁ ଗର୍ବର ବିଷୟ । ୨୦୨୬ ଅଗଷ୍ଟ ୩୧ ସୁଦ୍ଧା ବ୍ୟାଙ୍କର ମୋଟ ଜମା ପରିମାଣ ୪୦୮ କୋଟିରୁ ଉର୍ଦ୍ଧ୍ୱରେ ପହଞ୍ଚିଥିବା ସେ ସୂଚନା ଦେଇଥିଲେ । ଶାଖା ପରିଚାଳକ ଅମିତ୍ କୁମାର ମହାପାତ୍ର ବ୍ୟାଙ୍କର ବିଗତ ବର୍ଷର ଅଗ୍ରଗତି ସମ୍ପର୍କରେ ସୂଚନା ରଖିଥିଲେ । ବୈଠକରେ ୨୦୨୫-୨୬ ବର୍ଷର ବାର୍ଷିକ ବିବରଣୀ ପାଠ, ୨୦୨୬-୨୭ ବର୍ଷର ବାର୍ଷିକ ଅଟକଳ ଉପସ୍ଥାପନ ଓ ଅନୁମୋଦନ, ୨୦୨୫-୨୬ ବର୍ଷର ଅଡିଟ୍ ରିପୋର୍ଟ ଉପସ୍ଥାପନ ଓ ଗ୍ରହଣ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ୧୧ଟି ଶାଖା କାର୍ଯ୍ୟାଳୟର ପରିଚାଳକ, ସମସ୍ତ ନିର୍ଦ୍ଦେଶକ ଓ ଶାଖା ସଭାପତିଙ୍କ ସମେତ ସହକାରୀ ପରିଚାଳକ ଅକ୍ଷୟ ସାମଲ, ଶାଖା ପରିଚାଳକ ଚିତ୍ତରଞ୍ଜନ ସାମନ୍ତରାୟ, ଶିମିଳିପୁର ସେବା ସମବାୟ ସମିତି ସଭାପତି ବିଭୁପ୍ରସାଦ ସାମଲ, ଭେଡା ରାମଚନ୍ଦ୍ରପୁର ସେବା ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର, ଗୃହନିର୍ମାଣ ସମବାୟ ସମିତି ସଭାପତି ସନ୍ତୋଷ କୁମାର ରଣା ଓ ଆର.ସି.ଏମ୍.ଏସ୍. ସଭାପତି ସଂଜୟ ପୃଷ୍ଟି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଚାରାରୋପଣ ସହ ପରିବେଶ ସୁରକ୍ଷା ବାର୍ତ୍ତା

ବାଙ୍କୀ,(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ଅବସରରେ 'ଏକ ପେଡ୍ ମା' କେ ନାମ ୩.୦' ଅଭିଯାନ ଅଧୀନରେ ବାଙ୍କୀ-ଡମପଡ଼ା ବ୍ଲକ ପକ୍ଷରୁ କୁସୁପଙ୍ଗିସ୍ଥିତ ଅନାହତ ଗୁମ୍ଫା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଏହି ଅବସରରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାସ, ବାଙ୍କୀ-ଡମପଡ଼ା ବିଡିଓ



ଅଂଶୁମାନ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ଜିଲ୍ଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁଙ୍କ ସମେତ ସ୍ଥାନୀୟ ବାସିନ୍ଦା ଯୋଗଦେଇ ଚାରାରୋପଣ କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା । ଅଧିକରୁ ଅଧିକ ଚାରା ରୋପଣ ସହ ଏହାର ଯତ୍ନ ନେବା ଏବଂ ଆଗାମୀ ପିଢ଼ି ପାଇଁ ସବୁଜ, ସୁସ୍ଥ ଓ ସୁନ୍ଦର ପରିବେଶ ଗଢ଼ିବା ହିଁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତପ୍ରକାଶ ପାଇଥିଲା ।

## ମେଡ଼ିକାଲ ପିଜି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

ଧର୍ମଗଡ଼,(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଛେଣ୍ଡିଆ ଗ୍ରାମର ବରିଷ୍ଠ ଆଇନଜୀବୀ ସମୀର କୁମାର ମୁଣ୍ଡ ଓ ସବିତା ମୁଣ୍ଡଙ୍କ ପୁଅ ଡ଼ା ଶାଶ୍ୱତ ମୁଣ୍ଡ ସର୍ବଭାରତୀୟ ମେଡ଼ିକାଲ ପିଜି ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଅଞ୍ଚଳରେ ଗୌରବ ଆଣିଛନ୍ତି । ସେ ଏଆଇଆର ର୍ୟାଙ୍କ ୩୬୩୭ ସଫଳତା ଅର୍ଜନ କରିଛନ୍ତି । ସେ



ଭବିଷ୍ୟତରେ ହୃଦ୍‌ରୋଗ ବିଶେଷଜ୍ଞ ହେବା ପାଇଁ ଆଶା ରଖିଛନ୍ତି । ଏମ୍‌ବିଏସ୍ ଭିସାର ବୁର୍ଲାରେ ଏ ବର୍ଷ କୃତିତ୍ୱ ସହ ପାସ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟୁଛି ।

## ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଟକିଛି, ତରଭା ନୂତନ ନିବୃତ୍ତି ଜୋର ପୋଲ ସଂଯୋଗୀକରଣ ରାସ୍ତା

ତରଭା,(ନିପ୍ର): ଆଜକୁ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ହେବ ସୁବର୍ଣ୍ଣପୁର ଜିଲ୍ଲା ତରଭା ନୂତନ ନିବୃତ୍ତି ଜୋର ପୋଲ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇସାରିଛି । ଦୀର୍ଘ ବର୍ଷ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ଏଯାବତ ଉକ୍ତ ପୋଲରୁ ତରଭା ବାଇପାସ ରାସ୍ତାକୁ ସଂଯୋଗ କରୁଥିବା ସଂଯୋଗୀକରଣ ରାସ୍ତା କାମ ଆରମ୍ଭ ହୋଇପାରୁନାହିଁ । ତରଭା ଟ୍ରାଫିକ ସମସ୍ୟା ଦୂରୀକରଣ ଏବଂ ତରଭାର ପୁରାତନ ନିବୃତ୍ତି ଜୋର ପୋଲ ବହୁ ପୁରାତନ ହେତୁ ୨୦୧୯/୨୦ ବର୍ଷ ଦ୍ୱିତୀୟ ପୋଲ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମୟରେ ନିର୍ମାଣ କାର୍ଯ୍ୟା ଆରମ୍ଭ ହୋଇଥିଲା । ପୋଲ ନିର୍ମାଣ କାମ ସରିଛି । କିନ୍ତୁ ସଂଯୋଗୀକରଣ ରାସ୍ତା ନିର୍ମାଣ କାମ ଆଗେଇ ପାରୁନାହିଁ । ଏ ସଂକ୍ରାନ୍ତରେ ଜାଣିବା ପାଇଁ ପିଡବ୍ଲୁଡିଏସଇଙ୍କ ସହ ଯୋଗାଯୋଗ କରିବାରୁ ଫୋନ ଉଠାଇ ନ ଥିଲେ । ଯନ୍ତ୍ରୀ କହିଲେ ମୋ ସମୟର କାମ ନୁହେଁ ବୋଲି କହିଥିଲେ । ପରେ ତତ୍କାଳୀନ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ପୋଲ କାମ ସରିସାରିଛି କେତେକ ରୟତି ଜମି



ଥିଲା ତେଣୁ ଜମି ଅଧିଗ୍ରହଣ ଓ ଜମି ଡିମାର୍କେସନ ପ୍ରକ୍ରିୟା ଆଗେଇ ପାରିନଥିଲା । ଯୁଗ୍ମ ଜମିପଟାରେ ଏକାଧିକ ବ୍ୟକ୍ତିଙ୍କ ନାମ ଥିବା ଏବଂ ଲିଗାଲ ହେୟାରରେ ସହମତିର ଅଭାବ ହେତୁ ଏହି କାମ ଆଗେଇ ପାରିନଥିଲା ବୋଲି କହିଥିଲେ । ବର୍ତ୍ତମାନ ଦେଖିଲେ ଗୋଟିଏ ସରକାର ଯାଇ ନୂତନ ସରକାରର ଦୁଇ ବର୍ଷ ଅତିବାହିତ ହେବାକୁ ବସିଲାଣି । ତଥାପି ଜମି ସମସ୍ୟା ସମାଧାନ ହୋଇପାରିନାହିଁ । ଯାହା ଜଣାପଡିଛି ରାସ୍ତା ଯାଇଥିବା ଜମିର ଅସଲି ମାଲିକ ଚିହ୍ନଟ କରି ତାଙ୍କୁ ସରକାର ତରଫରୁ ପ୍ରାପ୍ୟ ରାଶି ନ ମିଳିବା ଯାଏଁ ଉକ୍ତ ସଂଯୋଗୀକରଣ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇପାରିବ ନାହିଁ ବୋଲି ଚର୍ଚ୍ଚା ଜୋର ଧରିଛି । ଉଲ୍ଲେଖଯୋଗ୍ୟ ଯେ ପୁରାତନ ପୋଲ ଦୁର୍ବଳ ହେତୁ ଭାରୀଯାନ ଚଳାଚଳରେ ବିପଦର ଆଶଙ୍କା ଥିବା ବେଳେ ନଦୀ ଖଣ୍ଡି ବାଇପାସ ରାସ୍ତା ଅଚଳାବସ୍ଥାରେ ଅଛି ତାହା ମଧ୍ୟ ଏପରି ଜମି ବିବାଦରେ ଛନ୍ଦି ରହିଛି । ଫଳରେ ତରଭାର ଯେଉଁ ଟ୍ରାଫିକ୍ ସମସ୍ୟାର ସମାଧାନ ନିମନ୍ତେ ଯେଉଁ ଉଦ୍ଦେଶ୍ୟରେ ଉକ୍ତ ପ୍ରକଳ୍ପ ଗୁଡିକ ତିଆରି ହୋଇଥିଲା, ତାହା ଅଧୁରାରେ ରହିଯାଇଛି ।

## ଲଗାଣ ବର୍ଷା: ବିଦ୍ୟାଳୟ ଖେଳ ପଡ଼ିଆ ଜଳାର୍ଣ୍ଣବ

ବୋଲଗଡ,(ନିପ୍ର): ଶାରୀରିକ କ୍ରୀଡା ଶରୀରକୁ ସୁସ୍ଥ ରଖିଥାଏ । ସେଥିପାଇଁ ରାଜ୍ୟସରକାର ବିଭିନ୍ନ ପ୍ରକାରର କ୍ରୀଡା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ତଥା ମାନସିକ ବିକାଶ ପାଇଁ ଓ ଖେଳପଡ଼ିଆର ଉନ୍ନତି ନିମନ୍ତେ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେଉଅଛନ୍ତି



। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଶିକ୍ଷା ବ୍ଲକସ୍ଥିତ ସରକାରୀ ପିଏମ ଶ୍ରୀ ବାମନ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆର ବିକାଶ ପାଇଁ ୨୦୨୦ ମସିହାରେ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗରୁ ୫ଲକ୍ଷ୍ୟ ଟଙ୍କା ଓ ୨୦୨୪ମସିହାରେ ନବୀନ ସରକାର ୫ଟି ଯୋଜନା ମାଧ୍ୟମରେ ୧୦ଲକ୍ଷ୍ୟ ଟଙ୍କା ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଖେଳପଡିଆରେ ମାଟିଗାଣ୍ଡୁଏ ପଡିଲା ନାହିଁ । କେବଳ ଖେଳପଡ଼ିଆର ଚାରିପାଖରେ ସିମେଣ୍ଟ ଇଟା ବନ୍ଧକରି ରଙ୍ଗ ମାରି ଓ ଦର୍ଶକମାନଙ୍କ ନିମନ୍ତେ ୮ଟି ସିମେଣ୍ଟ ଚୌକି ନିର୍ମାଣ କରି ବ୍ଲକ କନିଷ୍ଠ ଯନ୍ତ୍ରୀ ସରକାରୀ ଆର୍ଥିକ ଅନୁଦାନକୁ ହଡ଼ପ କରି ମାଲେମାଲ ହୋଇଥିବା ଅଭିଯୋଗ ହୋଇଛି । ଫଳରେ ଖେଳପଡ଼ିଆ ସମତଳ ନ ଥିବାରୁ ବର୍ଷା ଜଳ ଜମି ରହୁଛି । ଏହି ଖେଳ ପଡ଼ିଆଟି ବ୍ଲକ ସଦରମହକୁମାର ମୁଖ୍ୟ ଖେଳପଡ଼ିଆ ହୋଇଥିବାରୁ ବିଭିନ୍ନ ସମୟରେ ନାନା ପ୍ରକାରର କ୍ରୀଡ଼ାପ୍ରତିଯୋଗିତା ମାନ କରାଯାଇଥିଏ । ନିମ୍ନମାନର ଖେଳ ପଡିଆ ନିର୍ମାଣ ହୋଉଥିବାରୁ ଓ ବର୍ଷା ଜଳ ଦୀର୍ଘ ଦିନ ଧରି ଜମି ରହୁଥିବାରୁ ଖେଳାଳିମାନେ ଓ ଛାତ୍ରଛାତ୍ରୀମାନେ କ୍ରୀଡା କସରତ କରିବାରୁ ବଞ୍ଚିତ ହେଉଛନ୍ତି । ଖୋର୍ଦ୍ଧା ଜିଲ୍ଲାପାଳ, ରାଜ୍ୟ କ୍ରୀଡାମନ୍ତ୍ରୀ ଓ କ୍ରୀଡାଶାସନ ସଚିବ ଅଭିଯୋଗର ତଦନ୍ତ କରି କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୋଲଗଡ଼ ବ୍ଲକ ଅଞ୍ଚଳବାସୀ, ଶିକ୍ଷକ ସଂଘ, ଓକିଲ ସଂଘ,ସାମ୍ବାଦିକ ସଂଘ ଓ ବଣିକ ମହାସଂଘ ଦାବି କରିଅଛନ୍ତି ।

## ସ୍ୱାଧୀନ ନାୟକ ହେଲେ ବିଜେଡିର କାର୍ଯ୍ୟକାରୀ ସଭାପତି

କାକଟପୁର,(ନିପ୍ର): ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ପୁରୀ ଜିଲ୍ଲା ବିଜୁ ଜନତା ଦଳର ପୁର୍ନଗଠନ କରିଛନ୍ତି ।ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜିଲ୍ଲାରେ ତୃଣମୂଳ ସ୍ତରକୁ ସୁଦୃଢ଼ କରିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ବିଜୁ ଜନତା ଦଳର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁର ନାୟକଙ୍କ ପୁଅ ସ୍ୱାଧୀନ କୁମାର ନାୟକଙ୍କ କାର୍ଯ୍ୟଦକ୍ଷତାକୁ ନେଇ ତାଙ୍କୁ ପୁରୀ ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ନବ ନିଯୁକ୍ତି କରିଛନ୍ତି । ବିଜୁ ଜନତା ଦଳର ସେ ଜଣେ ଯୁବ ସଂଗଠକ ଭାବେ ରାଜ୍ୟ ରାଜନୀତିରେ ଜଣେ ଜଣାଶୁଣା ବ୍ୟକ୍ତି ଭାବେ ପରିଚୟ ସୃଷ୍ଟି କରିଛନ୍ତି ।ପୁରୀ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ନେଇଥିବାରୁ ସେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇବା ସହିତ କୃତଜ୍ଞତା ଯାଇଛନ୍ତି । ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳଙ୍କୁ ମଧ୍ୟ ପୁରୀ ଜିଲ୍ଲା ଉପ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି ।କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଦୁଇ ଯୋଦ୍ଧାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



## ଫାର୍ମାସି ପାଠ୍ୟକ୍ରମ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ

କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଗୋପଗ୍ରାମସ୍ଥିତ ଶିକ୍ଷା ଓ ସମ୍ଭାବନା ଫାର୍ମାସିଷ୍ଟ କଲେଜ ପରିସରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି । ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । କଲେଜର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ସାମନ୍ତରାୟ ତାଙ୍କ ଅଭିଭାଷଣରେ ଦୁର୍ଗମ ଅଞ୍ଚଳରେ ମଧ୍ୟ ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା କହିଥିଲେ । ଔଷଧ ବିତରଣ ଠାରୁ ଆରମ୍ଭ କରି ବିଭିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଫାର୍ମାସିଷ୍ଟଙ୍କ ସେବା ଓ ଅବଦାନ ଉପରେ ସେ ଆଲୋକପାତ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ସୁଖଦ ପ୍ରସାଦ ତ୍ରିପାଠୀ ଫାର୍ମାସି ପାଠ୍ୟକ୍ରମ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଥିଲେ । ସହ ଏହି ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଓ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ରହିଥିବା କହିଥିଲେ । ମୁଖ୍ୟ ଅତିଥି ଭାବେ ଗୀତାଞ୍ଜଳି ଫାର୍ମାସ୍ୟୁଟିକାଲ ପ୍ରାଇଭେଟ୍ ଲିମିଟେଡ୍ ଏବଂ ନ୍ୟୁରୋ ଏକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ଡ. ସଞ୍ଜୀବ କୁମାର ମହାନ୍ତି ଯୋଗଦେଇ ସଫଳତା ପାଇଁ ଜିଜ୍ଞାସା, ପରିଶ୍ରମ ଓ କର୍ମନିଷ୍ଠା ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଏସ୍‌ଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ବୃତ୍ତିଗତ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ପଟ୍ଟନାୟକ ଫାର୍ମାସି ବୃତ୍ତିରେ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

**ସାଲେପୁର** : ସାଲେପୁର ଫାର୍ମାସୀ କଲେଜରେ ବିଶ୍ୱ ଫାର୍ମାସୀ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଡଃ ସୁଧାଂଶୁ ରଂଜନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି




କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡଃ ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ବର୍ତ୍ତମାନ ଔଷଧ ବ୍ୟବହାର ପୂର୍ବରୁ ଜନସାଧାରଣ ସଠିକ୍ ରୂପେ ଏହାକୁ ବ୍ୟବହାର କରିବା ଉପରେ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ । ବରିଷ୍ଠ ପ୍ରାଧାପକ ଡଃ ପ୍ରବୀର କୁମା ସିହ୍ନାମହାପାତ୍ର ବକ୍ତବ୍ୟ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଟି.ଆର.ସି.ଏ. କ୍ଲବ୍ ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ ହୋଇଥିଲା ।

## ଫୋନ୍ ଚୋରି ଅଭିଯୋଗରେ ଗିରଫ

ପୁରୀ,(ନିପ୍ର): ମୋବାଇଲ ଚୋରି ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ପୁରୁଣା ଅମଙ୍ଗା ଗ୍ରାମର ସନ୍ତୋଷ ପଣ୍ଡା (୨୨)କୁ ଗିରଫ କରିଛି । ସନ୍ତୋଷଠାରୁ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଗତ ୨୩ରେ ଗୁଜରାଟ ସୁରତ ଜିଲ୍ଲା ପୁନା ଥାନା ଅଞ୍ଚଳର ପ୍ରକାଶ ପି. ସୋନଦାଗର ତାଙ୍କର ୧୨ ଜଣ ସାଙ୍ଗଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ ପାଇଁ ଆସିଥିଲେ । ଅଭିଯୁକ୍ତ ସନ୍ତୋଷ ୧୦୦ ଟଙ୍କାରେ ମନ୍ଦିର ବୁଲାଇ ଦର୍ଶନ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ରାଜି ହୋଇ ସମସ୍ତେ ମନ୍ଦିର ଭିତରକୁ ଯାଇଥିଲେ । ଦର୍ଶନ ସମୟରେ ଅଭିଯୁକ୍ତ ଅଭିଯୋଗକାରୀଙ୍କଠାରୁ ତାଙ୍କର ମୋବାଇଲ ଫୋନ ରଖିଥିଲେ । ଦର୍ଶନ ସରିବା ପରେ ମୋବାଇଲ ମାଗିବାରୁ ଅଭିଯୁକ୍ତ ଫୋନ୍ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଏ ନେଇ ଥାନାରେ ଅଭିଯୋଗ ପରେ ସିଂହଦ୍ୱାର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ତିଥି :(ପ୍ରତିପଦ): (ଉତ୍ତରଭାଦ୍ର ମୀନ)
ଅମୃତ ବେଳା: ଦିବା ଘ ୬।୨୮ ମଧ୍ୟେ ଘ୮।୫୨ ଗତେ

## ଆଜିର ଅନୁଚିନ୍ତନ

ନିତ୍ୟଯୁକ୍ତ ଯୋଗୀ ମୋତେ ସହଜରେ ପ୍ରାପ୍ତ ହୁଏ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବିପର୍ଯ୍ୟୟ ଚିନ୍ତା

ପ୍ରକୃତି ମଣିଷର ବିକାଶ କେତେ ହୋଇଛି ତାହା ପରଖେ ନାହିଁ। ତାହା ନିଜସ୍ୱ ଢଙ୍ଗରେ ଚାଲେ। କାରଣ ତାହା ପ୍ରାକୃତିକ ଶକ୍ତି। ଯେବେ ଏହା କୌଣସି ବିରୁଦ୍ଧ ଶକ୍ତି ପାଏ, ପ୍ରତିବାଦ କରେ, ସେହି ପ୍ରତିବାଦ ନିରବ ହେଉ କି ବିଶାଳ ଧ୍ୱନି ବା ବିପର୍ଯ୍ୟୟ ଆକାରରେ ହେଉ, ପରିଣାମ ଯେପରି ହେଉ ଦିଏ। ନେପାଳରେ ଭୋଟେକୋଶୀ ଓ ତ୍ରିଶୂଳି ନଦୀ ଅବବାହିକାରେ ରହୁଥିବା ୬ଲକ୍ଷ ଲୋକଙ୍କୁ ନେପାଳ କର୍ତ୍ତୃପକ୍ଷ ଏସ୍‌ଏମ୍‌ଏସ୍ ମାଧ୍ୟମରେ ବନ୍ୟା ବିଭୀଷିକା ସଂକ୍ରାନ୍ତ ସତର୍କ ସୂଚନା ଦେଇଥିଲେ। ସୁରକ୍ଷିତ ବ୍ୟବସ୍ଥା ପାଇଁ ଯେଉଁ ସମୟ ଲୋଡ଼ା ତାହା ହୋଇପାରିନଥିଲା। ନେପାଳ ସରକାର ପ୍ରାୟ ଦେଢ ହଜାର ଲୋକଙ୍କ ଏହି ବିପ୍ୟାତରେ ଜୀବନ ଯାଇଥିବା କଥା କହୁଥିଲେ ହେଁ ଯେଉଁଠି ୬ଲକ୍ଷ ଲୋକଙ୍କୁ ବିପତ୍ତି ଥିଲା ସଂଖ୍ୟାରେ ତାଳମେଳ ଖାଉନାହିଁ। ଅର୍ଥାତ୍ ଏହି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ମୃତ୍ୟୁ ସଂଖ୍ୟା ଲକ୍ଷାଧିକ ହୋଇଥିବା ଅନୁମେୟ। ଗତ ଗୁରୁବାର ଆଗୁଆ ସୂଚନା କାରଣରୁ ଭାରତର ସିକିମ ଗ୍ୟାଲସିଙ୍ଗ ଜିଲ୍ଲାରେ ଘଟିଥିବା ଭୂସ୍ଖଳନରେ ୨୦ରୁ ଅଧିକ ଘର ଓ ସରକାରୀ କ୍ୱାର୍ଟର୍ସ ଭାସିଯାଇଥିଲେ ହେଁ କେହି ମୃତାହତ ହୋଇନଥିବା ଆଶ୍ୱସ୍ତିର ବିଷୟ। ଏହି ମୃତାହତ ନ ହେବା ପଛରେ ଆଗୁଆ ସୂଚନା ସଂଜୀବନୀ ପାଲଟିଲା ବୋଲି କୁହାଯାଇପାରେ।

ଏହା ମଧ୍ୟ ଦର୍ଶାଇ ଦିଏ ଯେ ପ୍ରକୃତି ଓ ମଣିଷ ଜୀବନ ମଧ୍ୟରେ ସଦାସଂଘର୍ଷ ଲାଗିରହିଛି। ପ୍ରକୃତି ତାହାର ରୋଷ କେଉଁ ରୂପରେ କେତେବେଳେ ପ୍ରକଟ କରେ, ତାହାକୁ ମଣିଷ ଅଧ୍ୟୟନ, ଅନୁଶୀଳନ ଓ ଗବେଷଣା ଜରିଆରେ କାଳେ କାଳେ ଜାଣିବାକୁ ପ୍ରୟାସ କରିଆସୁଛି। ଯେତିକି ଜାଣୁଛି ସେତିକି ଅନୁସାରେ ସୁରକ୍ଷା ବ୍ୟବସ୍ଥା କରିପାରୁଛି। ଏ ପରିପ୍ରେକ୍ଷୀରେ କାଠମାଣ୍ଡୁସ୍ଥିତ ଏକ ପ୍ରତିଷ୍ଠାନର ଅଧ୍ୟୟନ ରିପୋର୍ଟ ନେପାଳ ସମେତ ପାଖାପାଖି ଅନ୍ୟାନ୍ୟ ଦେଶ ନିମନ୍ତେ ଏକ ଚେତାବନୀ। ଏହି ରିପୋର୍ଟରେ କୁହାଯାଇଛି 'ଏସିଆର ଜଳଟାୱାର' କହିଲେ ହିମାଳୟକୁ ବୁଝାଯାଏ। ଏହାର ବରଫ ଯଦି ସବୁ ତରଳିଯାଏ ତେବେ ନିମ୍ନ ଭାଗରେ ଥିବା ଅତିକମ୍‌ରେ ୨କୋଟି ଲୋକ ପ୍ରଭାବିତ ହେବେ। ଏ ସତର୍କତା କିଛି କମ୍ କଥା ନୁହେଁ। ଏ ପରିପ୍ରେକ୍ଷୀରେ ଯେଉଁ ପ୍ରତିକାରାତ୍ମକ ପଦକ୍ଷେପ ନିଆଯିବା ଜରୁରୀ ତାହା ନିଆଯାଇଥିବା ଅବବୋଧ ହେଉନାହିଁ।

ସହଜେ ବରଫ ତରଳିବା ପାଇଁ ଦାୟୀ ହୋଇଥାଏ ପାଣିପାଗ ପରିବର୍ତ୍ତନ ଓ ବିଶ୍ୱତାପାୟନ। ଯେତେବେଳେ ତୁଷାର ବା ବରଫ ଉପରେ ଅଙ୍ଗାରକ ବା କାର୍ବନ ଜମେ ତାହା ସୂର୍ଯ୍ୟ କିରଣରୁ ଅଧିକ ଉତ୍ତାପ ଅବଶୋଷଣ କରିଥାଏ। ପରିଣାମରେ ଉକ୍ତ ବରଫ ବା ହିମବାହ ଦ୍ରୁତ ଗତିରେ ତରଳିଥାଏ। ଅଙ୍ଗାରକ ଉତ୍ପନ୍ନ ପଛରେ କଳକାରଖାନାଧୂଆଁ, ନାନା ପ୍ରଦୂଷଣ,ନାନା କାରଣରୁ ବଢୁଥିବା ତାପମାତ୍ରାଜନିତ ପ୍ରଭାବ ଦାୟୀ ହୋଇଥାଏ। ବିପଦପୂର୍ଣ୍ଣ ହିମବାହ ଥିବା ଅଞ୍ଚଳରେ ଅଙ୍ଗାରକ ପରିମାଣ ଯେତେ ବଢିବ, ଆକସ୍ମିକ ବିପ୍ଲାତ ବା ବିପର୍ଯ୍ୟୟ ଅବଧାରିତ।

ହିମାଳୟ ସୁରକ୍ଷା ନେଇ ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହ ନେପାଳ ସମେତ ଭାରତ ଓ ଚୀନକୁ ଏକାଠି କରିବାକୁ ଦେଇଥିବା ଆହ୍ୱାନ ସମୟୋଚିତ। ଆହ୍ୱାନକୁ କାର୍ଯ୍ୟକାରିତାର ସମୟ କେବେ, ଏପରି ଯଦି ପ୍ରଶ୍ନ ଉଠାଯାଏ, ତେବେ ତାହାର ଉତ୍ତର ଅନ୍ତିମ ସମୟ ହେଉଛି ବର୍ତ୍ତମାନ। ମଣିଷ ବିଜ୍ଞ ହୋଇ ସୁଦ୍ଧା ବିପର୍ଯ୍ୟୟପ୍ରବଣ ଯେତେସବୁ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ନାଁରେ ନିର୍ମାଣ କରିଛି ତାହା ନିର୍ବୋଧତା କି ନୁହେଁ ଏବେ ବି ବିଚାରି ଆଗକୁ ସେହି ଅନୁସାରେ ଚାଲିବାର ପ୍ରେରଣା ପାଇବା ଦରକାର। ପ୍ରକୃତି ପ୍ରତି ସମ୍ବେଦନଶୀଳ ଆଚରଣ ନ ହେଲେ ତାହାର ପରିଣାମ ଆକସ୍ମିକ ବିପର୍ଯ୍ୟୟ ରୂପରେ ପ୍ରକଟିତ ହୋଇ ଧନଜୀବନ ହାନି ଘଟାଇବା କିଛି ବିଚିତ୍ର ନୁହେଁ, ଜଳପ୍ରଳୟ ହେଉ ଯେକୌଣସି ପ୍ରକାର ବିପର୍ଯ୍ୟୟ ତାହାର ମୁକାବିଲା ପାଇଁ ନିଷ୍ପତ୍ତି ଓ କାର୍ଯ୍ୟକାରିତା କ୍ଷେତ୍ରରେ କେବଳ ନେପାଳ, ଚୀନ, ଭାରତ ଦେଶ ନୁହେଁ, ଅଧିକ ଦେଶ ଯୋଡ଼ି ହେଲେ ସାମୂହିକ ଭାବ ପ୍ରକାଶ ପାଇବ। ଯାହାକି ପ୍ରେରଣାଦାୟକ ହୋଇପାରିବ ବୋଲି ବିଶ୍ୱାସ।

# ହୁତି ଆଗରେ ସାଉଦି ବିବଶ କାହିଁକି ?

**ଡ. ପ୍ରମୋଦ କୁମାର ପଣ୍ଡା**

> **ସମୟ ଥିଲା ଯେତେବେଳେ ଆମେରିକା ସାଉଦି ଆରବର ଘନିଷ୍ଠ ବନ୍ଧୁ ଥିଲା। ହୁତି ବିରୋଧରେ ଲଢ଼ିବାକୁ ସାମରିକ ସହାୟତା ପ୍ରଦାନ କରୁଥିଲା। ଏବେ ସ୍ଥିତି ଅଲଗା। ଆମେରିକା ସାଉଦି-ହୁତି ମାମଲାରେ ପଡ଼ିବାକୁ ଚାହୁଁନାହିଁ। ଓଲଟା ସାମୁଦ୍ରିକ ପଥରେ ଆମେରିକା ଓ ତାର ମିତ୍ର ଦେଶମାନଙ୍କ ଜାହାଜ ଉପରେ ହୁତି ବିଦ୍ରୋହୀ ଗୋଷ୍ଠୀ ହମଲା ନ କଲେ ସେ ତାଙ୍କ ଉପରେ ଆକ୍ରମଣ କରିବ ନାହିଁ ବୋଲି ଖୁପିଆ କଥାବାର୍ତ୍ତା ହୋଇଛି। ସାଉଦି ଆରବ, ପାକିସ୍ତାନ ଏବଂ ତୁର୍କୀ ମଧ୍ୟରେ ମକ୍କା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।**

ସାଉଦି ଆରବର ବାର୍ଷିକ ରକ୍ଷା ବଜେଟ ୮ ଲକ୍ଷ କୋଟି। ଏହା ନେପାଳ, ଜର୍ଜିଆ ଓ ଲେବାନନ ଭଳି ଦେଶର ଜିଡ଼ିପିର ଦୁଇଗୁଣ ଏବଂ ୟେମେନ ଜିଡ଼ିପିର ପାଖାପାଖି ଦଶଗୁଣ। ମଧ୍ୟ ପ୍ରାଚ୍ୟର କୌଣସି ଦେଶ ପ୍ରତିରକ୍ଷା କ୍ଷେତ୍ରରେ ଏତେ ରାଶି ନିବେଶ କରିନଥାନ୍ତି। ବିଶ୍ୱର ସପ୍ତମ ବୃହତ୍ତମ ରକ୍ଷା ବଜେଟ ସାଉଦି ଆରବ ଠାରୁ ଇସ୍ରାଏଲ ମଧ୍ୟ ପଛରେ। ସାଉଦି ପାଖରେ ପେଟ୍ରିୟଟ ମିସାଇଲ ସିଷ୍ଟମ, ଡେଙ୍ଗଫେଙ୍ଗ-୩ ମିସାଇଲ, ୭୦ ୟୁରୋଫାଇଟର ଓ ଏଫ-୧୫ ଇଗଲ ଭଳି ଆଧୁନିକ ଯୁଦ୍ଧାସ୍ତ୍ର ରହିଛି। ପାଖରେ ଚାରି ଲକ୍ଷ ସୈନ୍ୟ ବଳ। ପକ୍ଷାନ୍ତରେ ହୁତି ବିଦ୍ରୋହୀଙ୍କ ବାର୍ଷିକ ଆୟ ମାତ୍ର ୧.୩ ଲକ୍ଷ କୋଟି, ୨୦,୦୦୦ ସୈନ୍ୟ ଶକ୍ତି ଏବଂ ତୁଫାନ, ବୁରକାନ - ୧ ଓ ୨ ବାଲାଷ୍ଟିକ ମିସାଇଲ ଏବଂ ଶସ୍ତା ଡ୍ରୋନ। ଶକ୍ତିଶାଳୀ ଓ ସମ୍ପନ୍ନ ଦେଶ ହୋଇ ମଧ୍ୟ ସାଉଦି ନିଜ ଦେଶ ଉପରେ ହେଉଥିବା ହୁତି ହମଲାର ଜବାବ ଦେଉନାହିଁ। ସାଉଦି ଆରବର ସବୁଠାରୁ ବଡ଼ ସରକାରୀ କମ୍ପାନୀ ଅର୍ମାକୋ ଉପରେ ହୁତି ଡ୍ରୋନ ହମଲା କରିଛି। ଅଲ ମୋଖା ପୋର୍ଟ କବ୍‌ଜା କରିଛି। ପଶ୍ଚିମୀ ତଟ ସହର ଓ ସୈନ୍ୟ ଠିକଣାକୁ ନିଶାନା କରିଛି। ଦକ୍ଷିଣୀ ସହର ଆଭା ଏବଂ ଖମିତ ମୁସାୟତ ଉପରେ ଆକାଶ ମାର୍ଗରୁ ଆକ୍ରମଣ କରିଛି।

ଏପରିକି ଲାଲ ସାଗରର ମହତ୍ତ୍ୱପୂର୍ଣ୍ଣ ଦ୍ୱୀପ କବ୍‌ଜା କରିଛି ଯଦ୍ଦ୍ୱାରା ବାବ - ଅଲ - ମନ୍ଦେବ ସାମୁଦ୍ରିକ ଜଳ ପଥ ଉପରେ ହୁତି ବିଦ୍ରୋହୀଙ୍କ ସିଧା ନିୟନ୍ତ୍ରଣରେ ସ୍ଥାପିତ ହୋଇଛି। ହୁତି ହମଲା ପରେ ସାଉଦି ଆରବ ଇଷ୍ଟ-ୱେଷ୍ଟ ତୈଳ ପାଇପ ଲାଇନ, ଯାହା ପାରସ୍ୟ ଉପସାଗର ଓ ଲୋହିତ ସାଗରକୁ ଯୋଡ଼େ, ବନ୍ଦ କରିଦେଇଛି। ହର୍ମୁଜ ପ୍ରଣାଳୀ ଅବରୁଦ୍ଧ ହେବା ପରେ ସାଉଦି ଆରବ ଏହି ପାଇପ ଲାଇନ ଦେଇ ତେଲ ରପ୍ତାନି ଜାରି ରଖିଥିଲା। ମିଶ୍ରର ସୁମେଦ ପାଇପ ଲାଇନ ଓ ସୁଏଜ କେନାଲ ଜରିଆରେ ୟୁରୋପ ଓ ବାବ-ଅଲ-ମନ୍ଦେବ ଦେଇ ଏସିଆର ବିଭିନ୍ନ ଦେଶକୁ ଅଶୋଧିତ ତେଲ ରପ୍ତାନି କରୁଥିଲା। ଦେଶର ଅର୍ଥବ୍ୟବସ୍ଥା ଚାଲିଥିଲା । ଜୁନ ୨୦୨୬ ସୁଦ୍ଧା ସାଉଦି ଆରବ ପ୍ରତିଦିନ ୩୪ ଲକ୍ଷ ବେରେଲ ଅଶୋଧିତ ତେଲ ରପ୍ତାନି କରୁଥିବା ବେଳେ ଅଗଷ୍ଟ ୨୦୨୬ ବେଳକୁ କମି ଆସି ଏହା ୧.୨୮ ଲକ୍ଷ ବେରେଲରେ ପହଞ୍ଚିଥିଲା। କେତେବେଳେ ପୂରା ଠପ୍ ପଡ଼ିଯିବ ତାର ଠିକ୍ ଠିକଣା ନାହିଁ। ଏଭଳି ଗୁରୁତର ଏବଂ ଜଟିଳ ପରିସ୍ଥିତିରେ ମଧ୍ୟ ସାଉଦି ସେନା ପକ୍ଷରୁ ଜବାବୀ ହମଲା କିମ୍ବା ପ୍ରତିକ୍ରିୟା ନାହିଁ। ହୁତି ଆଗରେ ସାଉଦି ଏତେ ବିବଶ କାହିଁକି ?

ସମୟ ଥିଲା ଯେତେବେଳେ ଆମେରିକା ସାଉଦି ଆରବର ଘନିଷ୍ଠ ବନ୍ଧୁ ଥିଲା। ହୁତି ବିରୋଧରେ ଲଢ଼ିବାକୁ ସାମରିକ ସହାୟତା ପ୍ରଦାନ କରୁଥିଲା। ଏବେ ସ୍ଥିତି ଅଲଗା। ଆମେରିକା ସାଉଦି-ହୁତି ମାମଲାରେ ପଡ଼ିବାକୁ ଚାହୁଁନାହିଁ। ଓଲଟା ସାମୁଦ୍ରିକ ପଥରେ ଆମେରିକା ଓ ତାର ମିତ୍ର ଦେଶମାନଙ୍କ ଜାହାଜ ଉପରେ ହୁତି ବିଦ୍ରୋହୀ ଗୋଷ୍ଠୀ ହମଲା ନ କଲେ ସେ ତାଙ୍କ ଉପରେ ଆକ୍ରମଣ କରିବ ନାହିଁ ବୋଲି ଗୁଇନ୍ଦା କଥାବାର୍ତ୍ତା ହୋଇଛି। ସାଉଦି ଆରବ, ପାକିସ୍ତାନ ଏବଂ ତୁର୍କୀ ମଧ୍ୟରେ ମକ୍କା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ମୁତାବକ ତିନି ଦେଶ ମଧ୍ୟରୁ କୌଣସି ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ ଏହାକୁ ତିନି ଦେଶ ଉପରେ ଆକ୍ରମଣ ବୋଲି ଧରାଯିବ ଓ ଅନ୍ୟ ଦେଶ ସମ୍ପୃକ୍ତ ଦେଶକୁ ସାମରିକ ସହାୟତା କରିବେ। କିନ୍ତୁ ଏବେ ପାକିସ୍ତାନ ଓ ତୁର୍କୀ ଚୁକ୍ତି ଖିଲାପି କରି ଧରା ଛୁଆଁ ଦେଉନାହାନ୍ତି। ଫଳରେ ସାଉଦି ଆରବ ଏକା ପଡିଯାଇଛି। ଦ୍ୱିତୀୟରେ ହୁତି ବିଦ୍ରୋହୀମାନେ ଇରାନ ନିର୍ମିତ ଶସ୍ତା ଡ୍ରୋନ, ବାଲାଷ୍ଟିକ ମିସାଇଲ ଆଦି ବ୍ୟବହାର କରିଥାନ୍ତି। ଏମିତିରେ ସେସବୁ ନିଷ୍କ୍ରିୟ କରିବାକୁ ସାଉଦି ଆରବକୁ



ମହଙ୍ଗାରୁ ମହଙ୍ଗା ମିସାଇଲ ବ୍ୟବହାର କରିବାକୁ ପଡ଼ିବ ଯାହା ତାଙ୍କ ଦେଶ ପାଇଁ ଆର୍ଥିକ ରୂପରେ ଆତ୍ମଘାତୀ ସାବ୍ୟସ୍ତ ହେବ। ତୃତୀୟରେ ହୁତି ସାମନାସାମନି ଯୁଦ୍ଧ କରୁନାହିଁ। ସାଉଦି ଆରବର ତୈଳ କୂପ ଓ ବିଶୋଧନାଗାର ଉପରେ ଆକ୍ରମଣ କରୁଛି। ଚତୁର୍ଥରେ ହୁତି ପାଖରେ କିଛି ନାହିଁ। ସେମାନେ ଦୁର୍ଗମ ପାହାଡି ଅଞ୍ଚଳରେ ରହି ବର୍ଷ ବର୍ଷ ଯୁଦ୍ଧ ଲଢ଼ିପାରିବେ। କିନ୍ତୁ ସାଉଦି ଆରବ ପାଖରେ ସବୁ କିଛି ଅଛି। ତା' ନିଜ ଦେଶ, ନିଜର ଅର୍ଥବ୍ୟବସ୍ଥା, ତେଲ କୂପ, ବିଶୋଧନାଗାର। ତାକୁ ଦେଶ ଚଳେଇବା ଅଛି। ଅର୍ଥବ୍ୟବସ୍ଥା ସମ୍ଭାଳିବା ଅଛି। ହୁତିଙ୍କ ଭଳି ସାଉଦି ବର୍ଷ ବର୍ଷ ଅନ୍ଧ ଯୁଦ୍ଧ କରିପାରିବ ନାହିଁ। ପଞ୍ଚମରେ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ସାଉଦିର ଅର୍ଥବ୍ୟବସ୍ଥାକୁ ଆଧୁନିକ ବୈଶ୍ୱିକ ବିଜ୍‌ନେସ ହବ୍‌ରେ ପରିଣତ କରିବାକୁ ଚାହାନ୍ତି। ମରୁଭୂମି ଓ ଲୋହିତ ସାଗର କୂଳରେ ନିର୍ମିତ ହେଉଥିବା ନିୟୋମ ସିଟିକୁ ତେଲ ଉପରୁ ନିର୍ଭରଶୀଳତା ସମାପ୍ତ କରି ଅକ୍ଷୟ ଶକ୍ତିରେ ଚଳାଇବାକୁ ଚାହାନ୍ତି। ସାଉଦି ଆରବକୁ ଟୁରିଷ୍ଟ ହବ କରିବା, ଧାର୍ମିକ ଶକ୍ତି କମ୍ କରିବା, ମହିଳା ସ୍ୱାଧୀନତା ଓ ସଶକ୍ତିକରଣ ଉପରେ ଜୋର ଦେବା ଇତ୍ୟାଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନଙ୍କ ଭିଜନ୍-୨୦୩୦ ର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ। ହୁତିଙ୍କ ସହିତ ଦୀର୍ଘକାଳୀନ ଯୁଦ୍ଧରେ ଫସି ରହିଲେ ତାଙ୍କର ଭିଜନ୍-୨୦୩୦ ବାଧିତ ହବାର ଯଥେଷ୍ଟ ସମ୍ଭାବନା ରହିଛି। ଷଷ୍ଠ ଏବଂ ଅନ୍ତିମରେ ହୁତି ବିଦ୍ରୋହୀଙ୍କୁ ଗରିଲା ଯୁଦ୍ଧରେ ପରାସ୍ତ କରିବା ଏକପ୍ରକାର ଅସମ୍ଭବ। ସଂକ୍ଷେପରେ, ଟେକ୍‌ନୋଲୋଜିରେ ସାଉଦି ଆରବ ଆଗୁଆ ଥିଲେ ସୁଦ୍ଧା ଗରିଲା ଓ ସ୍ଥଳ ଯୁଦ୍ଧରେ ହୁତି ବିଦ୍ରୋହୀଙ୍କ ଠାରୁ ବହୁତ ପଛରେ। ଦେଶର ବିକାଶ ଆଗରେ ସାଉଦିକୁ ହୁତି ଆଗରେ ବିବଶ ହେବାକୁ ପଡୁଛି। ସେଥିପାଇଁ ସାଉଦି ପ୍ରତିକ୍ରିୟା କିମ୍ବା ପ୍ରତିଆକ୍ରମଣ ସପକ୍ଷରେ ନାହିଁ। ୨୦୧୫ ମସିହା ହୁତି ଯୁଦ୍ଧର ଆର୍ଥିକ କ୍ଷତି ସହିତ ପରାଜୟର କଟୁ ସ୍ୱାଦ ସାଉଦି ଏପର୍ଯ୍ୟନ୍ତ ଭୁଲିନାହିଁ।

୧୯୯୦ ଦଶକର କଥା। ୟେମେନରେ ସାଉଦି ଆରବର ଧାର୍ମିକ ପ୍ରଭାବ ବଢ଼ିବାରେ ଲାଗିଥାଏ। ନିଜର ସାଂସ୍କୃତିକ ଓ ଧାର୍ମିକ ପରମ୍ପରା ବଞ୍ଚାଇବା ପାଇଁ ଜୈଦି ସମ୍ପ୍ରଦାୟ ଆନ୍ଦୋଳନ ଆରମ୍ଭ କରିଥିଲେ। ଆନ୍ଦୋଳନର ନାମ ଥିଲା ସବାବ-ଅଲ- ମୁଅମିନୀନ । ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ୟେମେନ ସରକାର ଏବଂ ବିଦେଶୀ ପ୍ରଭାବ, ବିଶେଷ କରି ଆମେରିକା ଏବଂ ସାଉଦି ଆରବ, ବିରୋଧରେ ଏକ ସଶସ୍ତ୍ର ବିଦ୍ରୋହୀ ସଂଗଠନର ରୂପ ନେଇଥିଲା। ଉତ୍ତରୀ ୟେମେନର ସାଦା ପ୍ରାନ୍ତରୁ ଏହାର ମୂଳ ଉତ୍ପତ୍ତି। ହୁସେନ୍ ବଦ୍ରୁଦ୍ଦିନ ଅଲ୍-ହୁତି ଏହି ସଂଗଠନର ପ୍ରତିଷ୍ଠାତା। ତାଙ୍କ ପରିବାରର ନାମ ଅନୁସାରେ ଏହି ଗୋଷ୍ଠୀର ନାମ 'ହୁତି' ରହିଛି। ଏହା ଆକ୍ସିସ୍ ଅଫ୍ ରେଜିଷ୍ଟାନ୍ସର ଏକ ଅଂଶ। ଇରାନର ସହଯୋଗୀ।

ସାଉଦି ଆରବ ୟେମେନ ସରକାରକୁ ସମର୍ଥନ କରୁଥିବା ବେଳେ ହୁତି ପଛରେ ଇରାନ ରହିଛି । ଆଧୁନିକ ଅସ୍ତ୍ରଶସ୍ତ୍ର, ଆର୍ଥିକ ସହାୟତା ସାମରିକ ପ୍ରଶିକ୍ଷଣ ପ୍ରଦାନ କରୁଛି। ୨୦୧୫ ରୁ ୨୦୨୨ ମସିହା ପର୍ଯ୍ୟନ୍ତ ଦୀର୍ଘ ସାତ ବର୍ଷ ଧରି ସାଉଦି ଆରବ ଓ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଯୁଦ୍ଧ ଲାଗିଥିଲା। ସାଉଦି ଆରବ ଦୈନିକ ୧୪୪ କୋଟି ଟଙ୍କା ଖର୍ଚ୍ଚ କରୁଥିବା ସତ୍ତ୍ୱେ ହୁତିକୁ ହରାଇପାରିନଥିଲା। ଦୁର୍ଗମ ପାହାଡିଆ ଅଞ୍ଚଳର ଗୁମ୍ଫାରେ ରହି ଯୁଦ୍ଧକୁ ବର୍ଷ ବର୍ଷ ଟାଣିବାରେ ଏମାନେ ଖୁବ ମାହିର।

କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ସାଉଦି ଆରବକୁ ବିଶ୍ୱର ଏକ ପର୍ଯ୍ୟଟନ ଏବଂ ବ୍ୟବସାୟିକ କେନ୍ଦ୍ର କରିବାକୁ ଚାହାନ୍ତି । ଦେଶ ଉପରେ କ୍ରମାଗତ ଡ୍ରୋନ ମାଡ଼ ହେଲେ ବିଦେଶୀ ନିବେଶକ ସାଉଦି ଆସିବାକୁ ଭୟଭୀତ ହେବେ। କିଛି ବର୍ଷ ହେବ ଆମେରିକା ୟେମେନ ଯୁଦ୍ଧରେ ସାଉଦି ଆରବକୁ ସାମରିକ ସହାୟତା ଯୋଗାଇବା କମ୍ କରିବା ସହ କୂଟନୈତିକ ସମାଧାନ ପାଇଁ ଚାପ ପକାଉଛି । ଦୀର୍ଘଦିନର ନିରନ୍ତର ଯୁଦ୍ଧରେ ସଫଳତା ନ ମିଳିବା ପରେ ସାଉଦି ଆରବ ନିଜର ରଣନୀତିରେ ପରିବର୍ତ୍ତନ ଆଣୁଛି। ଯୁଦ୍ଧ ପରିବର୍ତ୍ତେ ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ସହ ସିଧାସଳଖ ଶାନ୍ତି ଆଲୋଚନା ଏବଂ ଯୁଦ୍ଧବିରତି ଉପରେ ଅଧିକ ଗୁରୁତ୍ୱ ଆରୋପ କରୁଛି। ଧ୍ୟାନ ଦେଉଛି।

ସରଳ ଭାଷାରେ କହିବାକୁ ଗଲେ ସାଉଦି ଆରବର ବିବଶତା ସାମରିକ ଶକ୍ତିହୀନତା ନୁହେଁ, ବରଂ ସାମରିକ ବିଜୟରେ ଅସମ୍ଭବତା ଏବଂ ଦେଶର ଅର୍ଥବ୍ୟବସ୍ଥାକୁ ସୁରକ୍ଷିତ ରଖିବାର ମହତ୍ତ୍ୱାକାଂକ୍ଷା କାରଣରୁ ସୃଷ୍ଟ ଏକ ଅପରିହାର୍ଯ୍ୟ ପରିସ୍ଥିତି କହିଲେ ଭୁଲ ହେବ ନାହିଁ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ଆସ୍ଥାକୁ ବଜାରର ଅଳିଆ କରନ୍ତୁ ନାହିଁ

**ଅଜିତ୍ କୁମାର ପ୍ରଧାନ**

ଆଜିର ବଜାରରେ ଭକ୍ତି ମଧ୍ୟ ବିଜ୍ଞାପନର ଏକ ଅଂଶ ହୋଇଯାଇଛି। ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଭିନ୍ନ ଖାଦ୍ୟସାମଗ୍ରୀ, ଧୂପକାଠି, ପ୍ୟାକେଟ୍ ଓ ଅନ୍ୟାନ୍ୟ ଦ୍ରବ୍ୟର ମୁଖପଟରେ ଦେବଦେବୀଙ୍କ ଛବି ଛପାଯାଉଛି। ଦେଖିବାକୁ ଏହା ହୁଏତ ଏକ ସାଧାରଣ ବ୍ୟବସାୟିକ ପ୍ରଚାର ପ୍ରଣାଳୀ, କିନ୍ତୁ ଏହାର ଅନ୍ୟ ଏକ ଦିଗ ଆମ ସାମାଜିକ ଓ ଧାର୍ମିକ ସମ୍ବେଦନଶୀଳତା ସହିତ ଗଭୀର ଭାବେ ଜଡ଼ିତ। ଯେଉଁ ଛବିକୁ ଆମେ ଘରର ପୂଜାଘରେ ଶ୍ରଦ୍ଧାର ସହିତ ରଖୁଛୁ, ସେହି ଛବି ଯଦି କୌଣସି ଖାଦ୍ୟ ପ୍ୟାକେଟ୍,ଧୂପ ପ୍ୟାକେଟ୍ କିମ୍ବା ଅନ୍ୟ ଦ୍ରବ୍ୟର ମୁଖପଟରେ ଛପାଯାଏ, ତେବେ ସେହି ପ୍ୟାକେଟ୍‌ର ବ୍ୟବହାର ଶେଷ ହେବା ପରେ ତାହାର ଗତି କେଉଁଠି ? ଅନେକ ସମୟରେ ସେହି ପ୍ୟାକେଟ୍ ରାସ୍ତାକଡ଼ରେ, ନାଳରେ, ଅଳିଆଗଦାରେ କିମ୍ବା ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସହିତ ପଡ଼ିଥିବା ଦେଖାଯାଏ। ଯେଉଁ ଛବି ସମ୍ମୁଖରେ ମଣିଷ ମୁଣ୍ଡ ନୁଆଁଏ, ସେହି ଛବି ଯେତେବେଳେ ଅଳିଆ ଭିତରେ ପଡ଼ିରହେ, ତାହାକେବଳ ଏକ ଛବିର ଅପମାନ ନୁହେଁ ଏହା ଆମ ଭାବନା ଓ ଆସ୍ଥା ପ୍ରତି ମଧ୍ୟ ଏକ ପ୍ରଶ୍ନ ଉଠାଏ। ଭକ୍ତିକୁ ବଜାରର ଆକର୍ଷଣ କରିବା ପୂର୍ବରୁ ଆମେ ଭାବିବା ଦରକାର ଦେବଦେବୀଙ୍କ ଛବି କେବଳ ଏକ ଡିଜାଇନ୍ ନା ଆମ ସଂସ୍କୃତିର ଏକ ପ୍ରତୀକ ?ବ୍ୟବସାୟର ଲାଭ ପାଇଁ ଯଦି ଏହି ପ୍ରତୀକଗୁଡ଼ିକୁ ବ୍ୟବହାର କରାଯାଏ, ତେବେ ତାହାର ପରବର୍ତ୍ତୀ ପରିଣତି ପ୍ରତି ମଧ୍ୟ ଉତ୍ପାଦକ ଓ କମ୍ପାନୀମାନଙ୍କର ଦାୟିତ୍ୱ ରହିବା ଉଚିତ। ଏହା କୌଣସି ଧର୍ମ ବିରୋଧୀ ଚିନ୍ତା ନୁହେଁ। ବରଂ ଏହା ହେଉଛିଧାର୍ମିକ ଭାବନା ଓ ଆସ୍ଥା ପ୍ରତି ସମ୍ମାନର ଦାବି। ଯଦି କୌଣସି ପ୍ୟାକେଟ୍‌ରେ ଦେବଦେବୀଙ୍କ ଛବି ଛପାଯାଏ, ତେବେ ସେହିପ୍ୟାକେଟ୍ ବ୍ୟବହାର ପରେ ଛବିଟି ଯେପରି ଅସମ୍ମାନଜନକ ଭାବରେ ବର୍ଜ୍ୟ ହୋଇନପଡ଼େ, ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା ଓ ସଚେତନତା ଆବଶ୍ୟକ। ତାହା ଠାରୁ ଭଲ, ଦେବଦେବୀଙ୍କ ଛବିକୁ ବ୍ୟବସାୟିକ ପ୍ୟାକେଜିଂରେ ବ୍ୟବହାର ନ କରିବା ନେଇ ନୀତିଗତ ଚିନ୍ତା କରାଯାଇପାରେ। ଏଠାରେ ରାଜ୍ୟ ସରକାରଙ୍କର ମଧ୍ୟ ଏକ ଦାୟିତ୍ୱ ରହିଛି। ଓଡ଼ିଶା ହେଉଛି ଧାର୍ମିକ ଆସ୍ଥା, ପରମ୍ପରା ଓ ସଂସ୍କୃତିର ଏକ ସମୃଦ୍ଧ ଭୂମି। ଶ୍ରୀଜଗନ୍ନାଥଙ୍କ ଭୂମି ଭାବେ ପରିଚିତ ଏହି ରାଜ୍ୟରେ ଦେବଦେବୀଙ୍କ ଛବି ଓ ପ୍ରତୀକ ପ୍ରତି ଲୋକଙ୍କର ଭାବନା ଅତ୍ୟନ୍ତ ଗଭୀର। ତେଣୁ ବ୍ୟବସାୟିକ ପ୍ୟାକେଜିଂରେ ଧାର୍ମିକ ପ୍ରତୀକର ବ୍ୟବହାର, ଏହାର ଅପବ୍ୟବହାର ଏବଂ ବ୍ୟବହାର ପରେଏହାର ଅସମ୍ମାନଜନକ ପରିଚାଳନା ଉପରେ ସରକାର ଏକ ସ୍ପଷ୍ଟ ନୀତି ଓ ନିୟମ ଆଣିବା ଦିଗରେ ଚିନ୍ତା କରିବା ଆବଶ୍ୟକ।କେବଳ ଆଇନ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ। ଉତ୍ପାଦକ, ବ୍ୟବସାୟୀ ଓ ଗ୍ରାହକ ସମସ୍ତଙ୍କ ମଧ୍ୟରେ ସଚେତନତା ଆସିବା ଦରକାର। ଆମେ ଯେତେବେଳେ କୌଣସି ସାମଗ୍ରୀ କିଣୁଛୁ, ତାହାର ପ୍ୟାକେଟ୍‌ରେ କ'ଣ ଛପାଯାଇଛି, ତାହାର ଶେଷ ଗତି କେଉଁଠି ହେବ ଏହା ମଧ୍ୟ ଭାବିବାର ସମୟ ଆସିଛି। ଦେବଦେବୀଙ୍କ ଛବିକୁ ବଜାରର ଏକ ଆକର୍ଷଣ ନୁହେଁ, ଆମ ଆସ୍ଥାର ପ୍ରତୀକ ଭାବେ ଦେଖିବା ଦରକାର। ଯେଉଁ ଛବି ଆମ ହୃଦୟରେ ପବିତ୍ର, ତାହାକୁ ଅଳିଆଗଦାରେ ପହଞ୍ଚିବାର ରାସ୍ତା ଦେଖାଇବା ଉଚିତ ନୁହେଁ।ବ୍ୟବସାୟ କରନ୍ତୁ, ବଜାର ବଢ଼ାନ୍ତୁ କିନ୍ତୁ ଆସ୍ଥାକୁ ବଜାରର ଅଳିଆ କରନ୍ତୁ ନାହିଁ। ଓଡ଼ିଶା ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହିତ ବିଚାର କରି, ଦେବଦେବୀଙ୍କ ଛବିକୁ ଅସମ୍ମାନଜନକ ପରିସ୍ଥିତିକୁ ଯିବାରୁ ରୋକିବା ପାଇଁ ଉପଯୁକ୍ତ ନିୟମ, ନିର୍ଦ୍ଦେଶନା ଓ ସଚେତନତାମୂଳକ ପଦକ୍ଷେପ ନିଅନ୍ତୁ। କାରଣ ଆସ୍ଥାର ସମ୍ମାନ କେବଳ ମନ୍ଦିର ଭିତରେ ନୁହେଁ ଆମ ଦୈନନ୍ଦିନ ଜୀବନର ପ୍ରତ୍ୟେକ ସ୍ଥାନରେ ରହିବା ଉଚିତ।

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କାଶ୍ମୀର
ମୋ - ୬୦୦୫୬୮୦୯୯୨

# କମାର ଶାଳ, ଶବ୍ଦ ଗୁଚ୍ଛର ମାଳ ଏସବୁ ଓଡ଼ିଆ ଅସ୍ମିତାର ଫଳାଫଳ

**ପଙ୍କଜ କୁମାର ପାଣିଗ୍ରାହୀ**

> **ପୂର୍ବରୁ କମାର ଜାତି ଧାତୁ ନିର୍ମାଣ କରୁଥିଲେ । ଲେଖକ ଜାତି ଶବ୍ଦାବଳୀରେ ଯୁଗ ନିର୍ମାଣ କରୁଥିଲେ । ଆଜି ତ ଆଉ ଜାତିପ୍ରଥା ନାହିଁ । ଯିଏ ଯାହା ଚାହିଁଲେ କରୁଛନ୍ତି । ତେଣୁ ଯିଏ ଚାହିଁଲା ଲେଖାର ବିନ୍ଧାଣି ହୋଇ ଶବ୍ଦ ଗୁଚ୍ଛର ମାଳ ପ୍ରସ୍ତୁତ କରିବାରେ କିଛି ବାଧକତା ନାହିଁ । ପ୍ରବନ୍ଧ, ଗଳ୍ପ, ନାଟକ, କବିତା ଆଦିକୁ କେତେକ ଶବ୍ଦ ଗୁଚ୍ଛରେ ଅଳଙ୍କୃତ କରି ପ୍ରସ୍ତୁତ କରୁଛନ୍ତି ବିଭିନ୍ନ ଲେଖା । ବହୁ ଲେଖାରେ ମାଧୁର୍ଯ୍ୟ ନାହିଁ, କି ପ୍ରେରଣା । ସାମାଜିକତାର ନିଦର୍ଶନ ନାହିଁ କି ଭାବନାତ୍ମକ ଚେତନା ।**

ଆଜିକାଲି କମାର ଶାଳ ଆଉ ସହରାଞ୍ଚଳରେ ଦେଖିବାକୁ ମିଳୁନି । କାଁ ଭାଁ କୋଉଠି ଗାଁରେ ରହିଥାଇ ପାରେ। ଯେଉଁଠି ଥିବ, ସେମାନଙ୍କ ବ୍ୟବସାୟ ଆଉ ପୂର୍ବ ଭଳି ଚାଲୁନଥିବ। ପୂର୍ବ ସମୟରେ କମାର ଶାଳରେ ଯାହାସବୁ ଆବଶ୍ୟକ ଯନ୍ତ୍ରପାତି ତିଆରି କରାଯାଉ ଥିଲା, ସେଗୁଡିକ ଆଜିକାଲି ବଡ଼ବଡ଼ କଳ କାରଖାନାରେ ସିଧା ବ୍ୟବହାର ଯୋଗ୍ୟ ପ୍ରସ୍ତୁତ ହୋଇ ବଜାରକୁ ଆସିଯାଉ ଅଛି । କମାର ଠାରୁ ଯଥେଷ୍ଟ କମ୍ ଦାମରେ ମଧ୍ୟ ମିଳୁଛି। ତେଣୁ କମାରଙ୍କ ଚାହିଦା ଆଉ ପୂର୍ବଭଳି ନାହିଁ। ସେମାନେ ଆଉ ପାରଂପରିକ ରୀତିରେ ପିଢ଼ିକୁ ପିଢ଼ି ସେହି କାମ କରୁନାହାନ୍ତି। କେତେକ ପ୍ରାପ୍ତ ବୟସ ପୁରୁଣା ଲୋକ ନିଜର ଜୀବିକା ଥିଲା ବୋଲି ସମୟ ଅତିବାହିତ କରିବା ଧାରାରେ ଯାହା କିଛି କରୁଛନ୍ତି । ତାର ମୂଲ୍ୟ କେବଳ ଜାଣୁଛନ୍ତି ସେମାନେ, ଯିଏ ସେମାନଙ୍କ ସହିତ ପୂର୍ବରୁ କାର୍ଯ୍ୟ କରି ଆସୁଥିଲେ । ତା ବ୍ୟତୀତ ଅତ୍ୟାଧୁନିକ ଆବଶ୍ୟକତାକୁ ପୂରଣ କରିବାରେ ଅସମର୍ଥ ସେମାନେ; ତାଙ୍କ ଠାରୁ ଆଧୁନିକ ଢଙ୍ଗର ଶସ୍ତା, ସୁନ୍ଦର, କ୍ଷଣସ୍ଥାୟୀ କାର୍ଯ୍ୟ ଆଶା କରାଯାଇ ନ ପାରେ ଆଜି ସମୟର ଆବଶ୍ୟକତାକୁ ପୂରଣ କରିବା ପାଇଁ।

ଆଜିକାଲିର କାରଖାନା ପ୍ରସ୍ତୁତ ଯନ୍ତ୍ରଗୁଡିକ ତୁଳନାରେ ସେମାନଙ୍କ ଦ୍ୱାରା କରାଯାଉଥିବା କାମ ଗୁଡିକ ଅଧିକ ଶକ୍ତିଶାଳୀ ଓ ଦୀର୍ଘସ୍ଥାୟୀ ହେଉଥିଲା । ସେହି କାର୍ଯ୍ୟ କେବଳ କମାର ହିଁ କରୁଥିଲେ ଯାହା ଅନ୍ୟ କେହି କରୁନଥିଲେ । ଆଜିକାଲିର ପିଲା କମାର ଶାଳ କେବେ ଦେଖି ନଥିବେ କି ତା ବିଷୟରେ ମଧ୍ୟ ଶୁଣି ନଥିବେ । ସେଇଠି କ'ଣ ହୁଏ ଜାଣି ମଧ୍ୟ ନଥିବେ । ଅନ୍ୟୂନ ୩୦-୩୫ ବର୍ଷ ବୟସରୁ ଅଧିକ ଲୋକଙ୍କୁ ହୁଏତ ତା ବିଷୟରେ କିଛି ଜଣାଥିବ ନିଶ୍ଚୟ । ଯେଉଁମାନେ ଜାଣନ୍ତି ନାହିଁ ସେମାନେ ଜାଣି ରଖନ୍ତୁ- ଆପଣ, ଯେ କୌଣସି ଆକୃତିର ଯେ କୌଣସି ଧାତୁ ଖଣ୍ଡିଏ / ଅନେକ ନେଇ ସେଇଥିରୁ ଯାହା କରିବାକୁ ଚାହିଁବେ; ସେ ସବୁ ସେଇଠି ସମ୍ଭବ ହେବ । ଆମ ଚାହିଦା ମୁତାବକ କୌଣସି ଯନ୍ତ୍ରଟିଏ କରିହେବ ଯାହା ଅତ୍ୟଧିକ ଶକ୍ତିଶାଳୀ ହେବା ସହିତ ଦୀର୍ଘସ୍ଥାୟୀ ହୋଇ କାର୍ଯ୍ୟ କରିବ । କମାର ଶାଳରେ ବିଭିନ୍ନ ଧାତୁ ତରଳାଇ, ତାକୁ ପିଟି, ଘଷି, ମାଜି ବହୁ କଷ୍ଟରେ ପ୍ରସ୍ତୁତ ହୁଏ ଏକ ଯନ୍ତ୍ର / ଯନ୍ତ୍ରାଂଶ ।

ସେହିଭଳି ଅନେକ ଆଲୋଚନାତ୍ମକ ବିଚାର ମଧ୍ୟରେ ସରଳ, ଜଟିଳ, ଅତି ଜଟିଳ ଶବ୍ଦକୁ ନେଇ ଭାବ ଶୈଳୀରେ ପ୍ରସ୍ତୁତ ହେଉଥିଲା ଲେଖା ଓ କବିତା । କମାର ଶାଳ ଭଳି ଶବ୍ଦର ସଂଗ୍ରହ କରି ତାକୁ ଘଷି, ମାଜି ପ୍ରସ୍ତୁତ କରାଯାଉଥିଲା କୌଣସି ପାଠ, ଯାହା ଯୁଗ ଯୁଗାନ୍ତର ପର୍ଯ୍ୟନ୍ତ ତାର ସୌନ୍ଦର୍ଯ୍ୟ ବଜାୟ ରଖିପାରିବ । ସେଗୁଡିକ ପଠନ ଉପଯୋଗୀ ହେବା ସହିତ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ଭାବେ ବ୍ୟବହାର୍ଯ୍ୟ । ବୁଝିବା ସାମାନ୍ୟ କଷ୍ଟକର ଥିଲେ ମଧ୍ୟ ଅତ୍ୟନ୍ତ ଭାବ ଗାମ୍ଭୀର୍ଯ୍ୟର ମହତ୍ତ୍ୱ ସହିତ ମଣିଷର ପ୍ରେରଣାର ଉତ୍ସ ଭଳି କାର୍ଯ୍ୟ କରିଥାଏ । ଭାଷା, ସାହିତ୍ୟ ଗୋଟିଏ ଜାତିର ପରିଚୟର ମାନଦଣ୍ଡ ହୋଇଥାଏ ଯାହା ସେହି ପୁରୁଣା ଲେଖକ, କବିଙ୍କ ଲେଖନୀରୁ ନିସୃତ ହେଉଥିଲା ।

ମୁଖ୍ୟତଃ ମଣିଷ ମସ୍ତିଷ୍କର ବିଚାରଧାରାକୁ ଆନ୍ଦୋଳିତ କରି ସୃଜନଶୀଳତା ସୃଷ୍ଟି କରିବାରେ ସେଗୁଡିକର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ପଠନରେ ମାନସିକ ଆନ୍ଦୋଳନାତ୍ମକ ବିଚାର ସୃଷ୍ଟି ନ ହେଲେ ତାହା ମଣିଷର ପ୍ରାକୃତିକ ବୌଦ୍ଧିକ ଚେତନାକୁ ବିକାଶ କରିପାରିବ ନାହିଁ। ମୂଲ୍ୟହୀନ ଲେଖା ପଢ଼ିବା ଦ୍ୱାରା ଓଲଟା ମଣିଷର କ୍ରମବିକାଶଶୀଳ ଚେତନା ବିକ୍ଷିପ୍ତ ହେବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ନାହିଁ। ମୂଲ୍ୟହୀନ, ଅଯୌକ୍ତିକ ପାଠ ପଢିବା ଦ୍ୱାରା ମଣିଷର ବିପରୀତମୁଖୀ ଚେତନା ମଧ୍ୟ ସୃଷ୍ଟି ହୋଇପାରେ। ସେଗୁଡିକ ପଠନଯୋଗ୍ୟ ନୁହେଁ ଏବଂ ନିଶ୍ଚିତ ବର୍ଜନ କରାଯିବା ଆବଶ୍ୟକ। ସମୟ ବଦଳିଗଲା। ଆଧୁନିକତାର ଦ୍ୱାହିଦେଇ ମଣିଷର ବିଚାରଧାରାକୁ କଳୁଷିତ କରାଗଲା। ବ୍ୟବସାୟର ନୂତନ ଢାଞ୍ଚାରେ ସମାଜକୁ ପରିବର୍ତ୍ତନ କରାଗଲା । ଯାନ୍ତ୍ରିକ ବ୍ୟବହାର ମାଧ୍ୟମରେ ମଣିଷକୁ ଯନ୍ତ୍ରରେ ପରିଣତ କରାଗଲା । ଫଳରେ ମଣିଷର ମସ୍ତିଷ୍କ ଯନ୍ତ୍ର ଭଳି କ୍ଷିପ୍ର ଗତିରେ କାର୍ଯ୍ୟ କରିବାକୁ ଲାଗିଲା । ଥରେ ଚାର୍ଜ କଲେ ଅଜସ୍ର ଉତ୍ପାଦ ସୃଷ୍ଟି ହେବା ଭଳି ବିଚାର ସୃଷ୍ଟି ହେଲା ମଣିଷ ମସ୍ତିଷ୍କରେ । କୌଣସି କଥା / ବିଷୟକୁ ଆଉ ଅଧିକ ସମୟ ଭାବ ବିଚାର ମଧ୍ୟରେ ନରଖି ଯନ୍ତ୍ର ଭଳି ତତ୍‌କ୍ଷଣାତ୍ ଗ୍ରହଣ କରିବା ଦୃଷ୍ଟିଭଙ୍ଗୀ ସୃଷ୍ଟି ହେଲା ମନରେ । ତାହାଦ୍ୱାରା ମଣିଷ ବହୁତ ଆଗକୁ ଯାଇପାରିବା ଭଳି ମନୋଭାବ ସୃଷ୍ଟି ହେଲା । ଯାହା ଆଜି ସମୟର ମାନସିକ ପରିସ୍ଥିତି ଦେଖିବାକୁ ମିଳୁଛି ପ୍ରାୟତଃ ସମସ୍ତଙ୍କ କ୍ଷେତ୍ରରେ ।

ସେହିକ୍ରମରେ ପୂର୍ବ ଭାରତୀୟ ଲେଖା, ସାହିତ୍ୟ ଗୁଡ଼ିକର ଶିଥିଳ ଭାବାତ୍ମକ ଶୈଳୀଗୁଡିକ ଲୋକଙ୍କ ମନରେ ଆନ୍ଦୋଳିତ କରିପାରିଲା ନାହିଁ। ସେଗୁଡିକୁ ପଢ଼ି ବୁଝି, ବିଚାରି ତାର ମର୍ମ ଗୁଡିକୁ ଆହରଣ କରିବା ସମୟ ସାପେକ୍ଷ ହୋଇଥାଏ । ଆଜିର ଅତ୍ୟାଧୁନିକ ଯନ୍ତ୍ର ମାନବ ପାଖରେ ସମୟ ସାପେକ୍ଷ କାର୍ଯ୍ୟର ଚାହିଦା ନାହିଁ। ତେଣୁ ପୂର୍ବ ସମୟର ଲେଖା, ପାଠ, କବିତା ଆଦି କମାର ଶାଳର ପରିସ୍ଥିତି ସଦୃଶ୍ୟ ଅଲୋଡ଼ା ହୋଇଗଲା । ବର୍ତ୍ତମାନ କାଁ ଭାଁ କୋଉଠି କିଏ ସେହି ପୁରୁଣା ଢାଞ୍ଚାରେ ଲେଖୁଥିବ କିମ୍ବା ତାକୁ କିଏ ପଢୁଥିବ, ସନ୍ଦେହ ! ସମସ୍ତଙ୍କୁ ଆବଶ୍ୟକ ହେଲା କ୍ଷିପ୍ର ପଠନ ଯାହା ଖୁବ୍ କମ୍ ସମୟ ମଧ୍ୟରେ ସମାପ୍ତ ହେବ । ସେଇଥିରୁ କ'ଣ ଲାଭ ହେବ, ନ ହେବ ବିଚାର ଶୂନ୍ୟ, କି'ନ୍ତୁ ସମୟ କ୍ଷୀଣ ହେବା ଆବଶ୍ୟକ ।

ସେଠାରୁ ସୃଷ୍ଟି ହେଲା ଅସଂଖ୍ୟ ଶବ୍ଦ ଗୁଚ୍ଛର ମାଳ ପ୍ରସ୍ତୁତ କାରଖାନା । ପୂର୍ବରୁ କମାର ଜାତି ଧାତୁ ନିର୍ମାଣ କରୁଥିଲେ । ଲେଖକ ଜାତି ଶବ୍ଦାବଳୀରେ ଯୁଗ ନିର୍ମାଣ କରୁଥିଲେ । ଆଜି ତ ଆଉ ଜାତିପ୍ରଥା ନାହିଁ। ଯିଏ ଯାହା ଚାହିଁଲେ କରୁଛନ୍ତି । ତେଣୁ ଯିଏ ଚାହିଁଲା ଲେଖାର ବିନ୍ଧାଣୀ ହୋଇ ଶବ୍ଦ ଗୁଚ୍ଛର ମାଳ ପ୍ରସ୍ତୁତ କରିବାରେ କିଛି ବାଧକତା ନାହିଁ । ପ୍ରବନ୍ଧ, ଗଳ୍ପ, ନାଟକ, କବିତା ଆଦିକୁ କେତେକ ଶବ୍ଦ ଗୁଚ୍ଛରେ ଅଳଙ୍କୃତ କରି ପ୍ରସ୍ତୁତ କରୁଛନ୍ତି ବିଭିନ୍ନ ଲେଖା। ବହୁ ଲେଖାରେ ମାଧୁର୍ଯ୍ୟ ନାହିଁ, କି ପ୍ରେରଣା। ସାମାଜିକତାର ନିଦର୍ଶନ ନାହିଁ କି ଭାବନାତ୍ମକ ଚେତନା । କେବଳ କେତେକ ଶବ୍ଦକୁ ଯିଏ ଯୋଡ଼ି ପାରିଲା ସିଏ ଜଣେ ଲେଖକର ପରିଚୟ ପାଇଲା ।

ତାକୁ ନେଇ କେତେ ସାହିତ୍ୟ ଆସର ! କେତେ ଯେ ପୁରସ୍କାର ! ଗଣମାଧ୍ୟମରେ ପ୍ରଚାର ପ୍ରସାର, ତାର ସୀମା ନାହିଁ ! ଅସ୍ମିତା ବୋଲି ଏକ ଶବ୍ଦକୁ ବ୍ୟବହାର କରି ସାହିତ୍ୟ ସଭା ଠାରୁ ଆରମ୍ଭ କରି ଏକାଡେମୀ ହେଉ କି ଶାସନ ବ୍ୟବସ୍ଥା, ସବୁଠି ତାର ବ୍ୟବହାର ପ୍ରଚଣ୍ଡ । ଶବ୍ଦଟିର ଉପଯୋଗିତା, ମୂଲ୍ୟବୋଧତା ଉପରେ ଚର୍ଚ୍ଚା, କାର୍ଯ୍ୟକ୍ଷମତା ଶୂନ୍ୟ । ଏସବୁ ସମାନ ଢଙ୍ଗରେ ବିଚାର ରଖିଥିବା ଲୋକଙ୍କ ମଧ୍ୟରେ ହିଁ ସୀମିତ । ଆଜିର ସମାଜକୁ ଆବଶ୍ୟକ ଥିବା କିମ୍ବା ସାମାଜିକ କାର୍ଯ୍ୟରେ ଉପଯୋଗ ହେବା ଭଳି କୌଣସି ତଥ୍ୟ ସେଗୁଡ଼ିକରେ ସ୍ୱପ୍ନ , ଦେଖିଲେ କିନ୍ତୁ ମନେ ହୁଏ ଯେ କେତେକ ଶବ୍ଦ ଗୁଚ୍ଛର ମାଳ କେବଳ, ଯାହାର ସାମାଜିକ ମୂଲ୍ୟବୋଧତା କେତେ / କ'ଣ ହୁଏତ ସେମାନଙ୍କୁ ହିଁ ଜଣାଥିବ; ଯାହା ସାଧାରଣ ଲୋକଙ୍କୁ ପ୍ରଭାବିତ କରିବାରେ ଅକ୍ଷମ ।

ପୂର୍ବ କାଳରେ କମାର ହାତୁଡ଼ିରେ ପିଟି ପିଟି ଆବଡ଼ା, ଖାବଡ଼ା, ଖାଲ, ଢ଼ିପ କରି ସମୟ ସାପେକ୍ଷ କୋଡ଼ି ତିଆରି କଲେ ସେ ସମୟରେ ତା'ର ଚାହିଦା ସେମିତି ଥିଲା। ସମାନ ଢଙ୍ଗରେ ପ୍ରସ୍ତୁତ ଲେଖା ଗୁଡିକର ମଧ୍ୟ ସେହିଭଳି ଚାହିଦା ଥିଲା । ଆଜି ସମୟର କାରଖାନାରେ ପ୍ରସ୍ତୁତ କୋଡ଼ିର ସୌନ୍ଦର୍ଯ୍ୟ ତାଠାରୁ କେତେ ଗୁଣରେ ଅଧିକ । ତେଣୁ କମାରର ଚାହିଦା କ୍ଷୁଣ୍ଣ ହେବା ଭଳି, ପୂର୍ବ ସମୟର ଲେଖା, ଲେଖକ ମଧ୍ୟ ସେହି ସ୍ତରରେ ଆସି ପହଞ୍ଚି ଯାଇଛି କି ବୋଲି ଆମର ସନ୍ଦେହ ହେଉଛି । ପୁରାତନ ଲେଖା ଗୁଡିକର ସୌନ୍ଦର୍ଯ୍ୟ କି ମାଧୁର୍ଯ୍ୟ ନ ଥିବା ମନେ କରୁଛନ୍ତି ପାଠକ । ଆଧୁନିକ ସାହିତ୍ୟର ବହୁ ପାଠ ପଢିବା ବେଳକୁ ଲଜ୍ଜା ଅନୁଭବ କରୁଥିବେ ପ୍ରାକ୍ତନ ଲେଖକ, କବି ସମୂହ ! ତଥାପି ଦେଶ ମୋର ପ୍ରଗତିର ପଥେ ! ସମୟ କହିବ ତାର ଅସ୍ମିତା ଓ ମାଧୁର୍ଯ୍ୟର ପରିଭାଷା ଯାହା ଜାତିକୁ ଅଗ୍ରଗାମୀ କରିବ କି ପଶ୍ଚାତ୍‌ପଦ ।

ଆଧୁନିକ ସାହିତ୍ୟ କହିଲେ କ'ଣ ତାର ଅର୍ଥ ହିଁ ଆମକୁ ବୁଝା ପଡୁନାହିଁ ଯାହାର ଲେଖକ, ସଂପାଦକ, ପ୍ରକାଶକଙ୍କ ଡିଗ୍ରୀ ଖାଲି ଡକ୍ଟରେଟରେ ରହିଛି ! ଆମକୁ ପଢ଼ାଯାଇଥିବା କବି ସମ୍ରାଟ, ପଲ୍ଲୀ କବି, ଭକ୍ତ କବି, ବ୍ୟାସ କବିଙ୍କ ଭଳି ଅନେକ ପୁରୁଣା ସାହିତ୍ୟ କମାରଙ୍କ ଲେଖାଗୁଡିକ ଆଜି ମୂଲ୍ୟହୀନ ହୋଇଯାଇଛି ବୋଧେ।

ଆଜିର ବହୁ ଆଧୁନିକ ସାହିତ୍ୟିକ, ଲେଖକ ଓ ପାଠକଙ୍କ ସାମାଜିକ ମୂଲ୍ୟବୋଧତା ରାଷ୍ଟ୍ରୀୟ ପ୍ରଗତିରେ କେତେ ସହାୟକ ହେଉଛି ଦେଖିବାକୁ ଚାହିଁ ବସିବା କଥା । ନିଜକୁ ନିଜେ ହିଁ ପଚାରି ଦେଖିବା ଆବଶ୍ୟକ ! ଏକଥା ସମସ୍ତଙ୍କୁ ବୁଝିବାକୁ ହେବ।

ଛତ୍ରପୁର, ଗଂଜାମ
ମୋ: ୯୪୩୭୩୨୪୯୧୭.

# ହାତୀ-ଭୟରେ ଚାଷୀ, ଫସଲ ଅମଳକୁ ନେଇ ବଢ଼ିଲା ଚିନ୍ତା

## ଚାଷଜମି ମୁହାଁଇଲେଣି ହାତୀ ପଲ, ଡ୍ରୋନ୍‌ରେ ନଜର ରଖୁଛି ବନ ବିଭାଗ

ରେଢ଼ାଖୋଲ,୨୬।୯ (ନିପ୍ର); ଚାଷୀକୁଳ ପାଇଁ ବର୍ଷର ସବୁଠାରୁ ଆଶା ଓ ଉତ୍କଣ୍ଠାର ସମୟ ହେଉଛି ଫସଲ ଅମଳ ଋତୁ। ମାସ ମାସ ଧରି ଝାଳ ବୁହାଇ, ଦିନରାତି ଏକ କରି ଉପୁଜାଇଥିବା ଧାନ କିମ୍ବା ବିଭିନ୍ନ ଫସଲ ଯେତେବେଳେ ପାଚି ସୁନେଲି ରଙ୍ଗ ଧାରଣ କରେ, ସେତେବେଳେ ଚାଷୀର ମନ ଆନନ୍ଦରେ ନାଚିଉଠେ। ମାତ୍ର ଚଳିତ ବର୍ଷ ଏହି ସମୟଟି ରେଢ଼ାଖୋଲ ବ୍ଲକ୍ କେତେକାଞ୍ଚଳର ଚାଷୀଙ୍କ ପାଇଁ ଆଣିଦେଇଛି ଗଭୀର ଚିନ୍ତା ଓ ଆଶଙ୍କା। ଅମଳ ପାଖେଇ ଆସିଥିବା ବେଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଡ଼ମାଳ ରେଞ୍ଜ ଏବଂ ରେଙ୍ଗାଲି ରିଜର୍ଭ ଫରେଷ୍ଟ ଅଞ୍ଚଳରେ ହାତୀ ପଲଙ୍କ ଉପଦ୍ରବ ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି। ଜମିରେ ଫସଲ ପାଚିବାକୁ ବସିଥିବା ବେଳେ ହାତୀ ପଲ ଜମି ମୁହାଁ ହେବା ଖବର ଚାଷୀଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଛି। ଗୋଟିଏ ପଟେ ହାତୀ ପଲଙ୍କ ଭୟ ତ ଅନ୍ୟପଟେ ବରାହାଃ ମାନଙ୍କ ଉପଦ୍ରବ ଏହି ଦ୍ୱିମୁଖୀ ସମସ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେବା ଅବସ୍ଥାକୁ ଆଣିଲାଣି । ମାସ ମାସର ପରିଶ୍ରମ ପାଣିରେ ମିଶିଯିବାର ଭୟ ଆମକୁ ପ୍ରତି ମୁହୂର୍ତ୍ତରେ ଘାରୁଛି ବୋଲି ଚାଷୀ କହୁଛନ୍ତି । ରାତି ଅଧରେ ବି ଉଠି ଜମି ଜଗିବାକୁ ପଡୁଛି,' ବୋଲି କିଛି ସ୍ଥାନୀୟ ଚାଷୀ ଲୁହଭରା ବେଦନା ପ୍ରକାଶ କରିଛନ୍ତି। ଚାଷୀଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ



ଦୃଷ୍ଟିରେ ରଖି ବନ ବିଭାଗ ମଧ୍ୟ ସତର୍କ ରହିଛି। ହାତୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ପାଇଁ ବଡ଼ମାଳ ରେଞ୍ଜରେ ଡ୍ରୋନ୍ ର ସହାୟତା ନିଆଯାଉଛି। ହାତୀ କେଉଁ ଦିଗକୁ ଗତି କରୁଛନ୍ତି, ତାହା ଡ୍ରୋନ୍ ଜରିଆରେ ଠାବ କରାଯାଉଛି। ହାତୀମାନେ ଜନବସତି ବା ଚାଷ ଜମି ଆଡ଼କୁ ମୁହାଁଇଲେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ୍ ପ୍ରସ୍ତୁତ ରହିଛି ବୋଲି ରେଞ୍ଜ ଅଧିକାରୀ କହିଛନ୍ତି । ରେଙ୍ଗାଲି ଆରଏଫ୍ ଅଞ୍ଚଳରେ ମଧ୍ୟ ବନ କର୍ମଚାରୀମାନେ ନିୟମିତ ଭାବେ ସ୍ଥିତି ଉପରେ ନଜରର ?ରାତିର ଶୀତକୁ ଖାତିର ନକରି, ହାତୀ-ବାର୍‌ହାଙ୍କ ଆକ୍ରମଣର ଭୟକୁ ଏଡ଼ାଇ ଚାଷୀମାନେ ଏବେ ଜମିରେ ଜଗି ରହୁଥିବା ଜଣାପଡିଛି । ସମସ୍ତଙ୍କ ମନରେ ଏବେ ଗୋଟିଏ ବଡ଼ ପ୍ରଶ୍ନ 'ମାସ ମାସର ଝାଳବୁହା ପରିଶ୍ରମର ଫସଲକୁ ସୁରକ୍ଷିତ ଭାବେ ଘରକୁ ଆଣିପାରିବେ ତ ?' ବନ ବିଭାଗର ସତର୍କତା ଏବଂ ପ୍ରଶାସନିକ ସହଯୋଗ ଯେତିକି ଶୀଘ୍ର ଓ କାର୍ଯ୍ୟକାରୀ ହେବ, ସେତିକି ଶୀଘ୍ର ଚାଷୀଙ୍କ ଏହି ଚିନ୍ତା ଦୂର ହୋଇପାରିବ ଏବଂ ସେମାନଙ୍କ ମୁହଁରେ ହସ ଫୁଟିପାରିବ। ତେଣୁ ଏଥିପ୍ରତି ବନବିଭାଗ ଗୁରୁତ୍ୱ ଦେବାକୁ ସାଧାରଣ ଦାବି ହୋଇଛି ।

## ବେଲଗୁଣ୍ଠା ଏନ୍‌ଏସି ଉପାଧ୍ୟକ୍ଷା ପଦବୀ ପାଇଁ ଉପ-ନିର୍ବାଚନ ୨୯ରେ

ବେଲଗୁଣ୍ଠା,୨୬।୯ (ନିପ୍ର); ଗତ ୨୦୨୪ ନଭେମ୍ବର ୧୯ ରେ ବେଲଗୁଣ୍ଠା ଏନ୍‌ଏସିର ପୂର୍ବତନ ଉପାଧ୍ୟକ୍ଷା ଟି. ବବିତା କୁମାରୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ଭୋଟ୍‌ରେ ସମସ୍ତ ୧୨ ଜଣ କାଉନସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିଲେ। ଏହା ଫଳରେ ଟି ବବିତା କୁମାରୀ ଉପାଧ୍ୟକ୍ଷା ପଦବୀ ହରାଇଥିଲେ। ସେହିଦିନ ଠାରୁ ବେଲଗୁଣ୍ଠା ଏନଏସିର ଉପାଧ୍ୟକ୍ଷା ପଦ ଖାଲି ପଡ଼ିଥିବା ବେଳେ, ଏହି ପଦବୀ ପୂରଣ ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଉପ-ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ ସୂଚୀ ଅନୁସାରେ,୨୨ ସେପ୍ଟେମ୍ବର ୨୦୨୬ରେ ନୋଟିସ ଜାରି କରାଯାଇଛି । ବର୍ତ୍ତମାନ ୨୯ ସେପ୍ଟେମ୍ବର ୨୦୨୬ରେ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ୧୧ଟା ରୁ ୧୨ ଟା ମଧ୍ୟରେ ଯାଞ୍ଚ, ଅପରାହ୍ନ ୧:୦୦ ପୂର୍ବରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ଆବଶ୍ୟକ ସ୍ଥଳେ ଅପରାହ୍ନ ୧:୩୦ରୁ ୩:୩୦ ମଧ୍ୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

## ଗର୍ଭବତୀ ମହିଳାଙ୍କ ପାଇଁ ସତର୍କତା ମୂଳକ ପଦକ୍ଷେପ

ହିଞ୍ଜିଳିକାଟୁ,୨୬।୯ (ନିପ୍ର); ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ଗଭୀର ଅବପାତ ରୂପ ନେଇ କଳିଙ୍ଗ ପଟନମ ଓ ଦକ୍ଷିଣ ଓଡ଼ିଶା ଉପକୂଳ ଗୋପାଳପୁର ମଧ୍ୟରେ ସ୍ଥଳଭାଗ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇ ଥିଲା। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ସମସ୍ତ ପ୍ରକାର ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ ଗର୍ଭବତୀ ମହିଳାଙ୍କ ପାଇଁ ସୁରକ୍ଷିତ ମାତୃତ୍ୱ ସକାଶେ ସତର୍କତା ମୂଳକ



ପଦକ୍ଷେପ ଗ୍ରହଣ କରିଛନ୍ତି। ଅଧୀକ୍ଷକଙ୍କ ସୂଚନା ଅନୁଯାୟୀ ଗତ ୨୧ ତାରିଖ ସୋମବାର ସନ୍ଧ୍ୟା ପରଠାରୁ ୨୫ ତାରିଖ ଶୁକ୍ରବାର ସକାଳ ସୁଦ୍ଧା ସମୁଦାୟ ୧୯ ଜଣ ଗର୍ଭବତୀ ମହିଳାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଥି ମଧ୍ୟରୁ ୧୨ ଜଣ ଗର୍ଭବତୀ ମହିଳାଙ୍କ ସାଧାରଣ ପ୍ରସବ ହୋଇଥିବା ବେଳେ ଜଣେ ଗର୍ଭବତୀ ମହିଳାଙ୍କୁ ଜରୁରୀ ଅସ୍ତ୍ରୋପଚାର କରାଯାଇ ପ୍ରସବ କରାଯାଇଛି। ଅବଶିଷ୍ଟ ୬ ଜଣ ଗର୍ଭବତୀ ସୁରକ୍ଷିତ ପ୍ରସବ ଅପେକ୍ଷାରେ ଅଛନ୍ତି। ବ୍ଲକ ସ୍ତରୀୟ ମହିଳା ସଂଘ ପକ୍ଷରୁ ଗର୍ଭବତୀ ମହିଳା , ସମ୍ପର୍କୀୟ, ପ୍ରସୂତି, ଆଶା ଓ ଅନ୍ୟାନ୍ୟ ସାଧାରଣ ରୋଗୀ ସମୁଦାୟ ୧୮୦ ଜଣଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଜରୁରୀ ଅସ୍ତ୍ରୋପଚାର କାର୍ଯ୍ୟରେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ, ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତିଭା କୁମାରୀ ପାତ୍ର ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ଅଶୋକ ରାଜ ପ୍ରମୁଖଙ୍କ ସମେତ ସେବିକା ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

## କଂପୁର ସେବା ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟିତ

ନିରାକାରପୁର,୨୬।୯ (ନିପ୍ର); 'ସଶକ୍ତ ଚାଷୀ, ସଶକ୍ତ ଓଡ଼ିଶା'– ଏହି ମୂଳମନ୍ତ୍ରକୁ ଆଧାର କରି ରାଜ୍ୟ ସରକାର କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି। ଚାଷୀଙ୍କ ଦ୍ୱାରା ଅମଳ ହେଉଥିବା ଧାନ କୃଷକମାନେ ଯେପରି ସରକାରୀ ନିର୍ଦ୍ଧାରିତ ଦରରେ ସହଜରେ ବିକ୍ରି କରିପାରିବେ, ସେଥିପାଇଁ ମଣ୍ଡିଗୁଡ଼ିକର ସ୍ୱତନ୍ତ୍ର ବିକାଶ କରାଯାଉଛି। ମଣ୍ଡିରେ ଚାଷୀମାନଙ୍କର ସମସ୍ତ ସମସ୍ୟା ଦୂର କରିବା ନିମନ୍ତେ ପାନୀୟ ଜଳ, ସୁଲଭ ଶୌଚାଳୟ, ଏବଂ ଚାଷୀ ପ୍ରତୀକ୍ଷା ସ୍ଥଳୀ ଆଦିର ନିର୍ମାଣ ପାଇଁ ସରକାରୀ ବ୍ୟୟ ଅଟକଳରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲା କଂପୁର ସେବା ସମବାୟ ସମିତିଠାରେ ନିର୍ମୀତ ଆଦର୍ଶ ମଣ୍ଡିର ଶୁଭ ଉଦ୍‌ଘାଟନ ଶୁକ୍ରବାର ସମ୍ପାଦିତ ହୋଇଯାଇଛି। ଉତ୍ସବରେ ସମିତିର ପୂର୍ବତନ ସଭାପତି ପ୍ରଦ୍ୟୁମ୍ନ କୁମାର ହରିଚନ୍ଦନ, ବରିଷ୍ଠ ସଦସ୍ୟ ବୈକୁଣ୍ଠ ପାତଳସିଂହ, ଭାରତୀୟ ଜନତା ପାର୍ଟିର କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, ସମିତି ସଭାପତି ସୁରେଶ ଚନ୍ଦ୍ର ପ୍ରଧାନ, କଂପୁର ପଞ୍ଚାୟତ ସରପଞ୍ଚ ସୋନାଲି ଶ୍ରୀଚନ୍ଦନ, ଏବଂ ସମ୍ପାଦକ ଦୀନବନ୍ଧୁ ବରାଳଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ସଦସ୍ୟ, ସମିତିର କର୍ମଚାରୀ ଓ ଅନେକ ସଦସ୍ୟ-ସଦସ୍ୟା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାୟଗଡ଼ା,୨୬।୯(ନିପ୍ର):ଜିଲ୍ଲା ପରିଷଦ ରାୟଗଡ ଆନୁକୂଲ୍ୟରେ ଶୁକ୍ରବାର 'ଏକ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ରାୟଗଡ ବ୍ଲକ ହାଲୁଆ ଗ୍ରାମପଞ୍ଚାୟତର ଉପରଶାଙ୍କେଶ ନିକଟସ୍ଥ ପର୍ଯ୍ୟଟନ ସ୍ଥଳୀଠାରେ ବୃକ୍ଷ ରୋପଣ କରାଯାଇଥିଲା । ରାୟଗଡ ଜିଲ୍ଲାପାଳ ନିଜ ମାଁ ସୁପ୍ରିୟା କୁଲକର୍ଣ୍ଣିଙ୍କ ନାମରେ ଗଛଟିଏ ରୋପଣ କରିଥିଲେ । ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ରାୟଗଡ ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହଲ, ଉପଜିଲ୍ଲାପାଳ ମୃଣାଳିକା ରାଠୋଡ, ବନ ବିଭାଗର ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ, ରାୟଗଡ ବ୍ଲକର ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହର ପ୍ରସାଦ ହେପ୍‌ଟକା, ବିଡିଓ ସୁଜିତ୍ କୁମାର ମିଶ୍ର, ଏବିଡିଓ କାଳୁ ଚରଣ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ରଥ, କନିଷ୍ଠ ଯନ୍ତ୍ରୀ ରଞ୍ଜିତ ଜେନା , ସାମାଜିକ କର୍ମୀ ତଥା ବିଧାୟକ ପାର୍ଥୀ ବସନ୍ତ କୁମାର ଉଲ୍ଲାକା, ଜିଲ୍ଲା ପରିଷଦ ସଦସ୍ୟ ପ୍ରଶାନ୍ତ କୁଲେଶିକା, ସନ୍ଧ୍ୟା ପୁଲାକା, ହାଲୁଆ ସରପଞ୍ଚ ତାମାରାଓ ବିଡିକା ସମେତ ରାୟଗଡ ବ୍ଲକର କର୍ମକର୍ତ୍ତା, ହାଲୁଆ ଗ୍ରାମ ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ନିଜ ମା'ଙ୍କ ନାମରେ ପର୍ଯ୍ୟଟନ ସ୍ଥଳୀରେ ଚାରା ରୋପଣ କରିଥିଲେ । ନିଜ ମାଁଙ୍କ ଉଦ୍ଦେଶ୍ୟରେ ବୃକ୍ଷଟିଏ ଲଗାଇଲେ ଏକ ଭାବାତ୍ମକ ବନ୍ଧନ ସୁଦୃଢ଼ ହେବା ସହ ପରିବେଶ ସନ୍ତୁଳନ ହୋଇପାରିବ । ସ୍ୱଚ୍ଛ ବାୟୁ, ଜଳବାୟୁ, ବୃଷ୍ଟିପାତ ଆଦି ଦିଗରେ ବିଶେଷ ପରିବର୍ତ୍ତନ ସମ୍ଭବ ବୋଲି ଜିଲ୍ଲାପାଳ କହିଛନ୍ତି । ବର୍ଷର ବିଭିନ୍ନ ସମୟରେ ହାଲୁଆ ଅଞ୍ଚଳକୁ ଲୋକେ ଭୋଜି ତଥା ପର୍ଯ୍ୟଟନ ପାଇଁ ଆସନ୍ତି ।

## ଜପକୁଦ ବିଦ୍ୟୁତ୍ ସେକ୍ସନ୍ କାର୍ଯ୍ୟାଳୟ ଭଙ୍ଗାରୁଜା ଘଟଣାରେ ୨ଗିରଫ

ସାଲେପୁର,୨୬।୯ (ନିପ୍ର); ଜପକୁଦ ଠାରେ ଥିବା ବିଦ୍ୟୁତ୍ ସେକ୍ସନ୍ କାର୍ଯ୍ୟାଳୟରେ ଗତ ୬ମାସ ତଳେ ରାତିରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ସେଠାରେ ଗଣ୍ଡଗୋଳ କରିଥିବା ଓ ବିଦ୍ୟୁତ୍ ସେକ୍ସନ୍ କାର୍ଯ୍ୟାଳୟକୁ ଭଙ୍ଗାରୁଜା କରିଥିବା ଅଭିଯୋଗରେ ସାଲେପୁର ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତ ମାର୍ଚ୍ଚ ମାସରେ ଜପକୁଦ ବିଦ୍ୟୁତ୍ ସେକ୍ସନ୍ କାର୍ଯ୍ୟାଳୟରେ ରାତିଅଧିଆ ପଶି କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଭଙ୍ଗାରୁଜା କରିଥିଲେ। ଏହାନେଇ ବିଦ୍ୟୁତ୍ ସେକ୍ସନ୍ ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଉକ୍ତ ଦିନ ଠାରୁ ଏହି ଘଟଣାରେ ସଂପୃକ୍ତ ଥିବା ଉତ୍ରୋଳ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ ଓ ରମେଶ ସାହୁ ଫେରାର ଥିବାବେଳେ ଗତକାଲି ରାତିରେ ସାଲେପୁର ପୁଲିସ ଉଭୟଙ୍କୁ ଗିରଫ କରିଥିବା ଜଣାଯାଇଛି। ଭଙ୍ଗାରୁଜା ଓ ମାରଧର ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସାଲେପୁର ଆଇ.ଆଇ.ସି. ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୌଦ୍ଧ,୨୬।୯ (ନିପ୍ର); ବୌଦ୍ଧ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ଶତାବ୍ଦୀ ଗୃହଠାରେ ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମନ୍ତେ ଚାଲିଥିବା ପଞ୍ଚ ଦିବସୀୟ ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଉକ୍ତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଇଂରାଜୀ ଭାଷାର ପ୍ରକୃତ ବ୍ୟବହାର ଉପରେ ଆଲୋଚନା କରିଥିଲେ। ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତି ଗାୟତ୍ରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଇଂରାଜୀ ଭାଷାର ଶିକ୍ଷକ ତାଲିମ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ସହକାରୀ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପ୍ରବୀଣ କୁମାର ପ୍ରଧାନ ସହଯୋଗ କରିଥିଲେ । ଅର୍ଜୁନ କହଁର, ପ୍ରକାଶ ମେହେର, ସତ୍ୟଜିତ ମିଶ୍ର, ଅମଳ କୁମାର ପ୍ରଧାନ ସାଧନ କର୍ମୀ ଭାବେ ଏବଂ ରଞ୍ଜନ କୁମାର ସାମଲ, ଜ୍ୟୋତିଷ ମେହେର ମୁଖ୍ୟ ସାଧନ କର୍ମୀ ଭାବେ ଯୋଗ ଦେଇ ନିଜ ନିଜର ବହୁମୂଲ୍ୟ ଅଭିଜ୍ଞତା ବୟାନ କରିଥିଲେ ।

## କୃଷ୍ଣପ୍ରସାଦ ଅଞ୍ଚଳରେ ଲଗାଣ ବର୍ଷା ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

କୃଷ୍ଣପ୍ରସାଦ,୨୬।୯(ନିପ୍ର): କୃଷ୍ଣପ୍ରସାଦ ଓ ଏହାର ଆଖପାଖ ଅଞ୍ଚଳରେ ଗତ ୩ ଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଲଗାଣ ବର୍ଷାର ପ୍ରଭାବ ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ବର୍ଷାର ପ୍ରଭାବରେ ଜନସାଧାରଣ ଘରୁ ବାହାରକୁ ବାହାରି ପାରୁ ନଥିବା ଜଣାପଡିଛି।କୂଅ,ପୋଖରୀ, ନଦୀ ଓ ନାଳ ଜଳାର୍ଣ୍ଣବ ହୋଇ ପଡିଥିବା ବେଳେ ହେକ୍ଟର ହେକ୍ଟର ଧାନ ଚାଷ ଜମିରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ଫଳରେ ଧାନ ଓ ପନି ପରିବା ଫସଲ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।ସମ୍ଭାବ୍ୟ ବାତ୍ୟା ଆଶଙ୍କା ଟଳିଥିଲେ ହେଁ ଲଗାଣ ବର୍ଷାର ପ୍ରଭାବରେ ଜନ ଜୀବନ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଜଣାପଡିଛି। ଲଗାଣ ବର୍ଷା ଯୋଗୁଁ କୃଷ୍ଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଦଳବେହେରା ସାହି ଗ୍ରାମର ମିଳନ ଦଣ୍ଡସେଣାଙ୍କ ଏକ ମାତ୍ର ମାଟି ଏବଂ ଚାଳ ଛପର ଘର କାନ୍ଥ ଭୁଶୁଡି ମାଟିରେ ମିଶିଯାଇଛି । ବାସହରା ମିଳନ ତାଙ୍କ ୫ ପ୍ରାଣୀ କୁଟୁମ୍ବକୁ ନେଇ ଗ୍ରାମର କୋଠ ଘରେ ଆଶ୍ରୟ ନେଇଛନ୍ତି । ଖବର ପାଇ କୃଷ୍ଣପ୍ରସାଦ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ ପାତ୍ର, କୃଷ୍ଣପ୍ରସାଦ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କିଷାନ ଘଟଣା ସ୍ଥଳ ପରିଦର୍ଶନ କରିଥିବା ବେଳେ ତୁରନ୍ତ ପଲଥିନ ଯୋଗାଇଦେଇଥିବା ଜଣାପଡିଛି । ସେହିପରି ଦଳବେହେରା ସାହିର ନାରାୟଣ ଜେନା, ମାମି ଦଣ୍ଡସେଣା, ଜମ୍ମୁ ପ୍ରଧାନଙ୍କ ଘର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ଲଗାଣ ବର୍ଷାର ପ୍ରଭାବରେ କୃଷ୍ଣପ୍ରସାଦ ଠାରୁ ବାଲୁଗାଁ ଚିଲିକାରେ ଲଞ୍ଚ ସେବା, ସାତପଡ଼ା – ଜହ୍ନିକୁଦା ଚିଲିକାରେ ଭସାପୋଲ, ଡଙ୍ଗା ଚଳାଚଳ ସମ୍ପୂର୍ଣ୍ଣ ଭାବରେ ଠପ ହୋଇଯାଇଛି। ଗ୍ରାମାଞ୍ଚଳରେ ଅନେକ ଝାଟିମାଟି, କଚ୍ଚା ଘର ଧରାଶାୟୀ ହୋଇଥିବା ଜଣାପଡିଛି।

## ମଡେଲ ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

ବୌଦ୍ଧ,୨୬।୯ (ନିପ୍ର): ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧରେ ଜାତୀୟ ସେବା ଯୋଜନା ଦିବସ ଅବସରରେ ଅଧିକାରୀ ଶାଶ୍ୱତୀ ଶ୍ୱେତାଲିନା ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ମେହେର ଏହି ଶିବିରକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର କଳ୍ପତରୁ ନାୟକ। ସ୍ୱୟଂସେବକ ତଥା ଛାତ୍ରଛାତ୍ରୀମାନେ ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ବ୍ରହ୍ମାନନ୍ଦ ନାୟକ, ସୌମ୍ୟରଞ୍ଜନ ନାୟକ, ଟିଟୁନ ପ୍ରଧାନ, ମୃତ୍ୟୁଞ୍ଜୟ ପ୍ରଧାନ, ଅମିତ କୁମାର ହଂସ, ଘନଶ୍ୟାମ ମେହେର, ଅମିତ ଭୋକ୍ତା ଆଦି ସହଯୋଗ କରିଥିଲେ।

## ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳୁନାହିଁ

### ଚାଳ କୁଡ଼ିଆ ଘରେ ମଧୁସ୍ମିତା ଦିନ କାଟୁଛନ୍ତି

ସାଲେପୁର,୨୬।୯ (ନିପ୍ର); ଗରିବ ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସାଲେପୁର ବ୍ଲକ୍‌ରେ ଏହି ନିର୍ଦ୍ଦେଶକୁ ଠିକ୍ ରୂପେ କାର୍ଯ୍ୟକାରୀ କରାନଯାଇ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ବଣ୍ଟନରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଛି। ସୁଦ୍ଧଖଣ୍ଡ ପଞ୍ଚାୟତର ସାଇଲୋ ଗ୍ରାମର ବିଜୟ କୁମାର ପରିଡ଼ାଙ୍କ ପତ୍ନୀ ମଧୁସ୍ମିତା ମହାପାତ୍ର ଅଭିଯୋଗ କରିଛନ୍ତି ଯେ ତାଙ୍କ ନିଜର ପକ୍କାଘର ନଥିବାବେଳେ ଏକ କୁଡ଼ିଆ ଚାଳଘରେ ସେ ପରିବାର ସହ ବହୁ ଦୟନୀୟ ଅବସ୍ଥାରେ ବାସ କରୁଛନ୍ତି। ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସେ ନିବେଦନ କରିଥିବାବେଳେ ଏପର୍ଯ୍ୟନ୍ତ ତାଙ୍କୁ ଘର ଖଣ୍ଡେ ମିଳିନାହିଁ। ଅପର ପକ୍ଷରେ ତାଙ୍କୁ ଘର ଦେବାପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ହେଉଥିବା ତଦନ୍ତରେ ତାଙ୍କ ନାମ ସୁପାରିସ କରାଯାଇଥିବା



ବେଳେ ତାଙ୍କ ନାମକୁ ରାଜନୈତିକ ଅଭିସନ୍ଧି ରଖି କାଟି ଦିଆଯାଇଥିବା କୁହାଯାଇଛି। ସାଲେପୁର ବିଡ଼ିଓ ଏହି ଘଟଣାରେ ଘଟଣାସ୍ଥଳ ପରିଦର୍ଶନ କରି ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ସେ ନିବେଦନ କରିଛନ୍ତି।

## ପୁଲିସ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

ସାଲେପୁର,୨୬।୯ (ନିପ୍ର): ଗଣେଶ ପୂଜା ଭସାଣି ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ଜପକୁଦ ଫାଣ୍ଡିରୁ ଯାଇଥିବା ପୁଲିସ କର୍ମଚାରୀ ଭସାଣୀ କାର୍ଯ୍ୟ ସାରି ଫେରୁଥିବା ବେଳେ ଭୀମଦାସପୁର ପଞ୍ଚାୟତର ପଟୁଆହାଟ ନିକଟରେ ତାଙ୍କ ଉପରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରିବା ସହ ମାରଧର କରିଥିବା ନେଇ ଅଭିଯୋଗ ହେଲାପରେ ପୁଲିସ ଏହି ଘଟଣାରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖବରରୁ ପ୍ରକାଶ ଯେ ଜପକୁଦ ଫାଣ୍ଡିରେ ହୋମଗାର୍ଡ ରୂପେ କାର୍ଯ୍ୟ କରିଆସୁଥିବା ଦୀପକ କୁମାର ସାହୁ ଗୁରୁବାର ରାତିରେ ଭୀମଦାସପୁରରେ ହେଉଥିବା ଗଣେଶ ଭସାଣି ଉତ୍ସବରେ ଯୋଗଦେଇଥିଲେ। ସେଠାରେ ସେ ଶାନ୍ତିଶୃଙ୍ଖଳା ରକ୍ଷା କରି ଭସାଣୀ ସରିଲାପରେ ଜପକୁଦ ଫାଣ୍ଡିକୁ ଫେରୁଥିବାବେଳେ ପଟୁଆ ହାଟ ନିକଟରେ ଭୀମଦାସପୁର ଗ୍ରାମର ସୁବାସ ଚନ୍ଦ୍ର ଲେଙ୍କା ହଠାତ୍ ଆସି କାହିଁକି ରାତି ୧୦ଟାରେ ଭସାଣି ଉତ୍ସବ ବନ୍ଦ କଲ ବୋଲି କହି ଗାଳିଗୁଲଜ କରିବା ସହ ଠେଲାପେଲା ଓ ମାରଧର କରିଥିଲେ। ଏହି ଘଟଣା ନେଇ ଦୀପକ ସାଲେପୁର ଥାନାରେ ଲିଖିତ ଭାବରେ ଅଭିଯୋଗ କଲାପରେ ସାଲେପୁର ଥାନା କେସ୍ ନଂ-୫୮୫/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ସାଲେପୁର ଆଇ.ଆଇ.ସି. ମହେଶ୍ୱର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କ୍ଷତ୍ରିୟ ଖଣ୍ଡାୟତ ସମାଜର ସାଂଗଠନିକ ସମାବେଶ

ତରଭା,୨୬।୯ (ନିପ୍ର): ତରଭା ବ୍ଲକ ମଣ୍ଡଳ ସ୍ତରୀୟ କ୍ଷତ୍ରିୟ ଖଣ୍ଡାୟତ ସମାଜର ମହା ସମାବେଶ ବିଜୁ ପଟ୍ଟନାୟକ ପାର୍କ ନିକଟସ୍ଥ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ତ୍ରିନାଥ ନାଏକଙ୍କ ଅଧ୍ୟକ୍ଷତାରେ ମହାସମାବେଶରେ ବରିଷ୍ଠ ନାଗରିକ ସିନ୍ଧୁ ଭୂଷଣ ଗୁରୁ, ସଂଜୀବ ନାଏକ, ଗୁଞ୍ଜୁରୁ ଗୁରୁ, ହିମାଂଶୁ ନାଏକ, ମହେନ୍ଦ୍ର ଗୁରୁ, କୁଶଳେଶ୍ୱର ନାଏକ , କ୍ଷମାନିଧି ନାଏକ, ବାବୁଲା ନାଏକ, ସାମ୍ବାଦିକ ନରୋତ୍ତମ ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ସମାଜର ସାଙ୍ଗଠନିକ ସ୍ଥିତି ନେଇ ମତ ରଖିଥିଲେ । ମହାସମାବେଶ ରେ ତରଭା ଏନଏସି ଓ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଖଣ୍ଡାୟତ ସମାଜର ବ୍ୟକ୍ତି ବିଶେଷ ଯୋଗ ଦେଇ ସମାଜର ସାଙ୍ଗଠନିକ ସ୍ତରରେ ମଜଭୁତ କରିବା ନେଇ ସମର୍ଥନ ଜଣାଇ ଥିଲେ । ସମାଜର ଇଷ୍ଟ ଦେବ ଦେବୀ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା ଓ ଆଗାମୀ ଦିନରେ ସଂଗଠନକୁ ଆଗେଇ ନେବା ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି ଓ ପରବର୍ତ୍ତୀ ସମମାବେଶ ଏକ ସ୍ଥାୟୀ କମିଟି ଗଠନ କରାଯିବା ନେଇ ମତ ପ୍ରକାଶ ପାଇଥିଲା ଓ ଜଗନ୍ନାଥ ନାଏକ ଖଣ୍ଡାୟତ ସମାଜ ସଂଗଠନର ନେତୃତ୍ୱ ନେଇଥିବା ବେଳେ ଚିରଞ୍ଜିବୀ ନାଏକ ମଞ୍ଚ ପରିଚାଳନା କରିଥିଲେ ଓ ଖଣ୍ଡାୟତ ସଂଗଠନର ନେତୃତ୍ୱ ନେଉଥିବା ସାମ୍ବାଦିକ କଲ୍ୟାଣ ନାଏକ ଧନ୍ୟବାଦ ଦେଇଥିଲେ ।

# ଦାଉ ସାଧୁଛି ଧାମନଗରରେ ଲଗାଣ ବର୍ଷା

## ଭାଙ୍ଗିଗଲା ଚାଷୀଙ୍କ ମେରୁଦଣ୍ଡ,ଗେଙ୍ଗୁଟି ନଦୀରେ ୮୦ ଫୁଟର ବନ୍ଧ ଧସିଲା

ଧାମନଗର,୨୬।୯ (ନିପ୍ର): ପ୍ରବଳ ଲଗାଣ ବର୍ଷା ଏବଂ ବୈତରଣୀ ନଦୀର ବନ୍ୟା ଯୋଗୁଁ ଧାମନଗର ଅଞ୍ଚଳରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ କିଛିଦିନ ହେବ ଲାଗିରହିଥିବା ଅବିଶ୍ରାନ୍ତ ବର୍ଷା ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବା ସହ ପୁଣିଥରେ ବନ୍ୟା ଆଶଙ୍କା ଦେଖାଦେଇଛି।

ବର୍ଷା ଓ ବନ୍ୟା ପାଣି ମାଡ଼ି ଆସିବାରୁ ଧାମନଗର-ଫଳପୁର ମୁଖ୍ୟ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଧାମନଗର ମୁଖ୍ୟ ସଡ଼କ ସହିତ ଧାମନଗର ବ୍ଲକ ରୋଡ ଉପରେ ପ୍ରାୟ ଦୁଇ ଫୁଟ୍‌ଏ ପର୍ଯ୍ୟନ୍ତ ବନ୍ୟା ଓ ବର୍ଷା ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟାତ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ବାତ୍ୟା ପ୍ରଭାବିତ ଏହି ଲଗାଣ ବର୍ଷା କାରଣରୁ ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଷ ଜମି ଗୁଡ଼ିକ ଜଳମଗ୍ନ ହୋଇଯାଇଛି। ମାତ୍ର ମାସେ ତଳେ ଲଗାତାର ଆଠ ଥର ବନ୍ୟା ଆସି ଅଞ୍ଚଳରେ ବ୍ୟାପକ କ୍ଷତି ଘଟାଇଥିବା ବେଳେ, ବର୍ତ୍ତମାନର ଏହି ନବମ ବନ୍ୟା ଚାଷୀଙ୍କ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ପାଣିରେ ଧାନ ଫସଲ ନଷ୍ଟ ହେବାକୁ ବସିଥିବାରୁ ଚାଷୀ ନିରାଶ ହୋଇପଡ଼ିଛନ୍ତି। ଏହି ଲଗାଣ ବର୍ଷା ମଧ୍ୟରେ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ରାଉତ ସାହି ନିକଟରେ ଗେଙ୍ଗୁଟି ନଦୀର ବାମ ପଟର ପ୍ରାୟ ୮୦ ଫୁଟ୍ ଅଞ୍ଚଳରେ ନଦୀବନ୍ଧ ଧସି ଯାଇଥିବା ଦେଖିବାକୁ ମିଳିଛି। ତେବେ ଖବର ପାଇବା କ୍ଷଣି ଜଳସେଚନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ଏବଂ ତୁରନ୍ତ ସେଠାରେ ପହଞ୍ଚି ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଭାସି ମାଧ୍ୟମରେ ସ୍ଥିତିର ସମୀକ୍ଷା କରିଛନ୍ତି। ବନ୍ୟା ଓ ବର୍ଷା ମୁକାବିଲା ପାଇଁ ବ୍ଲକର ସମସ୍ତ ଅଧିକାରୀଙ୍କୁ ସର୍ବଦା ପ୍ରସ୍ତୁତ ରହିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି।

## ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅତିରିକ୍ତ ସଚିବ ଗଜପତି ଜିଲ୍ଲା ଗସ୍ତ

ପାରଳାଖେମୁଣ୍ଡି,୨୬।୯(ନିପ୍ର); ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଜନିତ ପରିସ୍ଥିତିର ସମୀକ୍ଷା ଓ ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲା ଗସ୍ତ କରି ସମୀକ୍ଷା କରୁଛନ୍ତି ରିଲିଫ୍ କମିଶନରଙ୍କ ଅତିରିକ୍ତ ସଚିବ ସିଦ୍ଧାର୍ଥ ଶଙ୍କର ଆଚାର୍ଯ୍ୟ। ଗସ୍ତ ସମୟରେ ସେ ମୋହନା, ଆଁ.ଉଦୟଗିରି, ନୂଆଗଡ଼ ଓ ରାୟଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବର୍ଷା ଜନିତ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା, , ଲୋକଙ୍କ ସୁରକ୍ଷା, ଉଦ୍ଧାର ଓ ସ୍ଥାନାନ୍ତରଣ ସହ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାରେ ଗଭୀର ଅବପାତର ବର୍ଷା ହେବା ଯୋଗୁ ଜିଲ୍ଲାରେ ୭,୬୫୬ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା ସେଥି ମଧ୍ୟରୁ ୮୬ ଜଣ ଗର୍ଭବତୀ ମହିଳାଙ୍କୁ ମା ଗୃହ, ଅଙ୍ଗନୱାଡ଼ି କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାନାନ୍ତରିତ କରି ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା । ସ୍ଥାନାନ୍ତରିତ ଲୋକଙ୍କ ପାଇଁ ଆଶ୍ରୟ ସ୍ଥଳରେ ପାନୀୟ ଜଳ, ଖାଦ୍ୟ, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଇଥିବା ସମ୍ପର୍କରେ ସେ ଅଧିକାରୀମାନଙ୍କ ଠାରୁ ସୂଚନା ନେଇଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନ୍ନାଗା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳଙ୍କ ସମେତ ସମ୍ପୃକ୍ତ ବ୍ଲକର ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲଘୁଚାପ ବର୍ଷା, ପବନରେ ଚାକୁଣ୍ଡା ଗଛ ପଡି ଘର ଭାଙ୍ଗିଲା

ସାଲେପୁର,୨୬।୯ (ନିପ୍ର): ସାଲେପୁର ବ୍ଲକ୍ ଅଞ୍ଚଳରେ ଲଘୁଚାପ ବର୍ଷା ଓ ପବନ ଫଳରେ ବାରିଗୋଳ ପଞ୍ଚାୟତର ବାରିଗୋଳ ଗ୍ରାମର ପୁରନ୍ଦର ବେହେରାଙ୍କ କୋଠାଘର ଉପରେ ଏକ ଶକ୍ତ ଚାକୁଣ୍ଡା ଗଛ ଭାଙ୍ଗିପଡିବାରୁ ତାଙ୍କର କୋଠାଘରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି।

ଏହି ଘଟଣାରେ ପୁରନ୍ଦର ବେହେରାଙ୍କ ପରିବାର ଭୟଭୀତ ଅବସ୍ଥାରେ ରହିଥିବା ବେଳେ ସାଲେପୁର ଅଗ୍ନିଶମ ବାହିନୀର କର୍ମଚାରୀମାନେ ସେଠାରେ ପହଞ୍ଚି ବିଶାଳ ଚାକୁଣ୍ଡା ଗଛକୁ କାଟିବା ପରେ ପୁରନ୍ଦର ବେହେରାଙ୍କ ପରିବାର ପଦାକୁ ବାହାରିଥିଲେ।

ଏହି ଘଟଣାରେ ଏହି ପରିବାରକୁ ଆର୍ଥିକ ସାହାଯ୍ୟ କରିବାକୁ ଦାବି ହୋଇଛି। ସେହିପରି ସାଲେପୁର ବ୍ଲକ୍‌ର ୩୫ଗୋଟି ପଞ୍ଚାୟତରେ ଲଗାଣ ବର୍ଷା ଓ ପବନ ଫଳରେ ବହୁ ଖାଲୁଆ ଜାଗାରେ ପାଣି ଜମି



ରହିଥିବାବେଳେ ଅଦ୍ୟାବଧି ଜଳ ନିଷ୍କାସନ ହୋଇପାରିନାହିଁ। ସେହିପରି ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବାବେଳେ ବିଭିନ୍ନ ରାସ୍ତା ଘାଟରେ ପାଣି ଜମି ରହିଛି। ବର୍ଷା ପବନ ଯୋଗୁ ଲୋକମାନେ ଘରୁ ପଦାକୁ ବାହାରି ପାରିନଥିବାବେଳେ ସାଧାରଣରେ ଜନଜୀବନ ବାଧାପ୍ରାପ୍ତ ହୋଇଛି।

# ସଂକଟରେ ଦକ୍ଷିଣ ଓ ପଶ୍ଚିମ ଭାରତ: ତାମିଲନାଡୁକୁ ଚେତାବନୀ

ମୁମ୍ବାଇ,୨୬।୯:ଜଳବାୟୁ ପରିବର୍ତ୍ତନ ଓ ବୃଷ୍ଟିପାତର ଅଭାବ ଯୋଗୁଁ ଦେଶର ବିଭିନ୍ନ ରାଜ୍ୟରେ ମରୁଡ଼ି ସମସ୍ୟା ଗମ୍ଭୀର ରୂପ ଧାରଣ କରିଛି। ଗୋଟିଏ ପଟେ ଦୀର୍ଘଦିନର ବର୍ଷା ଅଭାବ ଯୋଗୁଁ ମହାରାଷ୍ଟ୍ର ସରକାର ଶନିବାର ରାଜ୍ୟର ୩୫୮ ଟି ତହସିଲ୍ ମଧ୍ୟରୁ ୨୬୫ ଟି ତହସିଲକୁ ମରୁଡ଼ି ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଅନ୍ୟପଟେ ୫୨ ବର୍ଷର ଏକ ଜଳବାୟୁ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି ଯେ ଦକ୍ଷିଣ ଭାରତରେ ମରୁଡ଼ି ପ୍ରଭାବିତ ଅଞ୍ଚଳ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେଉଁଥିରେ ତାମିଲନାଡୁ ସବୁଠାରୁ ଅଧିକ ପ୍ରଭାବିତ କ୍ଷେତ୍ର ସାଜିଛି। ମହାରାଷ୍ଟ୍ରରେ ସୃଷ୍ଟି ହୋଇଥିବା ଏହି ସଙ୍କଟ ଯୋଗୁଁ ରାଜ୍ୟର ପ୍ରାୟ ତିନି-ଚତୁର୍ଥାଂଶ ଅଞ୍ଚଳ ପ୍ରଭାବିତ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ବର୍ଷା ଅଭାବ ଥିବା ଅଞ୍ଚଳଗୁଡ଼ିକ ପରିଦର୍ଶନ କରିବା ପରେ ସରକାର



ଏହି ମରୁଡ଼ି ବିଜ୍ଞପ୍ତି ଜାରି କରିଛନ୍ତି। କୃଷି କମିଶନରଙ୍କ ରିପୋର୍ଟ ଅନୁଯାୟୀ, ଜୁନ୍ ମାସରୁ ଲଗାତାର ୨୧ ଦିନରୁ ଅଧିକ ସମୟ ଧରି ବର୍ଷା ନହେବା ଯୋଗୁଁ ଏହି ୨୬୫ ଟି ତାଲୁକାରେ ଗମ୍ଭୀର ମରୁଡ଼ି ସ୍ଥିତି ଉପୁଜିଛି। ଏହି ଘୋଷଣା ପରେ ଚାଷୀଙ୍କ ପାଇଁ ଜମି ରାଜସ୍ୱ ଛାଡ଼, କୃଷି ଋଣର ପୁନର୍ଗଠନ ଏବଂ ଋଣ ଆଦାୟ ଉପରେ ସ୍ଥଗିତାଦେଶ ଭଳି ରିହାତି ବ୍ୟବସ୍ଥା ଲାଗୁ କରାଯାଇଛି। ଜିଲ୍ଲାପାଳମାନଙ୍କୁ ଜିପିଏସ୍ ଆଧାରିତ ଫଟୋଗ୍ରାଫ୍ ମାଧ୍ୟମରେ କ୍ଷତିଗ୍ରସ୍ତ ଫସଲର ଆକଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଆକଳନ ଶେଷ ହେବା ପରେ କ୍ଷତିପୂରଣ ଆର୍ଥିକ ସହାୟତା ଘୋଷଣା କରାଯିବ। ସେହିପରି ଦକ୍ଷିଣ ଭାରତର ସ୍ଥିତିକୁ ନେଇ ''ଇଣ୍ଟରନ୍ୟାସନାଲ ଜର୍ନାଲ ଅଫ୍ କ୍ଲାଇମେଟୋଲୋଜି''ରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି ଯେ, ୧୯୭୧ ରୁ ୨୦୨୨ ମଧ୍ୟରେ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ୨୦୦୦ ମସିହା ପରଠାରୁ ଦକ୍ଷିଣ ଭାରତରେ ମରୁଡ଼ି ବାରମ୍ବାର ଦେଖାଦେଉଛି। ଜାତୀୟ ମଧ୍ୟମ ଧରଣର ପାଣିପାଗ ପୂର୍ବାନୁମାନ କେନ୍ଦ୍ର (ଏନସିଏମଆରଡବ୍ଲୁଏଫ୍), ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏବଂ ଆଟ୍ରିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନଙ୍କ ଦ୍ୱାରା ହୋଇଥିବା ଏହି ଗବେଷଣା ଅନୁଯାୟୀ, ଗତ ୫୦ ବର୍ଷରେ ଅନ୍ୟ ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ତୁଳନାରେ ମରୁଡ଼ି ସବୁଠାରୁ ଗମ୍ଭୀର ରୂପ ନେଇଛି। ବିଶେଷକରି ତାମିଲନାଡୁରେ ଉତ୍ତର-ପୂର୍ବ ମୌସୁମୀ ବାୟୁ ବିଫଳ ହେଲେ ଭୟଙ୍କର ସଙ୍କଟ ସୃଷ୍ଟି ହେଉଛି। ୨୦୧୬ରେ ବର୍ଷା ଅଭାବ ଯୋଗୁଁ ରାଜ୍ୟର ସମସ୍ତ ୩୨ ଟି ଜିଲ୍ଲାକୁ ମରୁଡ଼ି ଘୋଷଣା କରାଯାଇଥିଲା। ଏଲନିନୋ ପ୍ରଭାବ ଯୋଗୁଁ ୨୦୨୭ ପର୍ଯ୍ୟନ୍ତ ଜଳସଙ୍କଟ ଜାରି ରହିପାରେ ବୋଲି ପରାମର୍ଶଦାତା କମିଟି ସତର୍କ କରାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି କମ୍ ଜଳ ଆବଶ୍ୟକ କରୁଥିବା, କମ୍ ଦିନରେ ଅମଳ ହେଉଥିବା ଏବଂ ମରୁଡ଼ି ସହିପାରୁଥିବା ଫସଲ ଚାଷ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି।

## ଏସ୍‌ଆଇଆର୍ ବିବାଦ ଆସନ୍ତା ୩୦ରେ ଇଣ୍ଡିମେଣ୍ଟ ବୈଠକ

ନୂଆଦିଲ୍ଲୀ,୨୬।୯: ନିର୍ବାଚନ ଆୟୋଗ ଓ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ବିବାଦ ଉପରେ ଉଠିଥିବା ଚିନ୍ତାକୁ ନେଇ ଆଲୋଚନା କରିବାକୁ ଇଣ୍ଡି ମେଣ୍ଟର ସହଯୋଗୀ ଦଳମାନେ ଆସନ୍ତା ସେପ୍ଟେମ୍ବର ୩୦ ତାରିଖରେ ନୂଆଦିଲ୍ଲୀରେ ବୈଠକ କରିପାରନ୍ତି। ସୂତ୍ର ଅନୁସାରେ, ବିରୋଧୀ ଦଳ ଗୁଡ଼ିକ ପରସ୍ପର ସହିତ ସମ୍ପର୍କରେ ଅଛନ୍ତି ଓ ନିର୍ବାଚନ ଆୟୋଗରେ ଲାଗି ରହିଥିବା ମତଭେଦ ଉପରେ ଆଲୋଚନା କରିବା ଓ ମିଳିତ ଭାବେ ଏହି ବିବାଦରେ କଡ଼ା ଜବାବ ଦେବାକୁ ବୈଠକରେ ଆଲୋଚନା କରାଯିବ। ସିପିଆଇ (ଏମ୍), ସିପିଆଇ ଓ ସିପିଆଇଏମ୍‌ଏଲ୍ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ତୁରନ୍ତ ଏସ୍‌ଆଇଆର୍ ରଦ୍ଦ କରିବାକୁ ଦାବି କରିଛନ୍ତି। କଂଗ୍ରେସ ମଧ୍ୟ ଜ୍ଞାନେଶ କୁମାରଙ୍କୁ ତୀବ୍ର ସମାଲୋଚନା କରିଛି। କଂଗ୍ରେସ ପାର୍ଟି ଏହି ପ୍ରସଙ୍ଗରେ ନିଜ ରଣନୀତି ଉପରେ ଆଲୋଚନା କରିବାକୁ ସେପ୍ଟେମ୍ବର ୨୯ ତାରିଖରେ ଦଳର କାର୍ଯ୍ୟକାରିଣୀ ବୈଠକ କରିବାକୁ ଯାଉଛି। ଅନ୍ୟ ଏକ ଘଟଣାକ୍ରମରେ ପଶ୍ଚିମବଙ୍ଗର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ଓ ସିପିଆଇ(ଏମ୍) ନିର୍ବାଚନ ଆୟୋଗ ପ୍ରସଙ୍ଗ ସମାନ ମଞ୍ଚକୁ ଆଣିଛି। ସିପିଆଇ(ଏମ୍)ର ସାଧାରଣ ସମ୍ପାଦକ ଏମ୍ ଏ ବେବି ଇଣ୍ଡିଆ ବ୍ଲକ୍ ଓ ଅନ୍ୟାନ୍ୟ ବିରୋଧୀ ଦଳ ନେତାମାନଙ୍କୁ ଘଟଣା ସମ୍ପର୍କରେ ଆଲୋଚନା କରିବାକୁ ବୈଠକ ପାଇଁ ଚିଠି ଲେଖିଛନ୍ତି। ପରେ ସେ ମମତାଙ୍କ ସହ କଥା ମଧ୍ୟ ହୋଇଛନ୍ତି। ମମତା ମଧ୍ୟ ପରିସ୍ଥିତି ପାଇଁ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସହମତ ହୋଇଥିବା ସୂତ୍ରରୁ ଜଣାପଡ଼ିଛି। ବିରୋଧୀ ଦଳଗୁଡ଼ିକ ସଂସଦର ଉଭୟ ସଦନରେ ପୁଣି ଥରେ ଜ୍ଞାନେଶ କୁମାରଙ୍କ ବିରୋଧରେ ମହାଭିଯୋଗ ନୋଟିସ ଆଣିବାକୁ ଚିନ୍ତା କରୁଛି। ପୂର୍ବରୁ ୨୩ଟି ରାଜନୈତିକ ଦଳ ଓ ଜଣେ ସ୍ୱାଧୀନ ସାଂସଦ ମିଳିତ ଭାବରେ ଏସ୍‌ଆଇଆର୍ ପ୍ରକ୍ରିୟା ଓ ଅନ୍ୟାନ୍ୟ ନିର୍ବାଚନ-ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଭାରତର ପ୍ରଧାନ ବିଚାରପତିଙ୍କ ନିକଟରେ ଆବେଦନ କରିଥିଲେ।

## ଟ୍ରକ-ବୋଲେରୋ ଧକ୍କାରେ ୫ ମୃତ

ନୂଆଦିଲ୍ଲୀ,୨୬।୯: ମଧ୍ୟପ୍ରଦେଶର ଛତରପୁରରେ ଏକ ବୋଲେରୋ ଏବଂ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ଛତରପୁରର ଚୌକା ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। କୋଳାହଳ ଏବଂ କାନ୍ଦରେ ଫାଟି ପଡୁଛି ପୂରା ଅଂଚଳ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଦୁଇଟି ଗାଡ଼ି ମଧ୍ୟରେ ଧକ୍କା ଏତେ ଜୋରଦାର ଥିଲା ଯେ ବୋଲେରୋଟି ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଯାଇ ଭିତରେ ଫସି ରହିଥିବା ଆହତ ମାନଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥିଲେ। ଦୁର୍ଘଟଣା ଏତେ ଜୋର ହୋଇଥିଲା ଯେ, ବୋଲେରୋର ଡେଣା ଉଡ଼ିଗଲା। ଘଟଣାସ୍ଥଳରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଗାଡ଼ିରୁ ଲୋକଙ୍କୁ ବାହାର କରିବା ଆରମ୍ଭ କରିଥିଲେ। ସୂଚନା ପାଇ ପୋଲିସ ଏବଂ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତ ମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିବା ସୂଚନା ମିଳିଛି।

## ଇରାନରେ ଯାତ୍ରୀବାହୀ ବସ୍ ଓଲଟି ୧୧ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୬।୯: ଇରାନରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବାରୁ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୪ ଜଣ ଆହତ ହୋଇଥିବା ଶନିବାର ସରକାରୀ ଟେଲିଭିଜନ ରିପୋର୍ଟ କରିଛି। କେନ୍ଦ୍ରୀୟ ମାର୍କାଜି ପ୍ରଦେଶର ସାଭେ-ହାମାଦାନ ଫ୍ରିୱେରେ ଏହି ଦୁର୍ଘଟଣା ଘଟିଛି। ପ୍ରାଦେଶିକ ଟ୍ରାଫିକ୍ ପୁଲିସ କହିଛି ଯେ, ଡ୍ରାଇଭର କ୍ଳାନ୍ତ ଥିଲେ ତାଙ୍କ ଆଖି ନିଦରେ ବୁଜି ହୋଇଯିବାରୁ ଏଭଳି ଘଟିଥିଲା। ବସ୍ ଉପରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ଓଲଟି ପଡ଼ିଥିଲା। ଇରାନର ଟ୍ରାଫିକ୍ ବ୍ୟବସ୍ଥା ବିଶ୍ୱସ୍ତରରେ ସବୁଠାରୁ ଖରାପ। ପ୍ରତିବର୍ଷ ଏଠାରେ ଦୁର୍ଘଟଣାରେ ୧୭ ହଜାରରୁ ଅଧିକ ଲୋକଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥାଏ।

## ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟଙ୍କ ସନ୍ଦେହଜନକ ମୃତ୍ୟୁ

ନୂଆଦିଲ୍ଲୀ,୨୬।୯: ଦେଶବିଦେଶରେ ନିଜର ଆଧ୍ୟାତ୍ମିକ ପ୍ରବଚନ ପାଇଁ ପରିଚିତ ବୃନ୍ଦାବନର ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ପ୍ରମୁଖ ଶିଷ୍ୟ ଦୀପକ ଲୋଧୀ ଓରଫ୍ ରସିକ ଦୁଲାରୀ ଶରଣଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଆଶ୍ରମର ଚତୁର୍ଥ ମହଲା ଛାତରୁ ଡେଇଁ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ହେଁ ଘଟଣାସ୍ଥଳରୁ ମିଳିଥିବା କିଛି ସାଂଘାତିକ ପ୍ରମାଣ ଏହି ମାମଲାକୁ ଅତ୍ୟନ୍ତ ରହସ୍ୟମୟ କରିଦେଇଛି । ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ନା ଚରମ ନିଷ୍ପତ୍ତି, ତାହାକୁ ନେଇ ନାନା ଚର୍ଚ୍ଚା ଲାଗିରହିଛି। ଘଟଣା ସମ୍ପର୍କରେ ସୂଚନା ଦେଇ ବୃନ୍ଦାବନ ସିଓ ସନ୍ଦୀପ କୁମାର ସିଂହ କହିଛନ୍ତି ଯେ, ସର୍ବୋଦୟ ହସ୍ପିଟାଲରେ ଜଣେ ବ୍ୟକ୍ତି ଗୁରୁତର ଆହତ ଅବସ୍ଥାରେ ଭର୍ତ୍ତି ହୋଇଥିବା ପୁଲିସକୁ ପ୍ରଥମେ ଖବର ମିଳିଥିଲା । ପୁଲିସ ତୁରନ୍ତ ତଦନ୍ତ କରିବାରୁ ଜଣାପଡ଼ିଥିଲା ଯେ ମୃତକ ହେଉଛନ୍ତି ମଧ୍ୟପ୍ରଦେଶର ଜବଲପୁର ବାସିନ୍ଦା ଦୀପକ ଲୋଧୀ । ସେ ପ୍ରେମାନନ୍ଦ ମହାରାଜଙ୍କ କେଳି କୁଞ୍ଜ ସହ ଜଡ଼ିତ ଗୁରୁ କୃପା କୁଞ୍ଜ ଆଶ୍ରମରେ ରହୁଥିଲେ । ସକାଳ ପ୍ରାୟ ସାଢ଼େ ୧୦ଟା ବେଳେ ସେ ଆଶ୍ରମ ଛାତରୁ ତଳକୁ ଡେଇଁ ପଡ଼ିଥିବା ପ୍ରାଥମିକ ଭାବେ ପ୍ରକାଶ ପାଇଛି । ଘଟଣାସ୍ଥଳକୁ ତୁରନ୍ତ ଫୋରେନସିକ୍ ଟିମ୍ ଓ ଥାନା ପୁଲିସ ଯାଇ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିଛନ୍ତି ।

## ନକଲି ମଦ ନେଲା ୧୯ ଜୀବନ

ନୂଆଦିଲ୍ଲୀ,୨୬।୯: ନାଗାଲାଣ୍ଡରେ ନକଲି ମଦ ନେଲା ୧୯ ଜୀବନ। ମାତ୍ର ଦୁଇ ଦିନରେ ମୃତ୍ୟୁର ତାଣ୍ଡବ । ଘଟଣାକୁ ନେଇ ଏବେ ଚାଞ୍ଚଲ୍ୟ । ମୃତ୍ୟୁର କାରଣ ଖୋଜିବା ସହ ନକଲି ମଦର ଉତ୍ସ ଏବଂ ଯୋଗାଣ ଚେନ୍ ଧରିବାକୁ ଗଠନ ହୋଇଛି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ବା ଏସ୍‌ଆଇଟି। ନାଗାଲାଣ୍ଡର ମୋକୋକଚୁଙ୍ଗ ଏବଂ ତୁଏନସାଙ୍ଗ ଜିଲ୍ଲାରେ ସନ୍ଦିଗ୍ଧ ନକଲି ମଦ ପିଇ ଅନେକ ଲୋକଙ୍କ ମୃତ୍ୟୁ ହୋଇଛି । ପୁଲିସର ସୂଚନା ଅନୁସାରେ, ମୋକୋକଚୁଙ୍ଗରେ ୮ ଜଣ ଏବଂ ତୁଏନସାଙ୍ଗରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି । ଅର୍ଥାତ୍ ଦୁଇ ଦିନରେ ମୋଟ ୧୯ ଜଣ ଜୀବନ ହରାଇଛନ୍ତି। ଘଟଣାର ଗମ୍ଭୀରତାକୁ ଦେଖି ପୁଲିସ ଏକ ଏସଆଇଟି ଗଠନ କରିଛି । ଅତିରିକ୍ତ ଏସପି ଆଇ ବୁଙ୍ଗଲାଙ୍ଗ ଚାଙ୍ଗଙ୍କ ନେତୃତ୍ୱରେ ଏହି ଟିମ୍ ମୃତ୍ୟୁର କାରଣ ଖୋଜିବା ସହ ସନ୍ଦିଗ୍ଧ ମଦ କେଉଁଠୁ ଆସିଥିଲା ଏବଂ କିପରି ଲୋକଙ୍କ ପାଖରେ ପହଞ୍ଚିଲା, ତାହାର ତଦନ୍ତ କରିବ । ମଦର ନମୁନାକୁ ଫୋରେନସିକ୍ ପରୀକ୍ଷା ପାଇଁ ଗୁଆହାଟୀ ପଠାଯାଇଛି । ତେବେ ପରୀକ୍ଷା ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଅନ୍ୟପଟେ ଘଟଣା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୯ ଜଣଙ୍କୁ ଗିରଫ କରିଛି । ପ୍ରାୟ ୩ ହଜାର ବୋତଲ ମଦ ମଧ୍ୟ ଜବତ କରାଯାଇଛି।

## ଦିଲ୍ଲୀ ହାଇକୋର୍ଟଙ୍କ ବଡ଼ ରାୟ
# ଆଇନଗତ ସୁରକ୍ଷାକୁ ଅଣଦେଖା କରାଯାଇପାରିବନି




ନୂଆଦିଲ୍ଲୀ,୨୬।୯: ଦିଲ୍ଲୀ ହାଇକୋର୍ଟ ଏକ ପୋକ୍ସୋ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଜଣେ ସ୍ୱାମୀ ୧୮ ବର୍ଷରୁ କମ୍ ବୟସର ମହିଳାଙ୍କୁ ବିବାହ କରନ୍ତି ଏବଂ ତାଙ୍କ ସହିତ ଯୌନ ସମ୍ପର୍କ ରଖନ୍ତି ତେବେ ତାଙ୍କୁ ଫୌଜଦାରୀ କାର୍ଯ୍ୟାନୁଷ୍ଠାନରୁ ମୁକ୍ତ କରାଯାଇ ପାରିବ ନାହିଁ । ଆଉ ସେଠାରେ କୁହାଯାଇ ପାରିବ ନାହିଁକି,ବିବାହ ମୁସଲିମ ପର୍ସନଲ ଲ' ଅନୁଯାୟୀ ହୋଇଥିଲା। କୋର୍ଟ କହିଛନ୍ତି ଯେ ପର୍ସନଲ ଲ' ପୋକ୍ସୋ ଆଇନ ଏବଂ ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ପିଲାମାନଙ୍କୁ ପ୍ରଦାନ କରାଯାଇଥିବା ଆଇନଗତ ସୁରକ୍ଷାକୁ ଅଣଦେଖା କରିପାରିବ ନାହିଁ। ବିଚାରପତି ସଞ୍ଜୀବ ନରୁଲାଙ୍କ ଖଣ୍ଡପୀଠ ସମ୍ମୁଖରେ ଏହି ମାମଲାରେ ଏକ ଦମ୍ପତି ସାମିଲ ଥିଲେ ଯାହାଙ୍କ ବିବାହ ୧୬ ବର୍ଷ ୩ ମାସ(ପତ୍ନୀ) ଏବଂ ପୁରୁଷ ୨୮ ବର୍ଷ ବୟସର ଥିଲା। ବିବାହ ପରେ, ଦମ୍ପତି ଏକାଠି ରହିବା ଆରମ୍ଭ କଲେ, ଏବଂ ମହିଳା ଗର୍ଭବତୀ ହେଲେ। ଏକ ସରକାରୀ ଡାକ୍ତରଖାନାରେ ଗର୍ଭଧାରଣ ପରୀକ୍ଷା ସମୟରେ, ତାଙ୍କ ବୟସ ଜଣାପଡିଲା, ଯାହା ପରେ ପୋଲିସ ଏକ ମାମଲା ରୁଜୁ କଲା।

## ଜାତିସଂଘରେ ବିଷ ଓଗାଳିଲେ ପାକିସ୍ତାନୀ କୂଟନୀତିଜ୍ଞ
# କାଶ୍ମୀର ଭାରତର ଅଂଶ ନୁହେଁ

ନ୍ୟୁୟର୍କ,୨୬।୯:ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନରେ କାଶ୍ମୀର ଓ ଆତଙ୍କବାଦ ପ୍ରସଙ୍ଗକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ପୁଣିଥରେ ତୀବ୍ର ବାକ୍ୟୁଦ୍ଧ ଦେଖିବାକୁ ମିଳିଛି। ପାକିସ୍ତାନ ପୁଣିଥରେ ଜାତିସଂଘର ସାଧାରଣ ସଭାରେ ବିଷ ଓଗାଳିଛି। ପାକିସ୍ତାନୀ କୂଟନୀତିଜ୍ଞ ସାଇମା ସଲିମ କାଶ୍ମୀର ବିଷୟରେ କହିଥିଲେ ଯେ ଏହା 'କେବେବି ଭାରତର ଅଂଶ ନଥିଲା, ନା କେବେ । ଏହା ବ୍ୟତୀତ, ପାକିସ୍ତାନୀ କୂଟନୀତିଜ୍ଞ ଭାରତ ଉପରେ ଆତଙ୍କବାଦ ପ୍ରସାର କରିବାର ଅଭିଯୋଗ ଆଣିଥିଲେ। ଶୁକ୍ରବାର ଜଣେ ପାକିସ୍ତାନୀ ସାମ୍ବାଦିକ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ସମାନ ପ୍ରଶ୍ନ ପଚାରିଥିଲେ, ଯାହାର ଉତ୍ତରରେ ସେ ପାକିସ୍ତାନକୁ ଆତଙ୍କବାଦୀ ଦେଶ କହିଥିଲେ। ଶନିବାର ପାକିସ୍ତାନୀ କୂଟନୀତିଜ୍ଞ ଜାତିସଂଘ ସାଧାରଣ ପରିଷଦରେ ଉତ୍ତର ଦେବାର ଅଧିକାର ବ୍ୟବହାର କରି କାଶ୍ମୀର ଏବଂ ଆତଙ୍କବାଦ ପ୍ରସଙ୍ଗରେ ଭାରତ ବିରୁଦ୍ଧରେ ବିଷ ଓଗାଳିଥିଲେ। ପାକିସ୍ତାନୀ କୂଟନୀତିଜ୍ଞ ସାଇମା ସଲିମ କହିଛନ୍ତି, 'ଜାମ୍ମୁ ଏବଂ କାଶ୍ମୀର ଏକ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିବାଦୀୟ କ୍ଷେତ୍ର। ଏହାର ଏକ ବଡ଼ ଅଂଶ ପ୍ରାୟ ୮ ଦଶନ୍ଧି ଧରି ଭାରତ ଦ୍ୱାରା ବଳପୂର୍ବକ ଦଖଲ କରାଯାଇଛି, କାଶ୍ମୀରୀ ଲୋକଙ୍କ ଇଚ୍ଛା ବିରୁଦ୍ଧରେ ଏବଂ




ଆନ୍ତର୍ଜାତୀୟ ଆଇନ ଏବଂ ଅନେକ ସୁରକ୍ଷା ପରିଷଦ ପ୍ରସ୍ତାବର ଘୋର ଉଲ୍ଲଂଘନ କରି ଭାରତ ବଳପୂର୍ବକ କବଜା କରିଛି। ତାଙ୍କ ଦାବି ଅନୁସାରେ, ପାକିସ୍ତାନ ଭାରତ ପକ୍ଷରୁ ଆତଙ୍କବାଦୀ କାର୍ଯ୍ୟକଳାପକୁ ଅର୍ଥ ଯୋଗାଣ ନେଇ ଅନ୍ତର୍ଜାତୀୟ ସମୁଦାୟ ସମ୍ମୁଖରେ ତଥ୍ୟ ଦେଇଛି । ପାକିସ୍ତାନର ଏହି ଅଭିଯୋଗକୁ ଭାରତ ଅସ୍ୱୀକାର କରିଆସିଛି। ପାକିସ୍ତାନର ବୟାନ ପୂର୍ବରୁ ଭାରତୀୟ ପ୍ରତିନିଧି ପେଟଲ ଗେହଲୋଟ୍ ପାକିସ୍ତାନର ଆତଙ୍କବାଦ ସମ୍ପର୍କିତ ଦାବିକୁ ପ୍ରତ୍ୟାଖ୍ୟାନ କରି ପାକିସ୍ତାନରୁ ଆସୁଥିବା ଆତଙ୍କବାଦ ପ୍ରସଙ୍ଗ ଉଠାଇଥିଲେ। ଉଭୟ ଦେଶର ପ୍ରତିନିଧି ଜାତିସଂଘର ମଞ୍ଚରେ ପରସ୍ପର ବିରୋଧରେ ଅଭିଯୋଗ ରଖିଛନ୍ତି।

## ପୋଲିସ ଚେକପୋଷ୍ଟରେ ଆତ୍ମଘାତୀ ଆକ୍ରମଣ, ୧୧ ମୃତ



ନୂଆଦିଲ୍ଲୀ,୨୬।୯: ପାକିସ୍ତାନର ଖୈବର ପଖତୁନଖ୍ୱା ପ୍ରଦେଶର ଡେରା ଇସ୍ମାଇଲ ଖାନ ସହରରେ ଶନିବାର ଏକ ବଡ଼ ବିସ୍ଫୋରଣ ଘଟିଛି। ରାସ୍ତା କଡ଼ରେ ଥିବା ଏକ ପୋଲିସ ଚେକପୋଷ୍ଟକୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିବା ଜଣାପଡ଼ିଛି। ଏଥିରେ ଅତିକମରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୩୦ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୮ ପୁରୁଷ, ୨ ଜଣ ମହିଳା ଏବଂ ଜଣେ ଶିଶୁ ଅଛନ୍ତି। ବିସ୍ଫୋରଣ ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଭଗ୍ନାବଶେଷ ମଧ୍ୟରୁ ଲୋକଙ୍କୁ ବାହାର କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ରିପୋର୍ଟ ଅନୁସାରେ, ଏହା ଏକ ଆତ୍ମଘାତୀ ବିସ୍ଫୋରଣ ଥିଲା। ଜଣେ ଆତ୍ମଘାତୀ ଆକ୍ରମଣକାରୀ ବିସ୍ଫୋରକ ଭର୍ତ୍ତି ଗାଡ଼ି ନେଇ ପୋଲିସ ଚେକପୋଷ୍ଟ ଭିତରକୁ ପଶିଥିଲା। ଏହାପରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ୧୧ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଗୁରୁତର ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ପୋଲିସର ସୂଚନା ଅନୁଯାୟୀ, ଚେକ୍ ପଏଣ୍ଟଟି ମୁଗଲ କୋଟ ଏବଂ ଦାରାଜିଣ୍ଡା ମଧ୍ୟରେ ଡିଆଇ ଖାନ-କ୍ୱେଟା ରୋଡରେ ଅବସ୍ଥିତ। ଏହି ଅଞ୍ଚଳ ଖାଇବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନ ସୀମା ନିକଟରେ ରହିଛି। ବିସ୍ଫୋରଣରେ ପୋଲିସ ଏବଂ କଷ୍ଟମ ବିଭାଗ କର୍ମଚାରୀଙ୍କ ବ୍ୟତୀତ ଦୁଇଜଣ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟ ସହ ସୁରକ୍ଷା ଯାଞ୍ଚ ଜାରି ରହିଛି। ଏହି ବିସ୍ଫୋରଣର ଦାୟିତ୍ୱ ତେହରିକ-ଇ-ତାଲିବାନ ପାକିସ୍ତାନ ନେଇଥିବା ରିପୋର୍ଟରେ କୁହାଯାଇଛି।

## ୨୬ ବର୍ଷ ପୁରୁଣା ହତ୍ୟା ମାମଲାରେ ୭ଜଣଙ୍କୁ ଆଜୀବନ କାରାଦଣ୍ଡ

ନୂଆଦିଲ୍ଲୀ,୨୬।୯ : ଉତ୍ତର ପ୍ରଦେଶର ମୁଜାଫରନଗରସ୍ଥିତ ଏକ ଫାଷ୍ଟ ଟ୍ରାକ୍ କୋର୍ଟ ୨୬ବର୍ଷ ପୁରୁଣା ଏକ ହତ୍ୟା ମାମଲାରେ ୭ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି । ଏହାସହ ପ୍ରତ୍ୟେକଙ୍କୁ ୧,୮୭,୦୦୦ ଟଙ୍କା ଜରିମାନା ଲଗାଇଛନ୍ତି । ଦଣ୍ଡାଦେଶ ପରେ ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ହେପାଜତରେ ଜେଲ ପଠାଇ ଦିଆଯାଇଛି। ଏହି ଘଟଣାଟି ୨୦ ସେପ୍ଟେମ୍ବର ୨୦୦୦ରେ ଘଟିଥିଲା। ଯେତେବେଳେ ଭୋପା ଥାନା ଅଞ୍ଚଳର ଧେରାହେଡ଼ି ଗାଁରେ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତା ଯୋଗୁଁ ଜୟବିନ୍ଦର, ରୂପକ ଏବଂ ଗୌତମଙ୍କ ଉପରେ ସେହି ଗ୍ରାମର ବାସିନ୍ଦା ଅଭିଯୁକ୍ତ ଧୂମ୍ ସିଂହ ଏବଂ ତାଙ୍କ ପରିବାର ଆକ୍ରମଣ କରିଥିଲେ। ଏହି ଘଟଣାରେ ଜୟବିନ୍ଦର ଖସି ପଳାଇ ତାଙ୍କ ପରିବାରକୁ ଘଟଣା ବିଷୟରେ ଜଣାଇଥିଲେ । ତା'ପରେ ଯେତେବେଳେ ତାଙ୍କ ପରିବାର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଲେ ପୂର୍ବରୁ ପ୍ରସ୍ତୁତ ଥିବା ଧୂମ୍ ସିଂହଙ୍କ ପରିବାର ସଦସ୍ୟମାନେ ଲାଇସେନ୍ସପ୍ରାପ୍ତ ଅସ୍ତ୍ରଶସ୍ତ୍ରରୁ ଗୁଳି ଚଳାଇ ସମସ୍ତଙ୍କୁ ଆକ୍ରମଣ କରିଥିଲେ । ଯେଉଁଥିରେ ଗୁଳି ଲାଗିବାରୁ ରବିନ୍ଦ୍ର ନାମକ ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଯାହାକି ଏହି ଘଟଣାରେ ୭ଜଣ ଆହତ ହୋଇଥିଲେ। ଏହି ଘଟଣା ପରେ ଭୋପା ପୋଲିସ ଏକ ମାମଲା ରୁଜୁ କରି ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ବର୍ତ୍ତମାନ, ଫାଷ୍ଟ ଟ୍ରାକ୍ କୋର୍ଟ ନମ୍ବର ୧ର ପ୍ରିଜାଇଡିଂ ଅଫିସର ଜ୍ୟୋତ୍ସ୍ନା ସିୱାଚ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ସାତ ଜଣ ଅଭିଯୁକ୍ତ ଅନିଲ, ରବିନ୍ଦ୍ର, ନବାବ, ସଞ୍ଜୀବ, ପଙ୍କଜ, ପ୍ରୀତମ ଏବଂ ବସନ୍ତଙ୍କୁ ଆଜୀବନ କାରାଦଣ୍ଡ ଏବଂ ପ୍ରତ୍ୟେକଙ୍କୁ ଜରିମାନା ଆଦେଶ ଦେଇଛନ୍ତି।

## ମିଶନ ଶକ୍ତିସ୍ୟାଟ୍: ୧୦୮ ଦେଶର ଛାତ୍ରୀ ପ୍ରସ୍ତୁତ କଲେ ସାଟେଲାଇଟ୍

ନୂଆଦିଲ୍ଲୀ,୨୬।୯: ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଆନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ବିଶ୍ୱର ୧୦୮ଟି ଦେଶର ଛାତ୍ରୀମାନେ ଏକାଠି ହୋଇ ଏକ କୃତ୍ରିମ ଉପଗ୍ରହ (ସାଟେଲାଇଟ୍) ନିର୍ମାଣ କରିଛନ୍ତି। ''ସ୍ପେସ୍ କିଡ୍ସ ଇଣ୍ଡିଆ'ର ନେତୃତ୍ୱରେ ଚାଲିଥିବା 'ମିଶନ ଶକ୍ତିସ୍ୟାଟ୍'ର ଦ୍ୱିତୀୟ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଛି। କେବଳ ଛାତ୍ରୀମାନଙ୍କ ଦ୍ୱାରା ନିର୍ମିତ ଏହି ସାଟେଲାଇଟଟି ଭାରତର ''ସ୍ମଲ୍ ସାଟେଲାଇଟ୍ ଲଞ୍ଚ ଭେହିକିଲ୍'' (ଏସ୍‌ଏସ୍‌ଏଲଭି) ମାଧ୍ୟମରେ ମହାକାଶକୁ ଉତକ୍ଷେପଣ କରାଯିବ, ଯାହା ବିଶ୍ୱସ୍ତରରେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିବାକୁ ଯାଉଛି।ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରୀମାନଙ୍କ ଦ୍ୱାରା ନିଜେ ପ୍ରସ୍ତୁତ କରାଯାଇଥିବା '୧୨ୟୁ କ୍ୟୁବସ୍ୟାଟ୍' ନାମକ ଏକ କମ୍ପାକ୍ଟ ସାଟେଲାଇଟ୍। ପାଠ୍ୟପୁସ୍ତକର



ସୀମା ଭିତରୁ ବାହାରି ଛାତ୍ରୀମାନେ ସାଟେଲାଇଟର ଯାନ୍ତ୍ରିକ ଗଠନ, ଇଲେକ୍ଟ୍ରିକାଲ୍ ସଂଯୋଗ, ସୋଲାର ପ୍ୟାନେଲ ସୋଲଡରିଂ, ପାୱାର-ବସ୍ ପ୍ରସ୍ତୁତି ଏବଂ ପେଲୋଡ୍ ଇଣ୍ଟିଗ୍ରେସନ୍ ଭଳି ଜଟିଳ ମହାକାଶ ପ୍ରଯୁକ୍ତିବିଦ୍ୟାର ପ୍ରାକ୍ଟିକାଲ୍ ଅନୁଭୂତି ହାସଲ କରିଛନ୍ତି। ଏହି ମିଶନରେ ଭାରତ, ଲାଟଭିଆ, ମିଶର, ଆମେରିକା, ବ୍ରାଜିଲ, ଅଷ୍ଟ୍ରେଲିଆ, ସ୍ୱିଜରଲ୍ୟାଣ୍ଡ ଏବଂ ଫିଲିପାଇନ୍ସ ଭଳି ବିଭିନ୍ନ ଦେଶର ବୈଜ୍ଞାନିକ ଦଳ ଓ ଅନୁଷ୍ଠାନ ସାମିଲ ହୋଇଛନ୍ତି।

## ୟୁପିରେ ବର୍ଷାର ତାଣ୍ଡବ,ଭାଙ୍ଗିଛି ୧୧୭ ଘର: ୧୫ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୬।୯: ଗତ ୪୮ ଘଣ୍ଟା ଧରି ବର୍ଷା ଯୋଗୁଁ ଉତ୍ତର ପ୍ରଦେଶରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରବଳ ପବନ କାରଣରୁ ମୋଟ ୧୧୭ ଘର ଭାଙ୍ଗିଛି ଏବଂ ବିଭିନ୍ନ ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି। ଲକ୍ଷ୍ନୌରେ ପୁରୁଣା ସହରର ଐତିହାସିକ ହୁସେନାବାଦ ଫାଟକର ଏକ ଅଂଶ ଭୁଶୁଡ଼ି ପଡ଼ିଛି। ଏହି ସମୟରେ, ଲଖିମପୁର ଖେରି, ଆମେଥି ଏବଂ ବାରାବଙ୍କି ଜିଲ୍ଲାରେ ପୃଥକ କାନ୍ଥ ଭୁଶୁଡ଼ି ପଡ଼ିବା ଯୋଗୁଁ ଅତି କମରେ ୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଗଛ ପଡ଼ିବା ଫଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ଫତେହପୁର ଜିଲ୍ଲାରେ, ବିଭିନ୍ନ ଥାନା ଅଞ୍ଚଳରେ ପ୍ରାୟ ୧୦ଟି ମାଟି ଘର ଭାଙ୍ଗି ପଡ଼ିଛି। ଗୋଟିଏ ଘରର ଭଗ୍ନାବଶେଷ ତଳେ ଦୁଇ ଭାଇ ପୋତି ହୋଇଯାଇଛନ୍ତି। ଘଟଣାସ୍ଥଳରେ ଜଣେ ୮ ବର୍ଷର ପୁଅର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ୧୧ ବର୍ଷର ବଡ଼ ଭାଇ ଗୁରୁତର ଆହତ ହୋଇଛନ୍ତି। ପୁଲିସ କହିଛି ଯେ ଲଖିମପୁର ଖେରି ଜିଲ୍ଲାର ନିମଗାଁ ଥାନା ଅଞ୍ଚଳର ରେହମତ ନଗର ଗାଁରେ ଶନିବାର ସକାଳେ ଭୁଶୁଡ଼ି ପଡ଼ିଥିବା ଏକ ମାଟି ଘରର ଭଗ୍ନାବଶେଷ ତଳେ ଗୋଟିଏ ପରିବାରର ତିନି ଜଣ ସଦସ୍ୟ ପୋତି ହୋଇଯାଇଛନ୍ତି।

## ଇରାନକୁ କଡ଼ା ଚେତାବନୀ
# ହର୍ମୁଜ ଏବେ ଟ୍ରମ୍ପ ଷ୍ଟ୍ରେଟ !

ନୂଆଦିଲ୍ଲୀ, ୨୬।୯: ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ରାଜନୈତିକ ଉତ୍ତେଜନା ଭିତରେ ଆମେରିକା ରାଷ୍ଟ୍ରପତି ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଇରାନ ଦ୍ୱାରା ହୋର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଥିବା ବେଳେ, ରାଷ୍ଟ୍ରପତି ଟ୍ରମ୍ପ ଏହାର ନାଁ ବଦଳାଇ 'ଟ୍ରମ୍ପ ଷ୍ଟ୍ରେଟ' ରଖିଛନ୍ତି ଏବଂ ଏହାକୁ ନେଇ ଏକ ମ୍ୟାପ୍ ମଧ୍ୟ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍' ମାଧ୍ୟମରେ ଏକ ମ୍ୟାପ୍ ଜାରି କରି ଘୋଷଣା କରିଛନ୍ତି ଯେ, ଏବେଠାରୁ ଆମେରିକା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥର ନାଁ 'ଟ୍ରମ୍ପ ଷ୍ଟ୍ରେଟ' ହେବ ।




ଏହି ଘୋଷଣା ପୂର୍ବରୁ ଇରାନର ବହିର୍ବ୍ୟାପାର ମନ୍ତ୍ରୀ ଅବାସ ଅରାଘଚି କହିଥିଲେ ଯେ, ଯଦି ଆମେରିକା କଟକଣା କୋହଳ କରେ, ତେବେ ଇରାନ ଏହି ପ୍ରଣାଳୀକୁ ପୁନର୍ବାର ଖୋଲିବା ଏବଂ ଆଲୋଚନା ଆରମ୍ଭ କରିବା ପାଇଁ ଏକ ସାତ ଦିନିଆ ପ୍ରସ୍ତାବ ଆମେରିକାକୁ ଦେଇଛି । ଇରାନ ପକ୍ଷରୁ ସମାଧାନର ବାଟ ଖୋଜାଯାଉଥିବା ବେଳେ ଟ୍ରମ୍ପଙ୍କ ଏପରି ଏକତରଫା ଏବଂ ପ୍ରଭାବଶାଳୀ ପଦକ୍ଷେପ ଇରାନ ଶିବିରରେ କ୍ରୋଧ ଓ ଅସ୍ଥିରତାକୁ ଆହୁରି ବଢ଼ାଇ ଦେଇଛି । ଆମେରିକା ଓ ଇରାନ ମଧ୍ୟରେ ମାସ ମାସ ଧରି ଲାଗିରହିଥିବା ଏହି ବିବାଦ ଏବେବି ଛିଡ଼ିନି । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ସେ କୌଣସି ପରିସ୍ଥିତିରେ ବି ଇରାନକୁ ପରମାଣୁ ଅସ୍ତ୍ରଶସ୍ତ୍ର ହାସଲ କରିବାକୁ ଦେବେ ନାହିଁ । ଏହି କାରଣରୁ ପୂର୍ବରୁ ଆମେରିକା ଇରାନ ଉପରେ ଆକ୍ରମଣ ମଧ୍ୟ କରିଥିଲା, ଯେଉଁଥିରେ ଉଭୟ ପକ୍ଷକୁ ବହୁ କ୍ଷତି ସହିବାକୁ ପଡ଼ିଥିଲା । ଅନ୍ୟପକ୍ଷରେ, ଇରାନୀ କର୍ତ୍ତୃପକ୍ଷଙ୍କ ଯୁକ୍ତି ରହିଛି ଯେ ଦେଶର ଶାନ୍ତିପୂର୍ଣ୍ଣ ଏବଂ ନାଗରିକ ଆବଶ୍ୟକତା ପୂରଣ କରିବା ପାଇଁ ସେମାନଙ୍କୁ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିବାର ଅଧିକାର ମିଳିବା ଉଚିତ୍ । ଏହି ସାମ୍ପ୍ରତିକ ଘଟଣାକ୍ରମ ପରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ଆହୁରି ଜଟିଳ ହେବାର ଆଶଙ୍କା ଦେଖାଦେଇଛି ।

## ଜଳବନ୍ଦୀର ୧୭ ଘଣ୍ଟା ପରେ ନିଖୋଜ ମସ୍ତ୍ୟଜୀବୀ ଉଦ୍ଧାର

ହିଞ୍ଜିଳିକାଟୁ,(ନିପ୍ର): ବାତ୍ୟା ଅର୍ଣ୍ଣବର ଗଭୀର ଅବପାତ ପ୍ରଭାବରେ ହିଞ୍ଜିଳିକାଟୁ ଅଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ପାଇଥିଲା। ଫଳରେ ତଳୁଆ ଅଞ୍ଚଳର ଅଧିକାଂଶ ଚାଷ ଜମି ଜଳମଗ୍ନ ହେବା ସହ ଘୋଡାହାଡ ନଦୀରେ ପ୍ରଚୁର ପରିମାଣରେ ଜଳ ପ୍ରବାହିତ ହୋଇ ସ୍ରୋତର ବେଗ ଭୟଙ୍କର ରୂପ ଧାରଣ କରିଥିଲା। ଏଭଳି ପରିସ୍ଥିତି ସୃଷ୍ଟି ହେବା ସତ୍ତ୍ୱେ ଜଣେ ମସ୍ଯଜୀବୀ ମାଛ ଧରିବାକୁ ଉଦ୍ୟମ କରି ଗଭୀର ସ୍ରୋତରେ ଭାସି ଯାଇଥିଲେ। ସେ ନିଖୋଜ ଥିବା ଖବର ପ୍ରସାରଣ ପରେ ଜଳବନ୍ଦୀ ଅବସ୍ଥାରେ ଦୀର୍ଘ ୧୭ ଘଣ୍ଟାର ଜୀବନ ମରଣ ସଂଘର୍ଷ ପରେ ତାଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ମସ୍ଯଜୀବୀ ଜଣକ ହେଲେ ପ୍ରକାଶ ଚନ୍ଦ୍ର ବେହେରା (୬୫)। ସେ ହିଞ୍ଜିଳି ଥାନା ଖଣ୍ଡରା ଗ୍ରାମ ବଡ଼ ସାହିର ବାସିନ୍ଦା ବୋଲି ଜଣାପଡିଛି। ଘଟଣା ପ୍ରକାରେ ଶୁକ୍ରବାର ଦିନ ମଧ୍ୟାହ୍ନ ସମୟରେ ପ୍ରକାଶ ଘୋଡାହଡ ନଦୀ ଅନିକାଟ ନିକଟକୁ ଯାଇ ଜାଲ ପକାଇ ମାଛ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ କୌଣସି କାରଣରୁ ସେ ନଦୀ ସ୍ରୋତରେ ଭାସି ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ଫେରିବାରେ ବିଳମ୍ବ ହେବାରୁ ଘରଲୋକେ ତାଙ୍କୁ ନଦୀର ବିଭିନ୍ନ ସ୍ଥାନରେ ଖୋଜାଖଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନଥିଲା। ପରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ସନ୍ଧାନ କରିଥିଲେ ମଧ୍ୟ କୌଣସି ସୂଚନା ମିଳି ନଥିଲା। ଶନିବାର ସକାଳେ ପୁଣି ଥରେ ପରିବାର ଲୋକେ ନଦୀର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନଦୀ ନିକଟସ୍ଥ ଏକ ଲତାବୁଦା ଭର୍ତ୍ତି ସ୍ଥାନରୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥିତ ଏମକେସିଜି ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅଧାଦିନ ଓ ପୁରାରାତି ଜଳବନ୍ଦୀ ଅବସ୍ଥାରେ ରହି ନିଖୋଜ ଥିବା ମସ୍ଯଜୀବୀ ପ୍ରକାଶ ଜୀବିତ ଅବସ୍ଥାରେ ଉଦ୍ଧାର ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

## କୁମ୍ଭାରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ମରାମତି ଦାବି



କଣ୍ଟିଲୋ (ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହର ଟିଣ ଛପର ବର୍ଷକ ତଳେ ଉଡି ଯାଇଥିଲା। ଖୋଲାମେଲାରେ ୨ ବଖରା ଶ୍ରେଣୀଗୃହ ପଡି ରହିଥିବାରୁ ଛାତ୍ରଛାତ୍ରୀମାନେ ପାଠ ପଢିବା ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ବିଦ୍ୟାଳୟ ଶ୍ରେଣୀଗୃହର ଆନୁସଙ୍ଗିକ ମରାମତି ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପଞ୍ଚାୟତବାସୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି। ଅପରପକ୍ଷେ ଶ୍ରେଣୀଗୃହ ଅଭାବରୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଗତ ବର୍ଷ ଠାରୁ କୁମ୍ଭାରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ୮ ମ ଶ୍ରେଣୀ ପର୍ଯ୍ୟନ୍ତ ୨୧୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତୁରନ୍ତ କ୍ଷତିଗ୍ରସ୍ତ ବିଦ୍ୟାଳୟ ଶ୍ରେଣୀଗୃହର ମରାମତି ଦିଗରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।ନୟାଗଡ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ କୁମ୍ଭାରପଡା ପଞ୍ଚାୟତବାସୀ ଦାବି କରିଛନ୍ତି।

## ପଥରରେ ଛେଚି ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ନି.ପ୍ର): ପଥରରେ ଛେଚି ଯୁବକଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଏସ୍.କେ. ହବିବ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଉମାକାନ୍ତ ହୋତା ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଅନ୍ତର୍ଗତ ହଦପଡ଼ା ନିବାସୀ ହୋଇଥିବା ବେଳେ, ଓଗଳପଡା ଠାରେ ଥିବା ଶକ୍ତି-ସଦନରେ ଜଗୁଆଳି ଭାବରେ କାର୍ଯ୍ୟ କରନ୍ତି। ଗତକାଲି ଦିନ ପ୍ରାୟ ଅପରାହ୍ନ ୨ଟା ସମୟରେ ଅଭିଯୋଗକାରୀ, ରୁକସାନା ବିବି ଓ ଶୁଭବ୍ରତ ସାମନ୍ତରାୟଙ୍କ ସହିତ ଏକ ଆକ୍ଟିଭା ସ୍କୁଟର ଯୋଗେ ଓଗଳପଡ଼ାସ୍ଥିତ ଶକ୍ତି ସଦନ-୨ ଅଭିମୁଖେ ଫେରୁଥିଲେ। ଏହି ସମୟରେ ରୁକସାନା ବିବିଙ୍କ ସ୍ୱାମୀ ଅଭିଯୁକ୍ତ ଏସ୍.କେ. ହବିବ ଏକ ମୋଟରସାଇକେଲରେ ଆସି ଓଗଳପଡ଼ା ଅତିଥି ହୋଟେଲ ନିକଟରେ ସେମାନଙ୍କ ସ୍କୁଟରକୁ ଜୋରଜବରଦସ୍ତ ଅଟକାଇଥିଲେ । ପରେ ଅଭିଯୁକ୍ତ ଜଣକ ଅଭିଯୋଗକାରୀ ଓ ଅନ୍ୟମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଅଭିଯୋଗକାରୀଙ୍କୁ ମାରିବା ଉଦ୍ଦେଶ୍ୟରେ ଏକ ପଥର ଉଠାଇ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଫିଙ୍ଗିଥିଲେ । କିନ୍ତୁ ପଥରଟି ମୁଣ୍ଡରେ ନବାଜି ଅଭିଯୋଗକାରୀଙ୍କ ଓଠରେ ବାଜିଥିଲା । ଏଥିରେ ତାଙ୍କ ଓଠରେ ଆଘାତ ଲାଗି ରକ୍ତ ବାହାରିଥିଲା ଏବଂ ସେ ତଳେ ପଡ଼ିଯାଇଥିଲେ । ଏହାପରେ ଅଭିଯୁକ୍ତ ରୁକସାନା ବିବିଙ୍କୁ ଧରି ଟାଣିବା ସହ ତାଙ୍କୁ ମାଡ଼ ମାରିଥିଲେ । ଘଟଣାସ୍ଥଳରେ ହୋଇଥିବା ହୋହଲ୍ଲା ଶୁଣି କିଛି ସ୍ଥାନୀୟ ଲୋକ ସେଠାକୁ ଦୌଡ଼ି ଆସିଥିଲେ। ସେମାନଙ୍କୁ ଦେଖି ଅଭିଯୁକ୍ତ ଜଣକ ନିଜ ମୋଟରସାଇକେଲରେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ମାମଲାର ତଦନ୍ତ ବେଳେ ଜଣାପଡିଥିଲା ଯେ, ଅଭିଯୁକ୍ତ ଏସ୍.କେ. ହବିବ ଓ ରୁକସାନା ବିବି ସ୍ୱାମୀ-ସ୍ତ୍ରୀ । ଦୀର୍ଘଦିନ ଧରି ଦାମ୍ପତ୍ୟ ବିବାଦ ଓ ନିର୍ଯାତନା ଅଭିଯୋଗରେ ରୁକସାନା ବିବି ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରି ଜୁନ୍ ୨୦୨୬ରୁ ଓଗଳପଡ଼ାସ୍ଥିତ ଶକ୍ତି ସଦନ-୨ରେ ରହିଆସୁଥିଲେ ।

## ସଂଘବଦ୍ଧ ଆକ୍ରମଣ ଓ ବୋମାମାଡ଼ ଘଟଣାରେ ୨ ଗିରଫ

କଟକ(ନିପ୍ର): ଜଗତପୁର ଥାନା ପୋଲିସ ଗତ ଡିସେମ୍ବର ମାସ ୫ ତାରିଖରେ ହୋଇଥିବା ଏକ ସଂଘବଦ୍ଧ ଆକ୍ରମଣ ଓ ବୋମାମାଡ଼ ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ଚମ୍ପତିର ପ୍ରକାଶ ବିଶ୍ୱାଳ ଓରଫ ଗୁଡୁ (୨୫) ଓ ବିକାଶ ଚନ୍ଦ୍ର ଦାସ (୨୭)। ମାମଲାର ବିବରଣୀ ଅନୁଯାୟୀ ଗତ ଡିସେମ୍ବର ୫ ତାରିଖ ଅପରାହ୍ନ ସାଢେ ୪ଟା ବେଳେ ଆତୋଡାର ସୁଲୋଚନା ସେଠୀ କେନାଲ କୂଳରେ ବସିଥିବା ବେଳେ ୪/୫ଟି ମୋଟର ସାଇକେଲରେ ୧୦/୧୫ ଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ସହ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ବନ୍ଧୁକ ଧରି ସମଗ୍ର ଆତୋଡା ଗ୍ରାମକୁ ମଶାଣିରେ ପରିଣତ କରିବାକୁ ଧମକ ଦେଇ ବୋମାମାଡ଼ କରିଥିଲେ। ଏଥିରେ ଗ୍ରାମର କେତେକ ଲୋକ ଆହତ ହୋଇଥିଲେ। ଏନେଇ ସୁମିତ୍ରା ସେଠୀ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ୨ ଦିନ ପୂର୍ବରୁ ପଦ୍ମପୁର ଗ୍ରାମର ୪୦/୫୦ ଜଣ ଲୋକ ଏହି ଗ୍ରାମରେ ପହଞ୍ଚି ଆତଙ୍କ ସୃଷ୍ଟି କରିଥିଲେ। ଏନେଇ ତତ୍କାଳୀନ ଥାନାଧିକାରୀ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ତଦନ୍ତ ସମୟରେ ସିସିଟିଭି ଫୁଟେଜରୁ ଅନନ୍ତପୁରର ପ୍ରିୟରଞ୍ଜନ ମହାପାତ୍ର, ପାଇକସାହିର ମଣ୍ଟୁ ବିଶ୍ୱାଳ, ପିଣ୍ଟୁ ବିଶ୍ୱାଳ, ଲିଟୁ ବିଶ୍ୱାଳ, ଗଣେଶ ବିଶ୍ୱାଳ, ପଦ୍ମପୁରର ମାନସ ସାହୁ, ଲିଙ୍କନ ସାହୁ, ବିରଞ୍ଚି ଦାସ, ମନୋଜ ନାୟକ, କୋଠାବାଡ଼ର ତୁବା ମହାନ୍ତି, ଅଠର ମାଣିଆର ରାଜା ସାହୁ, ହାତୀକାନର ବାବୁ ଶ୍ରୀନିବାସ ଦାସ ଆଦିଙ୍କୁ ଚିହ୍ନଟ କରାଯାଇଥିଲା । ଶନିବାର ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଘରୋଇ ହସ୍ପିଟାଲରୁ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ହତ୍ୟା ଅଭିଯୋଗ ଆଣିଲେ ପରିବାର

କଟକ(ନିପ୍ର) : ଘରୋଇ ହସ୍ପିଟାଲ୍ ପରିସରରୁ କର୍ମଚାରୀଙ୍କ ମୃତଦେହ ଉଦ୍ଧାର। ହତ୍ୟା ଅଭିଯୋଗ କଲେ ପରିବାର ଲୋକେ। କଟକ ରାଣୀହାଟ କଲେଜ ଛକରେ ଥିବା ଏକ ଘରୋଇ ହସ୍ପିଟାଲର ସିଡି ଘରୁ ହସ୍ପିଟାଲ କର୍ମଚାରୀଙ୍କର ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ମାହଙ୍ଗା ଅଞ୍ଚଳର ତପନ ବଳ(୩୦) । ସେ ହସ୍ପିଟାଲରେ ଚିକିତ୍ସା ସହାୟକ ଭାବେ କାମ କରୁଥିଲେ। ଶନିବାର ଭୋର ୫ଟା ବେଳେ ହସ୍ପିଟାଲର ତୃତୀୟ ମହଲା ସିଡି ଘରୁ ତପନଙ୍କର ଝୁଲନ୍ତା ମୃତଦେହ ମିଳିଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ଗାମୁଛା କାଟି ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ। ପରେ ମୃତଦେହକୁ ଏସସିବିକୁ ନେବା ପାଇଁ ଯୋଜନା କରିଥିଲେ । ତେବେ ପୋଲିସ ଆସିବା ପୂର୍ବରୁ କାହିଁକି ମୃତଦେହ ପଠାଯାଉଥିଲା ବୋଲି ମୃତ ତପନଙ୍କ ପରିବାର ଲୋକ ପ୍ରଶ୍ନ କରିଛନ୍ତି । ଏଥି ସହ ହତ୍ୟା ଅଭିଯୋଗ ଆଣିଛନ୍ତି । ତପନଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ମାନସିକ ନିର୍ଯାତନା ଦେଉଥିଲେ ଓ ବାରମ୍ବାର ତାଙ୍କୁ ଧମକ ଚମକ ଦେଉଥିଲେ । ତେଣୁ ତାଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ପରିବାର ଲୋକେ । ମାଲଗୋଦାମ ଥାନା ପୋଲିସ, ଜୋନ ୧ ଏସିପି ଅରୁଣ କୁମାର ସ୍ୱାଇଁ ଓ ସାଇଣ୍ଟିଫିକ୍ ଟିମ୍ ହସ୍ପିଟାଲ ପରିସରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ହସ୍ପିଟାଲରୁ ସେହି ଗାମୁଛା ଓ ସିସିଟିଭି ଫୁଟେଜ ଜବତ କରାଯାଇଛି । ପୋଲିସ ମୃତ ଦେହ ବ୍ୟବଚ୍ଛେଦ ନିମନ୍ତେ ଏସସିବିକୁ ପଠାଇଛି । କେଉଁ ପରିସ୍ଥିତିରେ ତପନଙ୍କର ମୃତ୍ୟୁ ଘଟିଛି ସେନେଇ ପୋଲିସ ତଦନ୍ତ କରୁଛି।

## ମାରଣାସ୍ତ୍ର ଦେଖାଇ ସୁନାଚେନ ଲୁଟ, ଦୁଇ ଲୁଟେରା ଗିରଫ

ଭୁବନେଶ୍ୱର,(ନି.ପ୍ର): ରାସ୍ତାରେ ମାରଣାସ୍ତ୍ର ଦେଖାଇ ଲୁଟପାଟ କରୁଥିବା ଦୁଇ ଲୁଟେରାଙ୍କୁ ଭରତପୁର ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଆକାଶ ଦାସ ଓ ନିରୁ ଦାସ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୪.୦୯.୨୦୨୬ ତାରିଖ ରାତି ପ୍ରାୟ ୯.୩୦ ମିନିଟରେ ଅଭିଯୋଗକାରୀ ରୋହନ ରେଡ୍ଡୀ ନିଜ ସାନ ଭାଇକୁ ଖୋଜିବା ପାଇଁ ବାହାରକୁ ଯାଇଥିଲେ। ସତ୍ୟନଗର ସ୍ଥିତ ନନ୍ଦେଶ୍ୱର ଜୁଏଲାରୀ ନିକଟରେ ସେ ଅଭିଯୁକ୍ତ ଆକାଶ ଦାସ, ରାଜା ଦାସ ଏବଂ ନିରୁ ଦାସଙ୍କୁ ବସିଥିବାର ଦେଖି ତାଙ୍କ ଭାଇ ବିଷୟରେ ପଚାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଧାରୁଆ କଟୁରି ଆଣି ତାଙ୍କ ବେକରେ ଲଗାଇ ହତ୍ୟା ଉଦ୍ୟମ କରିଥିଲେ। ଆକ୍ରମଣରେ ଅଭିଯୋଗକାରୀଙ୍କ ବେକରେ ଗଭୀର ଆଘାତ ଲାଗିଥିଲା। ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଥିଲେ।

## କଟକ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅମିତା ଦାସଙ୍କୁ ବଦଳି

କଟକ,(ନିପ୍ର): ନିଆଳି ପନିରରେ ଷ୍ଟାର୍ଚ ସହ ଲୁଗା ସଫା ଡିଟରଜେଣ୍ଟ୍ ମିଶାଇ ବିକ୍ରି କରାଯାଉଥିବାର ଅଭିଯୋଗର ତଦନ୍ତ ରିପୋର୍ଟ ହରିୟାଣା ଲ୍ୟାବରୁ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ କଟକ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅମିତା ଦାସଙ୍କୁ ବଦଳି ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତାଙ୍କୁ ରାଇରଙ୍ଗପୁରକୁ ବଦଳି କରାଯାଇଥିବା ଜଣାଯାଇଛି। ସେ ନିଆଳି ଅଞ୍ଚଳର ଖାଦ୍ୟ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ହେତୁ ଓ ଦାୟିତ୍ୱ ସଠିକ୍ ରୂପେ ତୁଲାଇନଥିବାରୁ ତାଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ପନିରରେ ଷ୍ଟାର୍ଚ ସହ ଲୁଗା ସଫା ଡିଟରଜେଣ୍ଟ୍ ମିଶାଇ ବିକ୍ରି କରାଯାଉଥିଲା। କଟକ ପୌର ନିଗମର ସ୍ୱାସ୍ଥ୍ୟ ବିଭାଗ ଗତ ମାସରେ ଜବତ କରିଥିବା ୭୦ କ୍ୱିଣ୍ଟାଲ୍‌ରୁ ଅଧିକ ପନିରର ଲ୍ୟାବ୍ ରିପୋର୍ଟରୁ ଏଭଳି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଜବତ ପନିର ନମୁନାକୁ ରାଜ୍ୟ ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସହ ଅନୁବନ୍ଧିତ ଥିବା ହରିୟାଣାର ଏକ ଘରୋଇ ଲ୍ୟାବ୍‌କୁ ପଠାଯାଇଥିଲା। ପରୀକ୍ଷାରୁ ଜବତ ପନିରରେ ମଇଦା, ଆରାରୁଟ୍, କର୍ଣ୍ଣଫ୍ଲୋର ପରି ଷ୍ଟାର୍ଚ ମିଶିବା ସହ ଲୁଗାସଫା ଡିଟରଜେଣ୍ଟ ମିଶିଥିବା କୁହାଯାଇଛି। ଏହା ମଣିଷ ଶରୀରରେ ସ୍ଲୋ ପଏଜନ୍ ଭାବେ କାମ କରିଥାଏ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଆଗାମୀ ଦିନରେ ଏହା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ନିଗମ ପକ୍ଷରୁ କୁହାଯାଇଛି। କେଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଗଷ୍ଟ ୧୯ ସଂଧ୍ୟାରେ ଲିଙ୍କରୋଡ୍ ଓ ପ୍ରେସଛକରେ ଚଢ଼ଉ କରାଯାଇଥିଲା। ସହର ମଧ୍ୟକୁ ନିଆଳିରୁ ୭ଟି ଅଟୋ ଓ ଟାଟା ଏସି ଗାଡ଼ିରେ ୭୦ କ୍ୱିଣ୍ଟାଲରୁ ଅଧିକ ପନିର ଆସୁଥିବା ବେଳେ ଲିଙ୍କରୋଡ୍‌ରୁ ଏହାକୁ ଜବତ କରାଯାଇଥିଲା। ଜବତ ପନିରକୁ ସେହି ସ୍ଥାନରେ ଆୟୋଡିନ୍ ଟେଷ୍ଟର ମାଧ୍ୟମରେ ପରୀକ୍ଷା କରାଯିବା ପରେ ତାହା ଅପମିଶ୍ରିତ ବୋଲି ଜଣାପଡ଼ିଥିଲା।

## ପ୍ରଭୁ ବାଲୁଙ୍କେଶ୍ୱର ମନ୍ଦିରରେ ପ୍ରବେଶ କଲା କୁସୁମୀ ନଦୀର ବନ୍ୟାଜଳ

ଖଣ୍ଡପଡ଼ା,(ନି.ପ୍ର): ଖଣ୍ଡପଡ଼ା ସହରର ଆରାଧ ୮ ନଂ ୱାର୍ଡ ସ୍ଥିତ ପ୍ରାଚୀନ ଶୈବପୀଠ ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସରରେ ନିକଟସ୍ଥ କୁସୁମୀ ନଦୀର ବନ୍ୟାଜଳ ପ୍ରବେଶ କରିଛି। ମନ୍ଦିରର ଗର୍ଭ ଗୃହରେ ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ପ୍ରଭୁ ବାଲୁଙ୍କେଶ୍ୱର ଦେବ ପାଣିରେ ବୁଡି ରହିଛନ୍ତି। ସେହିପରି ମନ୍ଦିର ପରିସରରେ ବନ୍ୟାଜଳ ପ୍ରବାହିତ ହେଉଛି। ମନ୍ଦିରରେ ବନ୍ୟାଜଳ ପ୍ରବେଶ ସତ୍ତ୍ୱେ ପୂଜକ ମାନଙ୍କ ଦ୍ୱାରା ବିଗ୍ରହଙ୍କ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦନ ହୋଇଥିବା ଜଣାପଡିଛି। ମନ୍ଦିର ବେଢାରେ ରହୁଥିବା ପ୍ରଭୁ ବୈଦ୍ୟନାଥ ମଧ୍ୟ ବନ୍ୟାଜଳରେ ବୁଡି ରହିଥିବା ଜଣାପଡିଛି। ଗତ ୩ ଦିନ ଧରି ଲଗାଣ ବର୍ଷାର ପ୍ରଭାବରେ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। କୁସୁମୀ ନଦୀର ବନ୍ୟାଜଳ କୂଳ ଲଂଘି ନିକଟସ୍ଥ ହେକ୍ଟର ହେକ୍ଟର ଚାଷ ଜମି ଗୁଡ଼ିକୁ ଜଳମଗ୍ନ କରିବା ସହ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିରରେ ପ୍ରବେଶ କରିଥିବା ଜଣାପଡିଛି।

## ୪କିଲୋ ଗଞ୍ଜେଇ ସହ ଗୋଟିଏ ସ୍କୁଟି ଜବତ: ଦୁଇ ଗିରଫ




ଆସିକା (ନିପ୍ର): ୪କିଲୋ ଗଞ୍ଜେଇ ଗୋଟିଏ ସ୍କୁଟି ସହ ଦୁଇ ଜଣକୁ ଗିରଫ କରିଛି ଆସିକା ଅବକାରୀ ପୋଲିସ। ଗଞ୍ଜାମ ଜିଲ୍ଲାକୁ ନିଶା ମୁକ୍ତ କରିବା ଅଭିଯାନକୁ ପଥେୟ କରି ଜିଲ୍ଲାପାଳ ଭି କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା ଓ ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ୍ ସ୍ୱାଧୀନ ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବ ସୂଚନା ମୁତାବକ ଆସିକା ଅବକାରୀ ଟିମ ଆସିକା ଥାନା ଅନ୍ତର୍ଗତ ସାପୁଆ ପଲ୍ଲୀ ଛକଠାରେ ଗୋଟିଏ ଓଡ଼ି ୧୨ଜି ୫୯୮୩ ନମ୍ବର ବିଶିଷ୍ଟ ଟିଭିଏସ୍ ଜୁପିଟର ଗାଡିକୁ ଅଟକାଇ ଯାଞ୍ଚ ସମୟରେ ସେଥିରୁ ୪ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହିତ କନ୍ଧମାଳ ଜିଲ୍ଲା କରେକମ୍ବା ଗ୍ରାମର ବଳିୟାର ସିଂ ବାଗ ଓ ମହାରାଷ୍ଟ୍ର ରାଜ୍ୟ ୱାର୍ଦ୍ଧା ଜିଲ୍ଲା ଧଙ୍ଗରପୁରା ଗ୍ରାମର ରୀତିକ ଅମ୍ବାଦାସ ରାବେକାରକୁ ଗିରଫ କରି ଅବକାରୀ ମାମଲା ନମ୍ବର-୧୮୪/୨୬-୨୭ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଏହି ଗଞ୍ଜେଇ କନ୍ଧମାଳରୁ ମହାରାଷ୍ଟ୍ର ନେଉଥିବା ପ୍ରକାଶ କରିଛି। ଏହି ବ୍ୟକ୍ତିମାନେ ଲଗାତାର ଭାବେ ଗଞ୍ଜେଇ ଚାଲାଣ କରିଥାନ୍ତି।

## ବଡ଼ ନଦୀରେ ବୁଡି ବୃଦ୍ଧ ମୃତ

ଆସିକା(ନିପ୍ର): ଆସିକା ଥାନା କର୍ପୁର ନୂଆଗାଁ ବଡ ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତବ୍ୟକ୍ତି ସେହି ଗ୍ରାମର ଭାଗିରଥି ବେହେରା (୫୦) ହୋଇଥିବା ଜଣାପଡିଛି। ଭାଗିରଥି ଆଜି ସକାଳ ୧୦ଟା ବେଳେ ବଡ଼ ନଦୀକୁ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜା ଖୋଜି ପରେ ବି କୌଣସି ସନ୍ଧାନ ନପାଇବାରୁ ଆସିକା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜାଖୋଜି ପରେ ବଢିଲା ନଦୀରୁ ଭାଗିରଥିଙ୍କୁ ଉଧାରକରିବା ସହ ଚିକିତ୍ସା ନିମନ୍ତେ ଆସିକା ମେଡ଼ିକାଲରେ ଭର୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ଜଣାପଡିଛି। ଖବରପାଇ ଆସିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନା କେସ ନମ୍ବର ୩୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



## ଶ୍ରୀ ମା'ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.

### ଟେଣ୍ଡର ନୋଟିସ୍

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୬-୨୭ ମସିହା (ତା. ୧୭.୧୦.୨୦୨୬ରିଖ ଠାରୁ ତା. ୧୬.୧୦.୨୦୨୭ରିଖ) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ପାର୍କିଂ ଷ୍ଟାଣ୍ଡ ପାଇଁ ଟେଣ୍ଡର, ଆସନ୍ତା ତା. ୭.୧୦.୨୦୨୬ ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ । ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ. ୨୦୦୦.୦୦ (ଦୁଇ ହଜାର ଟଙ୍କା) ମୂଲ୍ୟରେ ତା. ୨୮.୦୯.୨୦୨୬ ରିଖଠାରୁ ତା. ୦୨.୧୦.୨୦୨୬ ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ସମୟ ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ । ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା. ୦୫.୧୦.୨୦୨୬ ରିଖ ଅପରାହ୍ନ ୫ ଘଟିକା ସମୟ ମଧ୍ୟରେ ପୂରଣ କରି ସହକାରୀ ଦେବୋତ୍ତର କମିଶନର ଭୁବନେଶ୍ୱରଙ୍କ କକ୍ଷରେ ଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଅର୍ଥାତ, ସେହି ଟେଣ୍ଡର ଗ୍ରହଣ ଯୋଗ୍ୟ ହେବନାହିଁ । ତା. ୦୭.୧୦.୨୦୨୬ ରିଖ ଦିବା ୧୨ (ବାର) ଘଟିକା ସମୟରେ ଚେୟାରମ୍ୟାନ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା ଭୁବନେଶ୍ୱର) ଉପସ୍ଥିତିରେ ଟେଣ୍ଡର ଖୋଲାଯିବ ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ ।

**ତଫସିଲ ନଂ-୧**

**ନିଲାମ ପାଇଁ ଥିବା ଦୋକାନର ବିବରଣୀ(ପାର୍କିଂ ଷ୍ଟାଣ୍ଡ)**

| କ୍ର.ସଂ. | ଷ୍ଟାଣ୍ଡର ନାମ | ୨୦୨୬-୨୭ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|---|
| ୧. | ପାର୍କିଙ୍ଗ ଷ୍ଟାଣ୍ଡ | ଟ.୪୨,୫୨,୧୧୦.୦୦/- | ଟ.୪,୨୫,୨୧୧.୦୦/- |

**କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର / ମୂଲ୍ୟ**

୧. ପାର୍କିଂ ଷ୍ଟାଣ୍ଡ ପାଇଁ ଦେୟର ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଗଲା।

| କ୍ର.ସଂ. ଷ୍ଟାଣ୍ଡର ନାମ | ପାର୍କିଂ ଷ୍ଟାଣ୍ଡ | ଦେୟ |
|---|---|---|
| | ଦୁଇଚକିଆ ଯାନ | ଟ.୧୦.୦୦ |
| | ତିନି ଚକିଆ ଯାନ | ଟ. ୩୦.୦୦ |
| | ଚାରି ଚକିଆ ଯାନ | ଟ. ୫୦.୦୦ |
| | ଚାରିଚକିଆ ଯାନରୁ ଉର୍ଦ୍ଧ୍ୱ (ଭାରୀଯାନ) | ଟ.୧୦୦.୦୦ |

**ସ୍ୱାକ୍ଷର - କୈଳାସ ଚନ୍ଦ୍ର ଦାଶ**

**କାର୍ଯ୍ୟନିର୍ବାହୀ ଅଧିକାରୀ**

**ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ**



## ରେବ ନଦୀରେ ଜଳବୃଦ୍ଧି: ଇଚ୍ଛଦା-ବ୍ରହ୍ମପୁରରେ ଘରେ ପଶିଲା ବନ୍ୟା ପାଣି ଜଳବନ୍ଦୀରେ ୨୦୦ ପରିବାର

ଧାମନଗର, (ନିପ୍ର): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ରେବ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ଇଚ୍ଛଦା ଓ ବ୍ରହ୍ମପୁର ଗ୍ରାମର ପ୍ରାୟ ୨୦୦ ପରିବାର ଜଳବନ୍ଦୀ ହୋଇପଡ଼ିଛନ୍ତି। ତଳିଆ ଅଞ୍ଚଳରେ ବନ୍ୟାଜଳ ଜମି ରହିବା ସହ କେତେକ ଘର ଭିତରକୁ ପାଣି ପଶିଛି। ଲଗାଣ ବର୍ଷାରେ ଦୁଇ ଗ୍ରାମର ଅନେକ ମାଟି ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଚାରିଦିନ ଧରି ଅନେକ ପରିବାର ଘରୁ ବାହାରି ନପାରି ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। କେତେକ ପରିବାରଙ୍କୁ ପଲିଥିନ୍ ମିଳିଥିଲେ ମଧ୍ୟ ଅନେକ ପ୍ରଭାବିତ ପରିବାର ଏବେ ବି ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ଶନିବାର ଭଗବାନପୁର ପଞ୍ଚାୟତ ବିଜେଡିର ଏକ ପ୍ରତିନିଧି ଦଳ ଇଚ୍ଛଦା ଓ ବ୍ରହ୍ମପୁର ଗ୍ରାମର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଜଳବନ୍ଦୀ ପରିବାରଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ଚିହ୍ନଟ କରି ତୁରନ୍ତ ରିଲିଫ ଓ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଦଳ ପକ୍ଷରୁ ଦାବି କରାଯାଇଛି।ପରିଦର୍ଶନରେ ପଞ୍ଚାୟତ ସମିତି ସଭ୍ୟ ସୁଦୀପ୍ତ ଖଟୁଆ, ନାଏବ ସରପଞ୍ଚ ତଥା ବିଜେଡି ପଞ୍ଚାୟତ ସଭାପତି ଗୌରାଙ୍ଗ ଦାସ, ବରିଷ୍ଠ ନେତା ସୁରେନ୍ଦ୍ର ନନ୍ଦୀ, ନରୋତ୍ତମ ଦେ, ଯୁବନେତା ମୋହନ ବେହେରା, ଚକ୍ରଧର ରାଉତ, ଅଶୋକ ରାଉତ, କାଳନ୍ଦୀ ଜେନା ଏବଂ ୱାର୍ଡ ସଭ୍ୟା ବାସନ୍ତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଫ୍ରେଣ୍ଡସିପ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ-ଦିନଲିପି)

### କବାଡିରେ ଭାରତର ସ୍ୱର୍ଣ୍ଣ ଅଭିଯାନ

# ମହିଳା ପରେ ପୁରୁଷ ଦଳକୁ ମଧ୍ୟ 'ଗୋଲ୍ଡ ମେଡାଲ'



ନୂଆଦିଲ୍ଲୀ, ୨୬।୯: ଭାରତୀୟ ପୁରୁଷ ଟିମ୍ ଶନିବାର ଏସିଆନ୍ ଗେମ୍ସ ୨୦୨୬ କବାଡି ଫାଇନାଲରେ ଇରାନକୁ ହରାଇ ଜିତିଛି ସ୍ୱର୍ଣ୍ଣ ପଦକ। ଟାଇଟଲ ମୁକାବିଲାରେ ଭାରତ ଇରାନକୁ ୪୦-୩୪ରେ ପରାସ୍ତ କରିଛି। ଏସିଆନ୍ ଗେମ୍ସ ଇତିହାସରେ ଏହା ଭାରତୀୟ କବାଡି ଦଳର ନବମ ସ୍ୱର୍ଣ୍ଣ ପଦକ। ଏହା ସହ ୨୦୨୬ ଏସିଆନ୍ ଗେମ୍ସରେ ଭାରତର ଦ୍ୱିତୀୟ ପଦକ। ଭାରତ ଏପର୍ଯ୍ୟନ୍ତ ସମସ୍ତ ସଂସ୍କରଣରେ ପଦକ ଜିତିସାରିଛି। ଏହା ପୂର୍ବରୁ ଶନିବାର ଭାରତୀୟ ମହିଳା କବାଡି ଦଳ ମଧ୍ୟ ଇରାନକୁ ହରାଇ ସ୍ୱର୍ଣ୍ଣ ଜିତିଥିଲା। ମହିଳା ଫାଇନାଲରେ ଭାରତ ୩୭-୩୪ ରେ ଇରାନକୁ ପରାସ୍ତ କରିଥିଲା। ଏହା ସହ ୨୦୨୬ ଏସିଆନ୍ ଗେମ୍ସରେ କବାଡିର ଉଭୟ ପୁରୁଷ ଓ ମହିଳା ବର୍ଗରେ ଭାରତ ସ୍ୱର୍ଣ୍ଣ ଜିତିଛି। ଏହା ସହ ମହିଳା ବର୍ଗରେ ଭାରତ ଚତୁର୍ଥ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହି ମ୍ୟାଚ୍ ଭାରତୀୟ ଦଳକୁ ଆରମ୍ଭରେ କଡ଼ା ପ୍ରତିରୋଧର ସାମ୍ନା କରିବାକୁ ପଡ଼ିଥିଲା। ପ୍ରଥମ ୨୦ ମିନିଟ୍‌ରେ ଇରାନ ୧୮-୧୭ରେ ଆଗୁଆ ଥିଲା। କିନ୍ତୁ ଦ୍ୱିତୀୟ ହାଫ୍‌ରେ ଭାରତୀୟ ଦଳ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ୨୩-୧୬ରେ ଇରାନକୁ ପଛରେ ପକାଇ ଦେଇଥିଲା। ମ୍ୟାଚ୍ ନିର୍ଣ୍ଣାୟକ ପର୍ଯ୍ୟାୟରେ ଭାରତ ଇରାନକୁ ଅଲଆଉଟ୍ କରି ଚାପ ବଢ଼ାଇ ଦେଇଥିଲା। ଏହାପରେ ଭାରତୀୟ ଦଳ ନିଜର ଦୃଢ଼ ଡିଫେନ୍ସ ଏବଂ ଆକ୍ରମଣାତ୍ମକ ଖେଳ ଜାରି ରଖି ବିଜୟ ନିଶ୍ଚିତ କରିଥିଲା। ପୁରୁଷ କବାଡି ୧୯୯୦ ମସିହାରୁ ଏସୀୟ କ୍ରୀଡ଼ାର ଏକ ଅଂଶ ହୋଇଆସିଛି ଏବଂ ଭାରତ ଏପର୍ଯ୍ୟନ୍ତ ନଅଟି ସ୍ୱର୍ଣ୍ଣ ପଦକ ଜିତିଛି। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅନ୍ୟ ଦେଶ ହେଉଛି ଇରାନ, ଯିଏ ୨୦୧୮ରେ ଜିତିଥିଲା। ସେତେବେଳେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଭାରତୀୟ ପୁରୁଷ ଦଳ ମଧ୍ୟ ଡିଫେଣ୍ଡିଂ ଚାମ୍ପିଅନ। ସେମିଫାଇନାଲରେ ଥାଇଲ୍ୟାଣ୍ଡ ବିପକ୍ଷରେ ୬୬-୨୮ ବିଜୟ ସହିତ ଏହା ନବମ ସ୍ୱର୍ଣ୍ଣ ପଦକ ଜିତିବାର ଆଶାକୁ ବୃଦ୍ଧି କରିଥିଲା। ଭାରତୀୟ ଦଳ ପୂର୍ବରୁ ଦକ୍ଷିଣ କୋରିଆ, ଜାପାନ, ବାଂଲାଦେଶ, ଚାଇନିଜ୍ ତାଇପେ ଏବଂ ଥାଇଲ୍ୟାଣ୍ଡକୁ ପରାସ୍ତ କରିଥିଲା। ଏହା ସହ କବାଡିର ଉଭୟ ପୁରୁଷ ଓ ମହିଳା ବର୍ଗରେ ଭାରତ ଚାମ୍ପିୟନ୍ ହୋଇଛି। ପୁରୁଷ କବାଡିର ସ୍ୱର୍ଣ୍ଣ ସହ ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ମୋଟ ପଦକ ସଂଖ୍ୟା ୨୮ରେ ପହଞ୍ଚିଛି। ଭାରତ ଏପର୍ଯ୍ୟନ୍ତ ୪ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୧୩ଟି ବ୍ରୋଞ୍ଜ ପଦକ ଜିତିଛି।

## ଫେବୃୟାରୀ ସୁଦ୍ଧା ନିଯୁକ୍ତି ହେବେ ୧୦ ହଜାର ପୋଲିସ



ଭୁବନେଶ୍ୱର, ୨୬।୯: ପୋଲିସ ବିଭାଗରେ ହେବ ନିଯୁକ୍ତି । ଆସନ୍ତା ଫେବୃୟାରୀ ସୁଦ୍ଧା ନିଯୁକ୍ତି ହେବେ ୧୦ ହଜାର ପୋଲିସ । ଏନେଇ ସୂଚନା ଦେଇଛନ୍ତି ପୋଲିସ ଡିଜି ବିନୟତୋଷ ମିଶ୍ର । ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ପ୍ରତି ଜିଲ୍ଲାରେ ସାଇବର ଥାନା ଅଛି ।

# ୨୦୨୭ ବିଶ୍ୱକପ୍ ମୋର ଶେଷ ବିଶ୍ୱକପ: କୋହଲି



ନୂଆଦିଲ୍ଲୀ, ୨୬।୯: ଭାରତୀୟ କ୍ରିକେଟ୍ ଦଳର କିମ୍ବଦନ୍ତୀ ଖେଳାଳୀ ବିରାଟ କୋହଲି କହିଛନ୍ତି ଯେ, ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ୨୦୨୭ ଆଇସିସି ପୁରୁଷ କ୍ରିକେଟ୍ ବିଶ୍ୱକପ୍ ଭାରତ ପାଇଁ ତାଙ୍କର ଶେଷ ବିଶ୍ୱକପ୍ ହେବ ଏବଂ ସେ ଏହି ଟୁର୍ଣ୍ଣାମେଂଟ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି । ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଦିନିକିଆ ସିରିଜ୍ ପୂର୍ବରୁ ଜିଓଷ୍ଟାର ସହ କଥାବାର୍ତ୍ତା ବେଳେ କୋହଲି କହିଛନ୍ତି ଯେ, ୫୦ ଓଭର ବିଶ୍ୱକପର ତୀବ୍ରତା ଅନ୍ୟ କୌଣସି ଫର୍ମାଟ୍ ଠାରୁ ଭିନ୍ନ । ସେ କହିଥିଲେ ଯେ, ବିଦେଶୀ ପରିସ୍ଥିତିରେ ହେବାକୁ ଥିବା ବିଶ୍ୱକପ୍‌ରେ କ୍ରମାଗତ ଭାବେ ଉଚ୍ଚ ସ୍ତରର ତୀବ୍ରତା ବଜାୟ ରଖିବା ଏକ ବଡ଼ ଆହ୍ୱାନ ହୋଇଥାଏ । ଭାରତ ପାଇଁ ଏହା ମୋର ଶେଷ ବିଶ୍ୱକପ୍ ହେବ ଏବଂ ଏହା ହିଁ ମୋର ପ୍ରେରଣା ବୋଲି କୋହଲି କହିଛନ୍ତି । ମୁଁ ନିଜର ସର୍ବସ୍ୱ ଦେବାକୁ ଚାହୁଁଛି । ନିଶ୍ଚିତ ଭାବରେ, ଲକ୍ଷ୍ୟ ହେଉଛି ବିଶ୍ୱକପ୍ ଜିତିବା ଏବଂ ମୁଁ ଯାହା ଆବଶ୍ୟକ ତାହା କରିବାକୁ ପ୍ରସ୍ତୁତ । 'କୋହଲି ଏବଂ ରୋହିତ ଶର୍ମା ଏବେ ଅନ୍ତର୍ଜାତୀୟ କ୍ରିକେଟରେ କେବଳ ଗୋଟିଏ ଫର୍ମାଟରେ ଖେଳୁଛନ୍ତି । ଉଭୟ ଆଗାମୀ ବର୍ଷର ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଉପରେ ଧ୍ୟାନ ଦେଉଛନ୍ତି । ଅନ୍ୟପକ୍ଷରେ ରୋହିତ ଶର୍ମା କହିଛନ୍ତି ଯେ, ବିଶ୍ୱକପକୁ ନେଇ ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହୋଇ ନାହିଁ । ସେ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ସେ ଖେଳୁଛନ୍ତି, ତାଙ୍କ ପାଇଁ କିଛି ହାସଲ କରିବାର କିଛି ନା କିଛି ଅଛି ।

### କୁସୁମୀ ନଦୀରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି

# ୩ ପ୍ରମୁଖ ରାସ୍ତାରେ ପ୍ରବାହିତ ହେଉଛି ବନ୍ୟାଜଳ



ଖଣ୍ଡପଡ଼ା, ୨୬।୯(ନି.ପ୍ର): କୁସୁମୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅଧୀନ ଏକାଧିକ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଖଣ୍ଡପଡ଼ାରୁ ବନମାଳିପୁର ଓ ଖଣ୍ଡପଡ଼ାରୁ ଗୁଣ୍ଠୁଣି ରାସ୍ତାରେ ୪ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। କୁସୁମୀ ନଦୀର ବନ୍ୟା ପାଣି ଯୋଗୁଁ ଶାଳଝରିଆ, କୁଞ୍ଜବିହାରୀପୁର, ପୁରୁଣା ସାହାସପୁର, ଶିଖରପୁର ଅଁଳାମଡା, ଗୁଣ୍ଠୁଣି, କୁସୁମିତରା, ରଘୁନାଥପୁର ଗ୍ରାମ ସମେତ ଆଖପାଖ ଗ୍ରାମର ଏକର ଏକର ଚାଷ ଜମିରେ ବନ୍ୟାଜଳ ଲହଡି ଭାଙ୍ଗୁଛି। ସେହିପରି ବିରିଡ଼ିହି ଗ୍ରାମଠାରୁ ନିକଟସ୍ଥ ଅଁଳାମଡା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଯୋଗୁଁ ୨ ଦିନ ହେବ ସେହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଜଣାଯାଇଛି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଏଏସ୍ଆଇ ଡିଜି

ପୁରୀ, ୨୬।୯(ନିପ୍ର): ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆର୍ଶୀବାଦ ନେଇଛନ୍ତି ଏଏସଆଇ ଡିଜି ବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଡିଜି ଯଦୁବୀର୍ ସିଂ ରାଓ୍ୱତ। ମହାପ୍ରଭୁଙ୍କ ଦର୍ଶନ ପରେ ଏଏସଆଇ ଡିଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଆସି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସହ ସାକ୍ଷାତ କରିବା ସହ ମନ୍ଦିର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଉପରେ ଆଲୋଚନା କରିଛନ୍ତି। ପରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ଏଏସଆଇ ଡିଜି ଯଦୁବୀର୍ ସିଂ ରାଓ୍ୱତ। ଶ୍ରୀମନ୍ଦିର ହେଉଛି ପ୍ରାଚୀନ ମନ୍ଦିର, ପୂର୍ବେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ବହୁତ୍ କମ୍ ଭକ୍ତଙ୍କ ଆଗମନ ହେଉଥିଲା। ଏବେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଛି। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ଅନୁଧ୍ୟାନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳୁନାହିଁ। କିନ୍ତୁ ଶ୍ରୀମନ୍ଦିର ପରିଚାଳନା ସମିତିର ସହଯୋଗ ସହ ବିଭିନ୍ନ ସଂରକ୍ଷଣ ଜନିତ ପ୍ରସଙ୍ଗ ଉପରେ ଆଲୋକପାତ କରାଇବା ଯୋଗୁଁ ଏହାକୁ ଅନୁଧ୍ୟାନ କରିବା ପାଇଁ ସହାୟକ ହେଉଛି ବୋଲି କହିଛନ୍ତି ଏଏସଆଇ ଡିଜି। ଏହାସହ ଶ୍ରୀମନ୍ଦିର ଗର୍ଭଗୃହରେ ଦୀର୍ଘବର୍ଷ ଧରି ଲାଗିଥିବା ଆଇରନ୍ ବିମ୍‌କୁ ଅନୁଧ୍ୟାନ କରାଯିବା ସହ ନାଟମଣ୍ଡପ, ଜଗମୋହନ, ଭୋଗମଣ୍ଡପ, ମେଘନାଦ ପ୍ରାଚୀର ଓ ଅନ୍ୟାନ୍ୟ ପାର୍ଶ୍ୱଦେବାଦେବୀ ମନ୍ଦିରକୁ ଯାଞ୍ଚ କରାଯିବ ବୋଲି କହିଛନ୍ତି ଏଏସଆଇ ଡିଜି। ସେପଟେ ଶ୍ରୀମନ୍ଦିର ଐତିହ୍ୟ କୀର୍ତ୍ତିରାଜି ଚତୁଃପାର୍ଶ୍ୱରେ ଏନ୍‌ଏମ୍‌ଏ ଆକ୍ଟ ଉଲଙ୍ଘନ କରି ଅନେକ ନିର୍ମାଣ ଚାଲିଥିବାର ଅଭିଯୋଗ ଆସିଛି। ତେଣୁ ଆଗକୁ ଆଇନ୍‌ରେ ସଂଶୋଧନ କରାଯାଇ ବେଆଇନ୍ ନିର୍ମାଣକୁ ଉଚ୍ଛେଦ କରାଯିବ ବୋଲି କହିଛନ୍ତି ଏଏସଆଇ ଡିଜି। ଏହାସହ କୋଣାର୍କ ମନ୍ଦିରର ବାଲି କଢାଯିବା ଭିତ୍ତିଭୂମିକୁ ନେଇ ଯାଞ୍ଚ କରାଯାଇଛି ଏବଂ ଏହି ଯାଞ୍ଚରେ ଜଣାପଡିଛି ୫ ମିଟର ପର୍ଯ୍ୟନ୍ତ ଭିତ୍ତିଭୂମି ବହୁତ୍ ସୁଦୃଢ଼ ରହିଛି। ଏହାସହ ପ୍ରାଚୀନ କୀର୍ତ୍ତିରାଜିର ଯେଉଁ କିଛି ଛୋଟଛୋଟ ଅବକ୍ଷୟ ରହିଛି ସେଗୁଡିକ ମରାମତି କରାଯିବ ବୋଲି କହିଛନ୍ତି ଏଏସଆଇ ଡିଜି।

### ଅବପାତଜନିତ ବ୍ୟାପକ ବର୍ଷା ପରେ ବନ୍ୟା ଆଶଙ୍କା

# ବିପର୍ଯ୍ୟୟ ମୁକାବିଲା ପାଇଁ ସରକାରଙ୍କ କାର୍ଯ୍ୟ ପ୍ରଶଂସନୀୟ: ମନମୋହନ ସାମଲ



ଭୁବନେଶ୍ୱର, ୨୬।୯: ବଙ୍ଗୋପସାଗରରେ ଗଭୀର ଅବପାତ ଯୋଗୁ ସାରା ରାଜ୍ୟରେ ପବନ, ବ୍ୟାପକ ବର୍ଷା ଲାଗି ରହିବା ସହ ବହୁ କ୍ଷୟକ୍ଷତି ହୋଇଛି । ଲଗାଣ ବର୍ଷା ଯୋଗୁ ରାଜ୍ୟର ସମସ୍ତ ନଦୀର ଜଳସ୍ତର ବଢ଼ି ପୁନର୍ବାର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ପୂର୍ବଭଳି ଏହି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ଯେଉଁଭଳି ଭାବେ ପ୍ରୟାସ କରୁଛନ୍ତି ତାହା ପ୍ରଶଂସନୀୟ ଅଟେ । 'ଜିରୋ କାଜୁଆଲଟି' ଉପରେ ଗୁରୁତ୍ୱ ଦିଆଯାଇ ତଳିଆ ଓ ଅସୁରକ୍ଷିତ ଅଂଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ଅଂଚଳକୁ ସ୍ଥାନାନ୍ତର କରାଯାଉଛି । ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟ ପରିବେଷଣକୁ ପ୍ରାଧାନ୍ୟ ଦିଆଯିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି । ରାସ୍ତାଘାଟ ସଫା କରି ଯୋଗାଯୋଗ ପୁନଃକ୍ଷମ କରିବା, ବିଜୁଳି ଓ ପାନୀୟ ଜଳକୁ ଲୋକଙ୍କ ପାଖକୁ ପହଂଚାଇବା ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି । ପ୍ରଭାବିତ ଅଂଚଳରେ ସ୍ଥିତି ସ୍ୱାଭାବିକ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରଖିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ପୁରା ଟିମ୍‌କୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜଣାଇଛନ୍ତି । ଏକ ପ୍ରେସ ବିବୃତିରେ ଶ୍ରୀ ସାମଲ ଦର୍ଶାଇଛନ୍ତି ଯେ, ଏହି ସମୟରେ ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରିବା । ଅବପାତ ହେଉ ବା ବନ୍ୟା ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟରେ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହି ସେବା, ସହାୟତା, ରିଲିଫ୍ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ଦଳର କାର୍ଯ୍ୟକର୍ତ୍ତାମାନେ ପୂର୍ଣ୍ଣ ସହଯୋଗ କରନ୍ତୁ । ବିଶେଷ କରି ଜନସାଧାରଣ ଓ ପ୍ରାଣୀ ସଂପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ଶୁଖିଲା ଓ ରନ୍ଧା ଖାଦ୍ୟ ବଂଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ସହଯୋଗ କରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି । ପ୍ରଶାସନ, ସରକାର, ଅଗ୍ନିଶମ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ୍ ଉଦ୍ଧାରକାରୀ ଦଳ ସହ ମିଶି ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ପାର୍ଟିର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି । ସାମାଜିକ ସଂଗଠନଗୁଡିକ ମଧ୍ୟ ଏହି କାର୍ଯ୍ୟରେ ସହଯୋଗ କରନ୍ତୁ । ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଏହି କଠିନ ପରିସ୍ଥିତିର ମୁକାବିଲା କରିପାରିବା ବୋଲି ଶ୍ରୀ ସାମଲ ଉଲ୍ଲେଖ କରିଛନ୍ତି ।

# ମାଲିଗୁଡ଼ା-ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ

ଭୁବନେଶ୍ୱର, ୨୬।୯: ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍ ସେବା ପ୍ରଭାବିତ ହୋଇଛି। ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଂଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍ କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟ ଠାରେ ଯାତ୍ରା ସମାପ୍ତ କରାଯିବ। ୨୬ ସେପ୍ଟେମ୍ବରରେ ଟ୍ରେନ୍ ନଂ. ୧୮୧୦୭ ରାଉରକେଲା-ଜଗଦଲପୁର ଏକ୍ସପ୍ରେସ୍ ବାତିଲ ରହିବ। ସେହିପରି ୨୭ ସେପ୍ଟେମ୍ବରରେ ଟ୍ରେନ୍ ନଂ. ୫୮୫୦୨ କିରଣ୍ଡୁଲ-ବିଶାଖାପାଟଣା ପାସେଞ୍ଜର୍ , ଟ୍ରେନ୍ ନଂ. ୫୮୫୦୧ ବିଶାଖାପାଟଣା-କିରଣ୍ଡୁଲ ପାସେଞ୍ଜର୍, ଟ୍ରେନ୍ ନଂ. ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ୍ , ଟ୍ରେନ୍ ନଂ. ୧୮୫୧୫ ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ୍ ଏବଂ ଟ୍ରେନ୍ ନଂ. ୧୮୧୦୮ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ୍ ବାତିଲ ରହିବ। କୋରାପୁଟଠାରେ ଯାତ୍ରା ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ଟ୍ରେନ୍ ନଂ. ୧୮୦୦୫ ହାଓ୍ୱଡ଼ା-ଜଗଦଲପୁର ଏକ୍ସପ୍ରେସ୍, ଯାହା ୨୫ ସେପ୍ଟେମ୍ବରରେ ହାଓ୍ୱଡ଼ାରୁ ଯାତ୍ରା ଆରମ୍ଭ କରିଛି, ଏହାର ଯାତ୍ରା କୋରାପୁଟଠାରେ ସମାପ୍ତ ହେବ। କୋରାପୁଟ-ଜଗଦଲପୁର ମଧ୍ୟରେ ଏହି ଟ୍ରେନ୍‌ର ସେବା ବାତିଲ ରହିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଂଚ କରିପାରିବେ।

# ଭୁବନେଶ୍ୱରକୁ ଜିଲ୍ଲାର ମାନ୍ୟତା ମିଳୁ: ସେବା ପ୍ରତିନିଧି

ଭୁବନେଶ୍ୱର, ୨୬।୯(ନିପ୍ର): ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱରକୁ ଜିଲ୍ଲା କରାଯାଉ ଦାବିରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଜନ ଜାଗରଣ ସୃଷ୍ଟି କରାଯାଉଛି। ଭାରତ ବର୍ଷର ଯେକୌଣସି ରାଜ୍ୟର ରାଜଧାନୀକୁ ଜିଲ୍ଲାର ମାନ୍ୟତା ମିଳିଥିବା ବେଳେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସେଥିରୁ ବାଦ୍ ପଡ଼ିଛି। ସେବା ପ୍ରତିନିଧି ଭୁବନେଶ୍ୱର ଜିଲ୍ଲା ଦାବି କରିବା ପୂର୍ବରୁ ଆଇନଜୀବୀ ହାଡିବନ୍ଧୁ ହାର୍ଲି, ଆଇନଜୀବୀ ଶିବାନନ୍ଦ ରାୟଙ୍କ ନେତୃତ୍ୱରେ ଓକିଲ ସଂଘ, କଂଗ୍ରେସର ନେତୃବୃନ୍ଦ, ଲିଙ୍ଗରାଜ ସାହୁ ଅନେକ ବୁଦ୍ଧିଜୀବିଙ୍କୁ ନେଇ ଦାବି କରିଆସିଛନ୍ତି। ବିଭିନ୍ନ ଛୋଟ ବଡ଼ ଅନୁଷ୍ଠାନ ଭୁବନେଶ୍ୱରକୁ ଜିଲ୍ଲାର ମାନ୍ୟତା ଦାବି କରିଆସୁଛନ୍ତି।ତାହା ଅଦ୍ୟାବଧି ସମାଧାନ ହୋଇପାରିନାହିଁ। ୧୯୯୩ ମସିହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରକୁ ଖୋର୍ଦ୍ଧା ଜିଲ୍ଲାରେ ରଖାଯାଇଥିଲା। ବର୍ତ୍ତମାନ ୪୦ ବର୍ଷ ବିତିଯାଇଥିଲେ ମଧ୍ୟ ପୁନଃ ଗଠନ କାର୍ଯ୍ୟ କରାଯାଇନାହିଁ।

# ଭୁଶୁଡ଼ିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର

ବୋଲଗଡ଼, ୨୬।୯(ନିପ୍ର): ସାରା ରାଜ୍ୟରେ ଲଗାଣ ବର୍ଷାରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକରେ ଲୋକମାନଙ୍କର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାତାର ଲଘୁଚାପଜନିତ ବର୍ଷା ଯୋଗୁଁ ଅନେକ ଲୋକମାନଙ୍କର ଘର ଭାଙ୍ଗିଯାଇଥିବା ବେଳେ ଅନେକ ପରିବାର ଭୟ ଓ ଆତଙ୍କ ମଧ୍ୟରେ ରାତି କାଟୁଥିବା ଜଣାପଡ଼ିଛି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଦଳେଇ ସାହିର ରାମ ପ୍ରଧାନଙ୍କ ଦୁଇବଖରା ଘର, ଆନନ୍ଦ ପ୍ରଧାନ ଦୁଇ ବଖରାଘର ଓ ପହଲି ବେହେରାଙ୍କ ଦୁଇବଖରା ଝାଟିମାଟି କୁଡ଼ିଆ ଘର ଲଗାଣ ବର୍ଷାରେ ଭାଙ୍ଗି ମାଟିରେ ମିଶିଯାଇଛି। ଉଭୟ ପରିବାର ରାତିରେ ଖାଇସାରି ଶୋଇଥିବା ସମୟରେ ପ୍ରାୟ ରାତି ୧୦ଟା ୩୦ରେ ହଠାତ୍ ସେମାନଙ୍କର ଘର ଭୁଶୁଡ଼ି ପଡ଼ିଥିଲା। ଘର ଗୁଡିକ ସମ୍ପୂର୍ଣ୍ଣ ଭାବେ ଦମ୍ପତିଙ୍କ ଉପରେ ପଡ଼ିଯାଇଥିଲା। ଘର ଭାଙ୍ଗିଯିବା ପରେ ପରିବାର ଲୋକେ ରାତିସାରା ଉଜାଗର ରହିଥିବା କହିଛନ୍ତି। ବର୍ଷା ଓ ଭଙ୍ଗା ଘର ଯୋଗୁଁ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଏଭଳି ପରିସ୍ଥିତିରେ ବ୍ଲକ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରାଯିବା ସହିତ ଯୋଗ୍ୟ ପରିବାରଗୁଡ଼ିକୁ ତୁରନ୍ତ ସରକାରୀ ସହାୟତା, ଆବାସ ଓ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ ଖଙ୍ଗୁରିଆ ଗ୍ରାମବାସୀମାନେ ଦାବି କରିଛନ୍ତି ।

# 'ଅଙ୍ଗନ୍ କା ଉତ୍ସବ' ଅଭିଯାନ ଉଦ୍‌ଘାଟିତ

## ■ ବଢ଼ିଲା ଶାଢି ଭତ୍ତା ■ 'ତ୍ରିରଙ୍ଗା ଥାଳି' ଭୋଜନର ବ୍ୟବସ୍ଥା

ଭୁବନେଶ୍ୱର, ୨୬।୯: ରାଜ୍ୟରେ ଶିଶୁ, ମହିଳା ଓ କିଶୋରୀମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗର ସମ୍ମିଳନୀ କକ୍ଷରୁ 'ଅଙ୍ଗନ୍ କା ଉତ୍ସବ' ଅଭିଯାନର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ।ଏହି ସମାରୋହ ଅବସରରେ ମହିଳା ଓ ଶିଶୁ କଲ୍ୟାଣକୁ ଆହୁରି ସୁଦୃଢ଼ କରିବା ସହ ଆଗଧାଡ଼ିର କର୍ମୀଙ୍କ ଯୋଗଦାନକୁ ସ୍ୱୀକୃତି ଦେଇ, ଉପମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଅଙ୍ଗନଓ୍ୱାଡି କର୍ମୀ ଓ ସହାୟିକାମାନଙ୍କ ଶାଢି ଭତ୍ତା ବାବଦକୁ ୧୩୯୦/- ଟଙ୍କାରୁ ୧୫୦୦/- ଟଙ୍କାକୁ ବୃଦ୍ଧି କରାଯାଇଛି, ଯେଉଁଥିରେ କେନ୍ଦ୍ର ସରକାର ୬୦୦ ଟଙ୍କା ଏବଂ ରାଜ୍ୟ ସରକାର ୯୦୦ ଟଙ୍କା ପ୍ରଦାନ କରିବେ । ସମୁଦାୟ ୨୨.୩୦ କୋଟି ଟଙ୍କାର ବ୍ୟୟବରାଦରେ ରାଜ୍ୟର ପ୍ରାୟ ୧.୪୮ ଲକ୍ଷ ଅଙ୍ଗନଓ୍ୱାଡି କର୍ମୀ ଓ ସହାୟିକା ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ଏଥିସହ ରାଜ୍ୟର ପୋଷଣ, ସ୍ୱାସ୍ଥ୍ୟ ଓ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସେବାର ମୁଖ୍ୟ ପୁରୋଧା ସାଜିଥିବା ଅଙ୍ଗନବାଡ଼ି କର୍ମୀଙ୍କ ପ୍ରଶାସନିକ ବୋଝ କମାଇବା ପାଇଁ, ଉପମୁଖ୍ୟମନ୍ତ୍ରୀ 'ଦୀପ୍ତି' ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଡିସକମ୍‌ର ମିଳିତ ସହଯୋଗରେ ବିକଶିତ ଏହି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବିଜୁଳି ବିଲ୍ ଯାଞ୍ଚ, ପରିଶୋଧ ଓ ଟ୍ରାକିଂ ସିଧାସଳଖ ସମ୍ପାଦିତ ହେବ । ସେପ୍ଟେମ୍ବର ୨୭ ତାରିଖରେ ପୁଷ୍ଟି ଏବଂ ଖାଦ୍ୟ ସମ୍ବନ୍ଧୀୟ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯିବ। ଏଥିରେ ପରିବାରଗୁଡ଼ିକ 'ପୋଷଣ ପିଠା' ପ୍ରଦର୍ଶନ କରିବେ ଏବଂ ପିତାମାନେ ସ୍ଥାନୀୟ ଉପଲବ୍ଧ ଖାଦ୍ୟ ସାମଗ୍ରୀ ବ୍ୟବହାର କରି ରୋଷେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେପ୍ଟେମ୍ବର ୨୮ ତାରିଖରେ ଶିଶୁ-କେନ୍ଦ୍ରିକ ମନୋରଞ୍ଜନମୂଳକ କାର୍ଯ୍ୟକଳାପ, ଖେଳ ଏବଂ କାହାଣୀ କହିବା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଶେଷ ଦିନ, ଅର୍ଥାତ୍ ସେପ୍ଟେମ୍ବର ୨୯ ତାରିଖରେ ପୋଷଣ , ସୁଭଦ୍ରା , ମମତା , ପ୍ରଧାନମନ୍ତ୍ରୀ ଆବାସ ଏବଂ ଅଦ୍ୱିକା ଭଳି ସରକାରୀ ଯୋଜନା ଓ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ। ଅଙ୍ଗନବାଡ଼ି ଓ ଆଶା କର୍ମୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟକର 'ତ୍ରିରଙ୍ଗା ଥାଳି' ଭୋଜନର ମଧ୍ୟ ବ୍ୟବସ୍ଥା କରାଯିବ।

# ବିପଦସଙ୍କୁଳ ଗୃହରେ ଚାଲିଛି ସେବା ସମବାୟ ସମିତି କାର୍ଯ୍ୟାଳୟ

## ଛାତରୁ ପାଣି ଗଳି ନଷ୍ଟ ହେଉଛି ମୂଲ୍ୟବାନ କାଗଜପତ୍ର



କଣ୍ଟିଲୋ, ୨୬।୯(ନି.ପ୍ର): ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଖଣ୍ଡପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ ଗୃହଟି ଏବେ ବିପଦସଙ୍କୁଳ ଅବସ୍ଥାରେ ଦଣ୍ଡାୟମାନ। ଗତ ୧୯୫୧ ମସିହା ଜାନୁଆରୀ ୨୪ ତାରିଖରେ ଏହି କାର୍ଯ୍ୟାଳୟଟି ପ୍ରତିଷ୍ଠା ହୋଇଥିଲେ ହେଁ ସେବା ସମବାୟ ସମିତି କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ନାମରେ ଉକ୍ତ ଜାଗାର ପଟ୍ଟା ନ ଥିବାରୁ ଏହାର ଆନୁସଙ୍ଗିକ ଉନ୍ନତିକରଣ ଦିଗରେ ସରକାରୀ ଅନୁଦାନ ଅର୍ଥ ମିଳୁ ନଥିବା ଅଭିଯୋଗ ହେଉଛି। ଫଳରେ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ସମିତି କାର୍ଯ୍ୟାଳୟ ଗୃହ କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ ଗୃହ ଛାତ ତଳୁ ଖଣ୍ଡ ଖଣ୍ଡ ହୋଇ ସିମେଣ୍ଟ କଂକ୍ରିଟ ଖସି ପଡୁଛି। ବର୍ଷା ସମୟରେ ଛାତରୁ ପାଣି ଗଳି ମୂଲ୍ୟବାନ ସରକାରୀ କାଗଜପତ୍ର ନଷ୍ଟ ହେଉଥିବାରୁ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ପ୍ରତିବର୍ଷ ଉକ୍ତ ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲୁଥିଲେ ହେଁ ଆବଶ୍ୟକ ସ୍ଥାନ ଅଭାବରୁ ବାଇପାସ ରାସ୍ତାର ଉଭୟ ପାର୍ଶ୍ୱରେ ଚାଷୀମାନେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ମହଜୁଦ ରଖି ମିଲରଙ୍କୁ ବିକ୍ରି କରୁଥିବା ଜଣାପଡିଛି। ଏପରିକି ଶୀତ କାକର ଓ ଅଦିନିଆ ବର୍ଷାରେ ବାହାରେ ପଡ଼ି ରହି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ମିଲରଙ୍କୁ ଧାନ ବିକ୍ରି କରିଥାନ୍ତି ।ସେହିପରି ସମୟ ଓ ଅସମୟରେ ଧାନ କ୍ରୟ ନିମନ୍ତେ ମିଲର କର୍ତ୍ତୃପକ୍ଷ ନ ଆସିଲେ କିମ୍ବା ବର୍ଷା ପବନ ହେଲେ ଚାଷୀମାନେ ଧାନ ବସ୍ତା ଗୁଡିକ ମହଜୁଦ ରଖିବା ନିମନ୍ତେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପ୍ରକାଶଥାଉକି ଖଣ୍ଡପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟଟି ଯେଉଁ ଜାଗାରେ ଅବସ୍ଥିତ ସେହି ଜାଗାର ପଟ୍ଟା କର୍ତ୍ତୃପକ୍ଷଙ୍କ ନିକଟରେ ନଥିବା କାରଣରୁ କାର୍ଯ୍ୟାଳୟର ଉନ୍ନତିକରଣରେ ଅନୁଦାନ ଅର୍ଥ ବାଧକ ସାଜିଥିବା ଜଣାପଡ଼ିଛି। ସମବାୟ ସମିତିର ସମ୍ପାଦକ ଗୋପୀନାଥ ଆଚାର୍ଯ୍ୟ ଉକ୍ତ ଜାଗାର ପଟ୍ଟା ପାଇବା ନିମନ୍ତେ ଗତ ୨ ବର୍ଷ ହେଲା ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ଆବେଦନପତ୍ର ଦାଖଲ କରିଛନ୍ତି। ମାତ୍ର ଅଦ୍ୟାବଧି ତହସିଲ କର୍ତ୍ତୃପକ୍ଷ ଉକ୍ତ ଜାଗାର ପଟ୍ଟା ପ୍ରଦାନ ନକରି ବିଭିନ୍ନ ଆଳ ଦେଖାଇ ମାସ ପରେ ମାସ ଗଡାଇ ଚାଲିଥିବା ଅଭିଯୋଗ ହେଉଛି। ଅପରପକ୍ଷେ ସମବାୟ ସମିତି କାର୍ଯ୍ୟାଳୟଟି ଦିନକୁ ଦିନ ରୁଗଣ ଅବସ୍ଥାକୁ ଚାଲି ଆସୁଥିବା ଜଣାଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dated 21/09/2026, I paru Devi W/O-Gangadhar Swain At/P.O-Kulei, P. S-Nachuni, Dist- Khordha, Odisha, pin-752034, declare that I have changed my name from Paru Dei to Paru Devi, Henceforth, I shall be known as Paru Devi for all purposes.

Sd-Paru Devi

**AFFIDAVIT**

By virtue of an affidavit Sworn before the Notary Public ,Champua , affidavit no 3740 dated 26/09/2026,I Rangalata Naik W/o- Belala Sen Naik of Village- Jamudiha, Po-Palaspanga ,Ps-Sad ar (Raisuan) ,Dist -Keonjhar, 758031,Odisha, hereby changed my name from Ramgabati Naik (Old name ) to Rangalata Naik (New Name) Henceforth, I shall be known as Rangalata Naik for all purposes

S/D- Rangalata Naik .

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ